READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୫ ସଂଖ୍ୟା-୪୪ ୧୫ - ୨୧ ନଭେମ୍ବର, ୨୦୨୧ ଭୁବନେଶ୍ୱର Monday Weekly VOL-5 ISSUE-44 15th - 21st NOVEMBER, 2021 BHUBANESWAR ₹ 5/- (8 Pages)

### ସୌମ୍ୟଙ୍କୁ ନେଇ ବିଜେଡିର ମାନସ ମନ୍ଥନ

# ସୁପ୍ରିମୋ ନେବେ କାର୍ଯ୍ୟାନୁଷ୍ଠାନ !

**ଭୁବନେଶ୍ୱର, (ତାରକ ମହାନ୍ତି) :** ବିଜେଡି ଦଳର ବିଧାୟକ ତଥା ଗଣମାଧ୍ୟମ କ୍ଷେତ୍ରରେ ଜଣେ ପ୍ରଭାବଶାଳୀ ବା ଓଜସ୍ୱିନୀ ବକ୍ତାଭାବେ ତାଙ୍କର ବେଶ ସୁନାମ ବି ଆଗରୁ ରହିଥିଲା। ଦୀର୍ଘ ବର୍ଷଧରି ତାଙ୍କ ସମ୍ପାଦନରେ ପ୍ରଚଳିତ ଥିବା ଓ ପ୍ରକାଶ ପାଉଥିବା ଦୈନିକ ସମ୍ବାଦ ଗଣମାଧ୍ୟମ କ୍ଷେତ୍ରରେ ବି ନିଜର ପ୍ରଭାବ ବଜାଇ ରଖିଛନ୍ତି। ରାଜନୈତିକ ଦୃଷ୍ଟିକୋଣରୁ ସେ ଯେତିକି ଜଣାଶୁଣା ନଥିଲେ ତା ଠାରୁ ଅଧିକା ପରିଚିତ ଥିଲେ ରେଡିଓ ଚକୋଲେଟ ଓ ରକ୍ତଦାନ ଶିବିର ପରି ରାଜ୍ୟରେ ଝଡ ସୃଷ୍ଟି କରିପାରୁଥିବା ଜଣେ ସଫଳ ବ୍ୟକ୍ତିତ୍ୱର ଅଧିକାରୀଭାବେ ରାଜନୈତି କ୍ଷେତ୍ରରେ ସ ବିଫଳ ହୋଇଥିଲେ ବି କଂଗ୍ରେସ, ବିଜେପି,



ଏନସିପି ଶେଷରେ ଆମ ଓଡିଶା ପାର୍ଟିରେ ରହି ନିର୍ବାଚନ ଲଢୁଥିଲେ ବି ତାଙ୍କୁ ରାଜନୈତିକ ସଫଳତା ମିଳିପାରିନଥିଲା। ବ୍ୟକ୍ତିଗତ ଭାବେ ସେ ନିନ୍ଦିତ କେବେ ହୋଇନଥିଲେ କି ବିବାଦୀୟ ନଥିଲେ। ହେଲେ ତାଙ୍କର ସଫଳତା ଆରମ୍ଭ ହୋଇଥିଲା ଯେତେବେଳେ ସେ ଚାଷୀମାନଙ୍କୁ ପାୱାର, ପେନସନ ଓ ପ୍ରେଷ୍ଟିଜ ଉପରେ ଗୁରୁତ୍ୱ ଦେଇ ନବନିର୍ମାଣ କୃଷକ ସଂଗଠନ ସହିତ ଯୋଡି ହୋଇ ରାଜ୍ୟରେ ଜନଆନ୍ଦୋଳନର ଡାକରା ଦେଇ ଏକ ପାୱାର କରିଡର ସୃଷ୍ଟି କରିଥିଲେ। ଠିକ ସେତିକି ବେଳେ ବିଜେଡି ସୁପ୍ରିମୋଙ୍କ ଦୃଷ୍ଟିକୁ ଆସିବାରୁ ଖଣ୍ଡପଡା ବିଧାୟକ ଭାବେ ଦଳ ପକ୍ଷରୁ ତାଙ୍କୁ ପ୍ରାର୍ଥୀ କରାଯାଇଥିଲା ଏବଂ ସେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ବିଜେଡି ଦଳରୁ ବିଧାୟକ ଓ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜ୍ୱାଇଁ ହୋଇଥିବାରୁ ମନ୍ତ୍ରୀ ହେବାର ଏକପ୍ରକାର ଅପେକ୍ଷାରେ ହିଁ ଥିଲେ। ହେଲେ ଭାଗ୍ୟ ତାଙ୍କୁ ସହାୟତ ଦେଲାନାହିଁ। ସୌମ୍ୟବାବୁ ଜଣେ ମେଧାବୀ ଛାତ୍ର ହୋଇଥିବାରୁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଅଧ୍ୟପକ ଭାବେ କାର୍ଯ୍ୟ କରୁଥିଲେ। ରାଜନୈତିକ ଆକାଂକ୍ଷା ରଖି ସେ ବିଜେଡି ଦଳର ବିଧାୟକ ହୋଇ ବି ମନ୍ତ୍ରୀମଣ୍ଡଳରେ ସ୍ଥାନ ➤ ପୃ-୬

### ସାଟେଲାଇଟ୍ ଚିତ୍ରରେ ଭୟଙ୍କର ତଥ୍ୟ

# ଧାନ ବିକ୍ରି ପାଇଁ ଜଙ୍ଗଲ, ଜଳାଶୟ, ଘରବାଡ଼ି ହୋଇଛି ପଞ୍ଜୀକୃତ

**ଭୁବନେଶ୍ୱର :** ଖରିଫ ଧାନ ବିକ୍ରି କରିବା ପାଇଁ ଜମି ପଞ୍ଜିକରଣରେ ଚଞ୍ଚକତା ଦେଖା ଦେଇଛି। ଅଣଚାଷ ଜମିକୁ ପଞ୍ଜିକରଣ ସମୟରେ ଧାନ ଚାଷ ହୋଇଥିବା ବୋଲି ଦର୍ଶାଇ ପଞ୍ଜିକରଣ ହୋଇଛି। ଏପରିକି ପଡ଼ିଆ, ଜଙ୍ଗଲ, ବୁଦା ଓ ଘରବାରି ଥିବା ଜମିକୁ ଚାଷ ଜମି ବୋଲି ପଞ୍ଜିକରଣ କରାଯାଇଥିବା ନେଇ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ଏସବୁ ଅନିୟମିତତା ସାଟେଲାଇଟ୍ ନଜରରେ ଧରା ପଡ଼ିଯାଇଛି। ଓଡ଼ିଶା ସ୍ପେଶ୍ ଆପ୍ଲିକେସନ ସେଣ୍ଟର ଦ୍ୱାରା ଉପଗ୍ରହ ଜରିଆରେ କରାଯାଇଥିବା ସର୍ଭେ ବେଳେ ସମ୍ବଲପୁର ଉପଖଣ୍ଡରେ ଚିହ୍ନଟ ହୋଇଛି ଏମିତି ୯ ହଜାର ଶହେ ପ୍ଲଟ। ରାଜ୍ୟ ସରକାରଙ୍କର ଓରସାକ ଦ୍ୱାରା ଏହା ଚିହ୍ନଟ କରାଯାଇଛି। ଉପଗ୍ରହ ଚିତ୍ର ଠିକ୍ ଅଛି ନା ନାହିଁ ଜାଣିବାକୁ ଏବେ ଚାଲିଛି ଗ୍ରାଉଣ୍ଡ ଜିରୋରେ ତନାଘନା। ଓଡ଼ିଶା ପ୍ୟାଡ଼ି ଲ୍ୟାଣ୍ଡ ସର୍ଭେ ଆପ୍ଲିକେସନ ମାଧ୍ୟମରେ



ସଂପୃକ୍ତ ପ୍ଲଟକୁ ଯାଇ ଫଟୋ ଅପଲୋଡ କରାଯାଉଛି। ଯାଞ୍ଚ ବେଳେ ସାଟେଲାଇଟ୍ ତଥ୍ୟ ଓ ଗ୍ରାଉଣ୍ଡ ଜିରୋ ତଥ୍ୟ ମଧ୍ୟରେ ୯୯ ପ୍ରତିଶତ ମେଳ ଖାଉଛି। ଅର୍ଥାତ ବଣ, ବୁଦା, ପଡ଼ିଆ, ଘରବାରି, ପୋଖରୀ, ଅଣଧାନ ଜମିକୁ ଧାନ ଜମି ଭାବେ ପଞ୍ଜିକରଣ କରାଯାଇଛି। ଜମି ପଞ୍ଜିକରଣ ବେଳେ ରାଜସ୍ୱ, ➤ ପୃ-୬

# ଭାରତ ପାଇଁ ବିପଦ ଚୀନ୍ : ରାୱତ

**ନୂଆଦିଲ୍ଲୀ :** ଭାରତ ପାଇଁ ସୁରକ୍ଷା ଦୃଷ୍ଟିରୁ ଚୀନ୍ ସବୁଠାରୁ ବଡ଼ ବିପଦ ବୋଲି ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ବିପିନ ରାୱତ କହିଛନ୍ତି। ପୂର୍ବ ଲଦାଖ୍ ସମେତ ବିଭିନ୍ନ ସୀମାରେ ଚୀନ୍‌ର ଭାରତ ବିରୋଧୀ ଷଡ଼ଯନ୍ତ୍ରକୁ ଦୃଷ୍ଟିରେ ରଖି ଜେନେରାଲ ରାୱତ ଆଜି ଏଭଳି ବୟାନ ଦେଇଛନ୍ତି। ରାୱତ କହିଛନ୍ତି ଯେ ଭାରତ ପାଇଁ ବଡ଼ ବିପଦର କାରଣ ହୋଇଥିବା ଚୀନ୍‌ର ମୁକାବିଲା ପାଇଁ ଭାରତ ସବୁ ଦୃଷ୍ଟିରୁ ନିଜକୁ ପ୍ରସ୍ତୁତ କରୁଛି ଏବଂ ହିମାଳୟ ଅଞ୍ଚଳରେ ସୀମାକୁ ସୁରକ୍ଷିତ କରିବା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପକୁ ଆହୁରି ସୁଦୃଢ଼ କରିବାକୁ ପଦକ୍ଷେପ ନିଆଯାଉଛି। ଗତବର୍ଷରୁ



ବିବାଦୀୟ ଅଂଚଳରେ ଯେଉଁ ଅତିରିକ୍ତ ସେନା ମୁତୟନ ଥିଲେ ସେମାନେ ଦୀର୍ଘ ଦିନ ଧରି ସେଠାରେ ମୁତୟନ ରହିବାକୁ ହିଁ ହେବ ବୋଲି ରାୱତ କହିଛନ୍ତି। ପରମାଣୁ ଶକ୍ତି ସଂପନ୍ନ ଦୁଇ ରାଷ୍ଟ୍ର ମଧ୍ୟରେ ସୀମା ବିବାଦର ସମାଧାନ ହୋଇପାରୁନାହିଁ ଏବଂ ଏହା ପଛରେ ବିଶ୍ୱାସର ସଙ୍କଟ ହିଁ ମୁଖ୍ୟ ପ୍ରତିବନ୍ଧକ ବୋଲି ରାୱତ କହିଛନ୍ତି। ସୂଚନାଯୋଗ୍ୟ, ଗତମାସରେ ଭାରତ ଏବଂ ଚୀନ୍ ସାମରିକ କମାଣ୍ଡରଙ୍କ ମଧ୍ୟରେ ୧୩ତମ ଶୀର୍ଷ ବୈଠକ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରୁ କୌଣସି ସମାଧାନ ପନ୍ଥା ବାହାରିଲା ନାହିଁ କିମ୍ବା ଉତ୍ତେଜନା ହ୍ରାସ ପାଇଁ ସହମତି ହୋଇପାରିଲା ନାହିଁ। ତେଣୁ ଭାରତୀୟ ସେନା ଏବେ ଯେଭଳି ସ୍ଥିତିରେ ରହିଛି ସେହି ଅବସ୍ଥାରୁ ପଛକୁ ହଟିବ ନାହିଁ ବୋଲି ରାୱତ କହିଛନ୍ତି। ଭାରତ ଏବଂ ଚୀନ୍ ମଧ୍ୟରେ ଗତ ବର୍ଷ ହୋଇଥିବା ରକ୍ତାକ୍ତ ସଂଘର୍ଷ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ➤ ପୃ-୬

# ଭାରତର ଶିକ୍ଷା ବ୍ୟବସ୍ଥାକୁ ନୂତନ ଶିଖରରେ ପହଁଚାଇବା ପାଇଁ ଆମେ ବଦ୍ଧପରିକର : ଧର୍ମେନ୍ଦ୍ର

**ନୂଆଦିଲ୍ଲୀ/ଭୁବନେଶ୍ୱର :** ନୂଆ ଜାତୀୟ ଶିକ୍ଷା ନୀତି -୨୦୨୦ ସମେତ ବିଭିନ୍ନ ପଦକ୍ଷେପ ଦ୍ୱାରା ଭାରତର ଶିକ୍ଷା ବ୍ୟବସ୍ଥାକୁ ନୂତନ ଶିଖରରେ ପହଁଚାଇବା ପାଇଁ ଭାରତ ସରକାର ବଦ୍ଧପରିକର ବୋଲି ଶୁକ୍ରବାର ନୂଆଦିଲ୍ଲୀ ଠାରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଡିପ୍ଲୋମାଟିକ୍ କନକ୍ଲେଭରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି କନକ୍ଲେଭରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଭାରତର ଶିକ୍ଷା ବ୍ୟବସ୍ଥା ନେଇ ଭାରତ ସରକାରଙ୍କ ଥିବା କଳ୍ପନା ଉପରେ ଅଭିଭାଷଣ ପ୍ରଦାନ କରିଛନ୍ତି। ଭାରତର ଶିକ୍ଷା ବ୍ୟବସ୍ଥାକୁ ନୂତନ ଶିଖରରେ ପହଁଚିବା ପାଇଁ ବିଭିନ୍ନ



ପଦକ୍ଷେପ ଗ୍ରହଣ କରାଯାଉଛି । ଜାତୀୟ ଶିକ୍ଷା ନୀତି ୨୦୨୦ (ଏନଇପି) ଆଧାରରେ ଥିବା ନୀତି ସରଂଚନାକୁ ସକ୍ରିୟ କରାଗଲେ ଶିକ୍ଷା ବ୍ୟବସ୍ଥାରେ ସକରାତ୍ମକ ପରିବର୍ତ୍ତନ ଆସିବ । ସେହିପରି ଗୁଣାତ୍ମକ ଶିକ୍ଷାନୁଷ୍ଠାନ, ବିବିଧ ସଂସ୍କୃତି ସହିତ ସାମାଜିକ ଅନ୍ତର୍ଭୂକ୍ତିକରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ । ଏହାସହ ଶିକ୍ଷା କ୍ଷେତ୍ରରେ ନବସୃଜନ, ଉଦ୍ୟୋଗୀ ଏବଂ ଆନ୍ତର୍ଜାତୀୟକରଣ ଉପରେ ଫୋକସ୍ ଦେବାକୁ ମଧ୍ୟ ସରକାରଙ୍କ କଳ୍ପନା ରହିଛି । ➤ ପୃ-୬

### ବକ୍ରବାଣୀ



କାହାକୁ କହିବି ମହାନ୍ ବୋଲି
ଯିଏ ଢ଼ୋକିଦେଲେ ପାଟିକି ମେଲି
ନା ଯିଏ ଧଇଲେ ଢାଙ୍କୁଣୀ ଖୋଲି
ନା ସୁଟିଙ୍ଗ୍ କଲେ ଲୋକଙ୍କୁ ପେଲି
କେମେରାବାଲାକୁ ଶହେ ଜୁହାର
କେଡେ କଷ୍ଟ କରି ଦେଲା ଖବର
ପେଟ ପୁରିଗଲା ଦେଖି ଛାମୁଁଙ୍କୁ
ଡାହାଣୀ ନଜର ନ ଲାଗୁ ତାଙ୍କୁ
ଚନ୍ଦନ ଟିପାକୁ ବେକରେ ମାଳି
ଥାଇଲାଣ୍ଡବାବୁ ମାରନ୍ତି ତାଳି।

——— ଟୁଟୁ

# ଖଣି ଲିଜ୍ ବିସ୍ତାର ପରେ ପ୍ରକଳ୍ପକୁ ଗ୍ରାମବାସୀଙ୍କ ପ୍ରତିରୋଧ

**ଭୁବନେଶ୍ୱର, (ପ୍ରିୟ ରଞ୍ଜନ ସାହୁ) :** ଓଡ଼ିଶାର କୋରାପୁଟ ଜିଲ୍ଲାରେ ଥିବା ମାଳି ପାହାଡ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର। ଏହି ଅଞ୍ଚଳରେ ସବୁଜ ଧାନ, ଅଦା ଏବଂ ପନିପରିବା କ୍ଷେତର ବିଶାଳ, ଚମତ୍କାର ବିସ୍ତାର ଉପରେ ଅସନ୍ତୋଷ ଦେଖାଦେଇଛି। ଯାହା ମାଳି ପାହାଡ

### ମାଳି ପାହାଡ ବକ୍ସାଇଟ୍ ଖଣି

ପାକଜୋଲା ଗ୍ରାମଠାରୁ ପୃଥକ କରିଥାଏ। ଏହି ପାହାଡରେ ଏକ ପ୍ରସ୍ତାବିତ ଖଣି ପ୍ରକଳ୍ପ ଗ୍ରାମବାସୀଙ୍କୁ ଭୟଭୀତ କରିଛି, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ପରଜା ଜନଜାତିର। ସେମାନେ ଭୟ କରୁଛନ୍ତି ଯେ, ଏହି ପାହାଡକୁ ହଜାରେରୁ ଅଧିକ ଗର୍ଜନ କରୁଥିବା ଟିପର, ଟ୍ରକ ଉପରକୁ ଓହ୍ଲାଇବା ଏବଂ ଏହାର ପାଦଦେଶରୁ ବିସ୍ତୃତ ସବୁଜ ଓ ସୌନ୍ଦର୍ଯ୍ୟ ନଷ୍ଟ ହୋଇଯିବ। 'ଯଦି ମାଳି ପାହାଡ (ପର୍ବତ)ରେ ଖଣି ଖନନ ହୁଏ ତେବେ ଆମର ଜୀବନ ଏବଂ ଜୀବିକା ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯିବ। ଆମେ ଏହା କେବେ ଘଟିବାକୁ ଦେବୁ ନାହିଁ ବୋଲି କମଳା ବାସାକ ନାମକ ଜଣେ ୬୦ ବର୍ଷ ବୟସ୍କା ମହିଳା କହିଛନ୍ତି। ପାଖାପାଖି ୧୭୦ ପରିବାର ସହିତ ପାକଜୋଲା ମଧ୍ୟ ଏକ ଗ୍ରାମ ପଞ୍ଚାୟତ ଅଟେ। ଏହା ମାଳି ପାହାଡ ଚାରିପାଖରେ ଥିବା ଚାରୋଟି ଗ୍ରାମ ପଞ୍ଚାୟତ ମଧ୍ୟରୁ ଗୋଟିଏ। ଏଠାରେ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଦ୍ୱାରା ପ୍ରକଳ୍ପ ହେଲେ ଏହି ଗ୍ରାମ ଗୁଡିକ ପ୍ରଭାବିତ ହେବ। ଏଠାରେ ଥିବା ଚାରି ଗ୍ରାମ ପଞ୍ଚାୟତରେ ପ୍ରାୟ ୨୦,୦୦୦ ଜନସଂଖ୍ୟା ବିଶିଷ୍ଟ ୪୪ ଟି ଗ୍ରାମ ରହିଛି। ମାଳି ପାହାଡରେ ବକ୍ସାଇଟ କାହିଁକି ଖଣି ଖନନ କରାଯିବ ନାହିଁ ବୋଲି କମଳା ସ୍ପଷ୍ଟ





କରିଥିବାରୁ ଅନ୍ୟାନ୍ୟ ମହିଳାମାନେ ସହମତି ପ୍ରକାଶ କରିଥିଲେ। ଏହି ପାହାଡରେ ଘଞ୍ଚ ଜଙ୍ଗଲ, ବନ୍ୟଜନ୍ତୁ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ୩୬ ବର୍ଷୀୟ ସ୍ରୋତ ଯାହା କୋଲାବ ନଦୀକୁ ଜଳ ଯୋଗାଇଥାଏ। ଏଠାରେ ଲୋକମାନେ ବର୍ଷସାରା ଧାନ, ଗହମ, ଡାଲି, ଅଦା, ଆଖୁ ଏବଂ ପନିପରିବା ସହିତ ଏକାଧିକ ଫସଲ ଉତ୍ପାଦନ କରନ୍ତି। ସେମାନେ ଝରଣାରୁ ମାଛ ଏବଂ ପ୍ରବୃତ୍ତି ପାଆନ୍ତି ଏବଂ ଜଙ୍ଗଲରୁ ଛୋଟ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରନ୍ତି । ଏହା ବ୍ୟତୀତ ସେମାନେ ଜଙ୍ଗଲରୁ ସମ୍ବର, ଭାଲୁ ଏବଂ ମୟୂର ପରି ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେଇଥାନ୍ତି। ଖଣି ଦ୍ୱାରା ପାହାଡ ନଷ୍ଟ ହୋଇଗଲେ ପଶୁ ଓ ପକ୍ଷୀମାନଙ୍କ ସହିତ କ'ଣ ହେବ? ସ୍ରୋତରେ କ'ଣ ହେବ ବୋଲି ପ୍ରଶ୍ନ କରିଥିଲେ କମଳା। ଗତ ସେପ୍ଟେମ୍ବର ୨୨ ରେ ଖଣି ଖନନ ପାଇଁ କମ୍ପାନୀକୁ ପରିବେଶ ମଞ୍ଜୁରୀ ନେଇ ଓଡିଶାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ➤ ପୃ-୬




### ରାଜ୍ୟ ସରକାରଙ୍କ ଦୁର୍ନୀତି ବିରୋଧୀ ଅଭିଯାନ ଜାରି

# ଆଉ ୮ ଦୁର୍ନୀତିଗ୍ରସ୍ତ ବାବୁଙ୍କୁ ବାଧ୍ୟତାମୂଳକ ଅବସର

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁ ସମୟରେ ପ୍ରଶାସନିକ ବ୍ୟବସ୍ଥାରେ ସ୍ୱଚ୍ଛତା ଉପରେ ସର୍ବାଧିକ ଗୁରୁତ୍ୱ ଆରୋପ କରିଆସିଛନ୍ତି। ସାଧାରଣ ଜୀବନରେ ସାଧୁତା ଓ ନୈତିକତା ବଜାୟ ରଖିବା ସହ ଜନସାଧାରଣଙ୍କୁ ସ୍ୱଚ୍ଛ, ଦକ୍ଷ ଏବଂ ଉତ୍ତରଦାୟୀ ପ୍ରଶାସନ ମାଧ୍ୟମରେ ସେବା ଯୋଗାଇ ଦେବା ପାଇଁ ନିରନ୍ତର ପ୍ରଚେଷ୍ଟା ଜାରି ରଖିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟ ଅନୁଯାୟୀ ରାଜ୍ୟ ସରକାର ଦୁର୍ନୀତିଗ୍ରସ୍ତ ଓ ଅପାରଗ ଅଧିକାରୀଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଏବେ ଆଉ ୮ ଜଣ ସରକାରୀ ଅଧିକାରୀଙ୍କୁ ସେମାନଙ୍କର ଅନୈତିକତା, ଅପାରଗତା ଓ ଦୁର୍ନୀତି ଯୋଗୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି। ଏହି ୮ ଜଣଙ୍କୁ ମିଶାଇ ବର୍ତ୍ତମନ ସୁଦ୍ଧା ୧୩୦ ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ବା ଚାକିରୀରୁ ବହିଷ୍କାର କରାଗଲା। ଏହି ୮ ଜଣଙ୍କ ମଧ୍ୟରୁ ନିମାପଡାର



ପୂର୍ବତନ ତହସିଲଦାର ତଥା ସବ୍ ରେଜିଷ୍ଟର ଦାୟିତ୍ୱରେ ଥିବା ଓ.ଏ.ଏସ୍ ଅଧିକାରୀ ରାମଚନ୍ଦ୍ର ଜେନାଙ୍କ ବିରୁଦ୍ଧରେ ୩ଟି ଦୁର୍ନୀତି ଅଭିଯୋଗ ରହିଛି। ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ତଲାସି କରାଯାଇଥିବା ସମୟରେ ତାଙ୍କ ନିକଟରୁ ଏକାଧିକ ପ୍ୟାନ୍ କାର୍ଡ ସହିତ ୫ ଲକ୍ଷ ଟଙ୍କା ଜବତ କରାଯାଇଥିଲା। ଏହାପର ଠାରୁ ସେ ଚାକିରୀରୁ ନିଲମ୍ବିତ ହୋଇଥିଲେ। ସେହିପରି ଜଗତସିଂହପୁରର ପୂର୍ବତନ ଡ଼େପୁଟି କଲେକ୍ଟର ଓ.ଏ.ଏସ୍ ଅଧିକାରୀ ଶ୍ରୀ ଗୌରାଙ୍ଗ ଚରଣ ମହାନ୍ତିଙ୍କ ବିରୁଦ୍ଧରେ ୭ଟି ଦୁର୍ନୀତି ଅଭିଯୋଗ ଥିଲା। ତାଙ୍କ ନାମରେ ସରକାରୀ ପାଣ୍ଠି ଆତ୍ମସାତ ତଥା ସରକାରୀ ଯୋଜନାର ସୁବିଧା ଆବଣ୍ଟନରେ ଅନିୟମିତତାର ଅଭିଯୋଗ ଥିଲା। ସୁନ୍ଦରଗଡ ଲାଠିକଟାର ପୂର୍ବତନ ତହସିଲଦାର ଏବଂ ବର୍ତ୍ତମାନ ବରଗଡର ଅମ୍ବାଭୋନାରେ ବି.ଡି.ଓ ଥିବା ଓ.ଏ.ଏସ୍ ଅଧିକାରୀ ଆଲଫୋନ୍ସ ବିଲୁଙ୍ଗଙ୍କ ନାମରେ ୩ଟି ଦୁର୍ନୀତି ଅଭିଯୋଗ ରହିଛି। ସେ ଜମିର କିସମ ପରିବର୍ତ୍ତନ ତଥା ରାଜସ୍ୱ ଆଦାୟ କ୍ଷେତ୍ରରେ ଅନୁଚିତ ଅନୁଗ୍ରହ ପ୍ରଦାନ କରି ସରକାରଙ୍କୁ କ୍ଷତି ପହଞ୍ଚାଇଥିଲେ। ସେହିପରି କେନ୍ଦୁଝର ଜଳସେଚନ ବିଭାଗ ବୈତରଣୀ ଡିଭିଜନର ପୂର୍ବତନ ସୁପରିଟେଣ୍ଡିଂ ଇଞ୍ଜିନିୟର ବିଧାନ ଚନ୍ଦ୍ର ସାହୁଙ୍କ ନାମରେ ଗୋଟିଏ ଦୁର୍ନୀତି ଅଭିଯୋଗ ରହିଛି। ୨୦୨୧ ଅକ୍ଟୋବର ମାସରେ ସେ ବହୁ ପରିମାଣର ଟଙ୍କା ଧରି ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** - ସ୍ୱାସ୍ଥ୍ୟ ଉତ୍ତମ ରହିବ। ପୁରୁଣା ରୋଗରୁ ମୁକ୍ତି ମିଳିବ। ଦୂର ଯାତ୍ରାରୁ ଆର୍ଥିକ ସୁଫଳ ମିଳିବ। ପିତାଙ୍କ ରୁକ୍ଷ ବ୍ୟବହାର କଷ୍ଟ ଦେବ। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ। ଛାତ୍ରମାନଙ୍କ ଶୁଭ ମିଳିବ। ଜୀବନସାଥିଙ୍କ ଠାରୁ ରୁକ୍ଷ ବ୍ୟବହାର ପାଇବେ।

**ବୃଷ** - ଆର୍ଥିକ ସ୍ଥିତି ସାମାନ୍ୟ ଠାରୁ ଅଧିକ ରହିବ। ଆୟ ବ୍ୟୟରେ ବୃଦ୍ଧି ହେବ। ନୂତନ ଦାୟିତ୍ୱ ପାଇପାରନ୍ତି। ପେଷାଗତ ନୂଆ ନିଷ୍ପତ୍ତି ନେଇପାରନ୍ତି। ଶିକ୍ଷାରେ ଦାୟିତ୍ୱହୀନ ହୁଅନ୍ତୁ ନାହିଁ। ମାନସିକ କ୍ଷେତ୍ରରେ ପ୍ରେମୀମାନେ ନିକଟବର୍ତ୍ତୀ ହେବେ।

**ମିଥୁନ** - ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ ଆପଣ ଚେଷ୍ଟା କରିବେ। ବେତନ ବୃଦ୍ଧି ହୋଇପାରେ। ଖର୍ଚ୍ଚରେ ନିୟନ୍ତ୍ରଣ କରନ୍ତୁ। ପଦୋନ୍ନତି ହୋଇପାରେ। ଛାତ୍ରମାନେ ନିରାଶ ହୋଇପାରନ୍ତି। ପ୍ରେମରେ ନାକାରାତ୍ମକ ଫଳ ମିଳିବ।

**କର୍କଟ** - ନିଜର ଖରାପ ସ୍ୱାସ୍ଥ୍ୟ ପାଇଁ ଘରୋଇ ଉପଚାର କରନ୍ତୁ ନାହିଁ। ନୂଆ ସ୍ରୋତରୁ ଧନପ୍ରାପ୍ତି ହୋଇପାରେ। ପରିବାରରେ ଶାନ୍ତି ପାଇବେ। କାର୍ଯ୍ୟକ୍ଷେତ୍ରରେ ନୂଆ ଦାୟିତ୍ୱ ପାଇପାରନ୍ତି। ଛାତ୍ରମାନଙ୍କ ବନ୍ଧୁମାନେ ଇର୍ଷା କରିବେ।

**ସିଂହ** - ପାଦର ସୁରକ୍ଷା ପାଇଁ ଧ୍ୟାନ ଦିଅନ୍ତୁ। ତରବରିଆ ନିଷ୍ପତ୍ତି ନିଅନ୍ତୁ ନାହିଁ। ପରିବାରର ଦାୟିତ୍ୱ ନିଅନ୍ତୁ। କାର୍ଯ୍ୟକ୍ଷେତ୍ରରେ ଉଭୟ ଉନ୍ନତି ଓ ବାଧାର ସାମନଶ କରିବେ। ଛାତ୍ରମାନଙ୍କୁ ଶୁଭ ସମାଚାର ପାଇପାରନ୍ତି।

**କନ୍ୟା** - ସ୍ୱାସ୍ଥ୍ୟ ପ୍ରତି ଆପଣଙ୍କ ଦାୟିତ୍ୱ ଅନେକ ରୋଗରୁ ରକ୍ଷା କରିବ। ଅଳ୍ପ ଚେଷ୍ଟାରେ ଅଧିକ ଧନପ୍ରାପ୍ତି ହୋଇପାରେ। ପରିବାରରେ ମନକୁ ସ୍ଥିର ଓ ଶାନ୍ତି ରଖନ୍ତୁ। ପଦୋନ୍ନତିର ସମ୍ଭାବନା ଅଛି। ଉଚ୍ଚଶିକ୍ଷା କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** - ମାନସିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ବାସୀ ଖାଦ୍ୟ ଖାଆନ୍ତୁ ନାହିଁ। ଆଖି ବନ୍ଦ କରି କାହାକୁ ବିଶ୍ୱାସ କରନ୍ତୁ ନାହିଁ। ବଡ କ୍ଷତି ହୋଇପାରେ। ଭାଇଭଉଣୀଙ୍କ ସହଯୋଗ ପାଇପାରନ୍ତି।

**ବିଛା** - କୌଣସି ନିଜ ଲୋକ ଉଧାର ମାଗି ପାରନ୍ତି। ଦୂରରେ ରହୁଥିବା ଛାତ୍ରମାନେ ଏକା ଅନୁଭବ କରି ଦୁଃଖି ହୋଇପାରନ୍ତି। ପୂର୍ବର କ୍ଷତ ଭରଣା ହେବ। ଦାମ୍ପତ୍ୟ ଜୀବନରେ ଅଧିକ ସମୟ ଦେବା ପାଇଁ ଚେଷ୍ଟା କରନ୍ତୁ।

**ଧନୁ** - କୌଣସି ଖରାପ ଅଭ୍ୟାସ ବନ୍ଦ କରିପାରନ୍ତି। ନୂଆ ବ୍ୟବସାୟ ଦିଗରେ ଚିନ୍ତା କରିପାରନ୍ତି। ପିତାମାତାଙ୍କ ଆଶୀର୍ବାଦ ପ୍ରାପ୍ତି ହେବ। କାର୍ଯ୍ୟକ୍ଷେତ୍ରରେ ଶ୍ରେଷ୍ଠ ସଫଳତା ପାଇବେ।

**ମକର** - ସ୍ୱାସ୍ଥ୍ୟ ଉତ୍ତମ ରହିବ। ଅନେକ କ୍ଷେତ୍ରରେ ବହୁତ ସଫଳତା ପାଇବେ। ଖର୍ଚ୍ଚ କରିବା ପୂର୍ବରୁ ବିଚାର କରନ୍ତୁ। ପରିବାରର ସହଯୋଗ ପାଇବେ। ଛାତ୍ରମାନେ ଖାଲି ସମୟକୁ ଉଚିତ ବିନିଯୋଗ କରନ୍ତୁ।

**କୁମ୍ଭ** - ସମସ୍ତ ଲୋକ କି ସାଥୀ ପଇସାପତ୍ର ବିଷୟରେ ଦେଣନେଣରୁ ଦୂରେଇ ରହନ୍ତୁ। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ। ଛାତ୍ରମାନେ ସଫଳ ହେବେ। ଦାମ୍ପତ୍ୟ ଜୀବନରେ ଶାନ୍ତି ପାଇଁ ଅଧିକ ବାର୍ତ୍ତାଳାପ କରନ୍ତୁ ନାହିଁ। ପରିବାରରେ ଶାନ୍ତି ବଜାୟ ରହିବ।

**ମୀନ** - ପତିପତ୍ନୀଙ୍କ ଖରାପ ସ୍ୱାସ୍ଥ୍ୟ, ଅଶାନ୍ତିର କାରଣ ହୋଇପାରେ। ଉଭୟ ଆୟ ଓ ବ୍ୟୟରେ ବୃଦ୍ଧି ହେବ। ସମୟ ପୂର୍ବରୁ ସବୁ କାର୍ଯ୍ୟ ସମାପ୍ତ କରିପାରନ୍ତି। ଛାତ୍ରମାନେ ନିଜ ଲକ୍ଷ୍ୟରେ ଦୃଢ଼ ରହନ୍ତୁ। ଦମ୍ପତ୍ତିମାନେ ଭଲରେ ସମୟ କଟାଇବେ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ଦେଶରେ ଟିକାର କୌଣସି ଅଭାବ ନାହିଁ : କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ





**ନୂଆଦିଲ୍ଲୀ :** କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭୀୟ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ସ୍ୱାସ୍ଥ୍ୟ ମନ୍ତ୍ରୀମାନଙ୍କ ସହିତ ଆଲୋଚନା କରିଛନ୍ତି। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ହର ଘର ଦସ୍ତକ ଅଭିଯାନ'କୁ ସୁଦୃଢ଼ କରିବା ଉପରେ ଜୋର ଦେଇଛନ୍ତି। ଦେଶରେ କୋଭିଡ ୧୯ ଟିକାର 'ସୁରକ୍ଷା କବଚ'ରୁ ଯେପରି ଜଣେ ହେଲେ ଯୋଗ୍ୟ ନାଗରିକ ବଞ୍ଚିତ ନହୁଅନ୍ତି ତାହା ସୁନିଶ୍ଚିତ କରିବା ଲାଗି ମିଳିତ ଏବଂ ବହୁ-ଅଂଶୀଦାର ଆଧାରିତ ପ୍ରୟାସ କରିବା ପାଇଁ ସେ ଆହ୍ୱାନ କରିଛନ୍ତି। ଦେଶର ପ୍ରତ୍ୟେକ କୋଣଅନୁକୋଣରେ ଥିବା ପ୍ରତିଟି ପରିବାର ନିକଟରେ ପହଞ୍ଚି ଲୋକମାନଙ୍କୁ ଦୁଇଟି ଡୋଜ୍ ଟିକା ନେବାକୁ ଅନୁପ୍ରାଣିତ କରିବା ନିମନ୍ତେ ସେ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ସ୍ୱାସ୍ଥ୍ୟ ମନ୍ତ୍ରୀମାନଙ୍କୁ ନିବେଦନ କରିଛନ୍ତି। ଏହି ଆଲୋଚନା ସମୟରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଡା. ଭାରତୀ ପ୍ରବୀଣ ପାୱାର ଉପସ୍ଥିତ ଥିଲେ। ଏହି ବୈଠକରେ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଗୁଡ଼ିକରେ କୋଭିଡ ୧୯ ସଂକ୍ରମଣକୁ ପ୍ରତିହତ କରିବା ଲାଗି ନିଷେଧାତ୍ମକ ଓ ପରିଚାଳନାଗତ ଜନ ସ୍ୱାସ୍ଥ୍ୟ ପଦକ୍ଷେପ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ବୈଠକରେ ବିଭିନ୍ନ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀମାନେ ଉପସ୍ଥିତ ଥିଲେ। ସମସ୍ତ ରାଜ୍ୟର ପ୍ରମୁଖ ଶାସନ ସଚିବ, ଅତିରିକ୍ତ ଶାସନ ସଚିବ, ଏନଏଚଏମ ମିଶନ ନିର୍ଦ୍ଦେଶକମାନେ ମଧ୍ୟ ବୈଠକରେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ କହିଥିଲେ ଯେ ବର୍ତ୍ତମାନ ୭୯ ପ୍ରତିଶତ ପ୍ରାପ୍ତବୟସ୍କ ଜନସଂଖ୍ୟା କୋଭିଡ ୧୯ ଟିକାର ପ୍ରଥମ ଡୋଜ୍ ଟିକା ନେଇସାରିଛନ୍ତି ଏବଂ ୩୮ ପ୍ରତିଶତ ପ୍ରାପ୍ତବୟସ୍କ ଜନସଂଖ୍ୟା ଦ୍ୱିତୀୟ ଡୋଜ୍ ଟିକା ନେଇ ସାରିଛନ୍ତି। ୧୨ କୋଟି ହିତାଧିକାରୀ କୋଭିଡ ୧୯ ଟିକାର ଦ୍ୱିତୀୟ ଡୋଜ୍ ଟିକା ନେବା ଲାଗି ଯୋଗ୍ୟ ହୋଇସାରିଛନ୍ତି ବୋଲି ସେ ସୂଚନା ଦେଇଥିଲେ। 'ହର ଘର ଦସ୍ତକ' ଅଭିଯାନ ସମୟରେ ପ୍ରତ୍ୟେକ ପ୍ରାପ୍ତ ବୟସ୍କ ଜନସଂଖ୍ୟା ଯେପରି ପ୍ରଥମ ଡୋଜ୍ ଟିକା ନେବେ ତାହା ସୁନିଶ୍ଚିତ କରିବା ଲାଗି ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀମାନଙ୍କୁ ସେ ନିବେଦନ କରିଥିଲେ। ସେହିପରି ଯେଉଁମାନେ ଦ୍ୱିତୀୟ ଡୋଜ୍ ଟିକା ନେବା ଲାଗି ଯୋଗ୍ୟ ହୋଇସାରିଛନ୍ତି ସେମାନଙ୍କୁ ଦ୍ୱିତୀୟ ଡୋଜ୍ ନେବା ଲାଗି ଉତ୍ସାହିତ କରିବା ଲାଗି ମଧ୍ୟ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ 'ହର ଘର ଦସ୍ତକ' ଅଭିଯାନକୁ ସୁଦୃଢ଼ କରିବା ଲାଗି ରଣନୀତି ବିଷୟରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ସୂଚନା ଦେଇଥିଲେ । କୋଭିଡକୁ ପ୍ରତିହତ କରିବା ଲାଗି ଜନ ସ୍ୱାସ୍ଥ୍ୟ ପଦକ୍ଷେପର ନିୟନ୍ତ୍ରଣ ଓ ପରିଚାଳନା ଉପରେ ଆଲୋଚନା କରି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶମାନଙ୍କୁ ସଚେତନ କରାଇ ଦେଇଥିଲେ ଯେ କୋଭିଡ ୧୯ ମହାମାରୀ ବର୍ତ୍ତମାନ ସୁଦ୍ଧା ଶେଷ ହୋଇଯାଇନାହିଁ। ବିଶ୍ୱସ୍ତରରେ କୋଭିଡ ମାମଲା ବୃଦ୍ଧି ପାଉଛି। ସିଙ୍ଗାପୁର, ବ୍ରିଟେନ, ରୁଷ, ଚୀନରେ ୮୦ ପ୍ରତିଶତ ଟିକାକରଣ ସତ୍ତ୍ୱେ କୋଭିଡ ସଂକ୍ରମଣ ବୃଦ୍ଧି ପାଉଛି। ଟିକାକରଣ ସହିତ କୋଭିଡ ଉପଯୁକ୍ତ ବ୍ୟବହାର ଅନୁପାଳନ ଉପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜୋର ଦେଇଥିଲେ। ବୈଠକରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ, ଆଇସିଏମଆର ଡିଜି ଡକ୍ଟର ବଳରାମ ଭାର୍ଗବ, ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶକ ଡକ୍ଟର ସୁନୀଲ କୁମାର, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅତିରିକ୍ତ ସଚିବ (ସ୍ୱାସ୍ଥ୍ୟ) ମନୋହର ଅଗ୍ନାନୀ, ଅତିରିକ୍ତ ସଚିବ ଏବଂ ଏନଏଚଏମ ମିଶନ ନିର୍ଦ୍ଦେଶକ ବିକାଶ ଶୀଲ, ଅତିରିକ୍ତ ସଚିବ (ସ୍ୱାସ୍ଥ୍ୟ) ଆରତୀ ଆହୁଜା, ଯୁଗ୍ମ ସଚିବ (ସ୍ୱାସ୍ଥ୍ୟ) ଲବ ଅଗ୍ରୱାଲ ଏବଂ ମନ୍ତ୍ରଣାଳୟର ଅନ୍ୟ ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

## ଏନ୍‌ସିବିର ନିୟମିତ ଡିଜି ହେଲେ ଏସ୍‌ଏନ୍ ପ୍ରଧାନ



**ନୂଆଦିଲ୍ଲୀ :** ୧୯୮୮ ବ୍ୟାଚ୍ ଝାଡ଼ଖଣ୍ଡ କ୍ୟାଡର୍ ଆଇପିଏସ୍ ସତ୍ୟନାରାୟଣ ପ୍ରଧାନଙ୍କୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ମହାନିର୍ଦ୍ଦେଶକ (ଡିଜି) ରୂପେ ନିଯୁକ୍ତି ମିଳିଛି। ପୂର୍ବରୁ ଅତିରିକ୍ତ ଦାୟିତ୍ୱରେ ଥିବା ଶ୍ରୀ ପ୍ରଧାନଙ୍କୁ କେନ୍ଦ୍ର ସରକାର ନିୟମିତ ତଥା ପୂର୍ଣ୍ଣକାଳୀନ ନିଯୁକ୍ତି ଦେଇଛନ୍ତି। ପରବର୍ତ୍ତୀ ଆଦେଶ କିମ୍ବା ତାଙ୍କର ଅଗଷ୍ଟ ୩୧, ୨୦୨୪ ଅବସର ପର୍ଯ୍ୟନ୍ତ ସେ ଏହି ପଦରେ ରହିବେ ବୋଲି ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ ଦ୍ୱାରା ଜାରି ବିଜ୍ଞପ୍ତିରେ କୁହାଯାଇଛି। ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀ (ଏନ୍‌ଡିଆରଏଫ୍) ଡିଜି ପଦରୁ ଶ୍ରୀ ପ୍ରଧାନଙ୍କୁ ତୁରନ୍ତ ରିଲିଭ୍ କରିବା ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ଗତ ମଙ୍ଗଳବାର କେନ୍ଦ୍ର ସରକାର ଏନ୍‌ଡିଆରଏଫ୍ ନୂତନ ଡିଜି ଭାବେ ବରିଷ୍ଠ ଆଇପିଏସ୍ ଅତୁଲ କରୱାଲଙ୍କୁ ନିଯୁକ୍ତି ଦେଇଛନ୍ତି। ଏନ୍‌ସିବି ଡିଜି ଥିବା ତଥା ବରିଷ୍ଠ ଆଇପିଏସ୍ ରାକେଶ ଆସ୍ଥାନା ଦିଲ୍ଲୀ ପୋଲିସ କମିସନର୍ ଭାବେ ନିଯୁକ୍ତ ହେବା ପରେ ତାଙ୍କ ସ୍ଥାନରେ ଶ୍ରୀ ପ୍ରଧାନଙ୍କୁ ଏନ୍‌ସିବିର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏନ୍‌ଡିଆରଏଫ୍ ଡିଜି ଭାବେ ଶ୍ରୀ ପ୍ରଧାନଙ୍କ କାର୍ଯ୍ୟ ଅତି ଉଚ୍ଚକୋଟୀର ଥିଲା। ତାଙ୍କ କାର୍ଯ୍ୟଦକ୍ଷତା ଉପରେ ଆସ୍ଥା ରଖି କେନ୍ଦ୍ର ସରକାର ତାଙ୍କୁ ଏନ୍‌ସିବି ଭଳି ଏକ ପ୍ରମୁଖ ସଂସ୍ଥାର ମୁଖ୍ୟ ରୂପେ ନିଯୁକ୍ତି ଦେଇଛନ୍ତି। ଏନ୍‌ସିବି ଡିଜି ଭାବେ ଶ୍ରୀ ପ୍ରଧାନ ନିଶାମୁକ୍ତ ଭାରତ ପାଇଁ ତାଙ୍କ ପ୍ରୟାସ ଜାରି ରଖିବେ ବୋଲି ଗଣମାଧ୍ୟମକୁ ତାଙ୍କ ଆଭିମୁଖ୍ୟ ଦୋହରାଇଛନ୍ତି। ଏହି ସମସ୍ୟାର ମୂଳୋତ୍ପାଟନ ତାଙ୍କର ପ୍ରାଥମିକତା ହେବ। ପିଲାମାନେ ଯେଭଳି ନିଶାଆଡ଼େ ମୁହାଁଇବେ ନାହିଁ ସେ ନେଇ ଦେଶର ବିଭିନ୍ନ ସ୍ଥାନରୁ ଅଭିଭାବକମାନେ ତାଙ୍କୁ ଇ-ମେଲ ଓ ମେସେଜ୍ ଜରିଆରେ ଅନୁରୋଧ କରିଛନ୍ତି। ଚଳଚ୍ଚିତ୍ର ଅଭିନେତା ଶାହାରୁଖ ଖାନଙ୍କ ପୁଅ ଡ୍ରଗ୍ସ ମାମଲାରେ ଫସିବା ପର ଠାରୁ ଦେଶରେ ଡ୍ରଗ୍ସ କାରବାରକୁ ନେଇ ସରଗରମ ଆଲୋଚନା ଚାଲିଛି। ଅଭିଯୁକ୍ତମାନଙ୍କୁ ଧରିବା ଏନ୍‌ସିବିର ମୁଖ୍ୟ ଉଦ୍ଦେଶ୍ୟ ହେବ ବୋଲି ସେ ପୂର୍ବରୁ କହିଥିଲେ।

## ନାକରେ ଦିଆଯିବ କୋଭାକ୍ସିନ୍‌ର ବୁଷ୍ଟର ଡୋଜ୍




**ନୂଆଦିଲ୍ଲୀ :** 'ଭାରତ ବାୟୋଟେକ୍'ର ମୁଖ୍ୟ ତଥା ଭାରତର ପ୍ରଥମ ଆଣ୍ଟି-କରୋନା ଭାଇରସ୍ ଟିକା' କୋଭାକ୍ସିନ୍'ର ବିକାଶକାରୀ କୃଷ୍ଣ ଏଲା କହିଛନ୍ତି ଯେ କୋଭିଡ -୧୯ ଟିକାର ଦ୍ୱିତୀୟ ଡୋଜ୍‌ର ଛଅ ମାସ ପରେ ତୃତୀୟ ଡୋଜ ଦିଆଯିବା ଉଚିତ, ଏହା ହେଉଛି ସର୍ବୋତ୍ତମ ସମୟ। ଏଥି ସହିତ ସେ ନାକରେ ଟିକା ନେବ ନେଇ ଗୁରୁତ୍ୱାରୋପ କରିଥିଲେ। ଏଥିସହ ସେ କହିଛନ୍ତି ଯେ ତାଙ୍କ କମ୍ପାନୀ 'ଜିକା' ଦୁନିଆରେ ପ୍ରଥମ ଟିକା ବିରୋଧୀ ଟିକା ତିଆରି କରିଛି। ସେ ଏହା ମଧ୍ୟ କହିଛନ୍ତି ଯେ ତାଙ୍କ କମ୍ପାନୀ ଶୀଘ୍ର ନୋଜଲ ଭାକ୍ସିନ୍କୁ ବୁଷ୍ଟର ଡୋଜ ଭାବରେ ଆଣିବାକୁ ଚିନ୍ତା କରୁଛନ୍ତି। ଏଲା ଏକ କାର୍ଯ୍ୟକ୍ରମରେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'କୋଭାକ୍ସିନ୍' ଟିକା ଭାରତୀୟ ବିଜ୍ଞାନ ଉପରେ ତାଙ୍କର ଏକ ବିଶ୍ୱାସ ଦର୍ଶାଉଛି। ଦ୍ୱିତୀୟ ଡୋଜର ମାତ୍ର ଛଅ ମାସ ପରେ ତୃତୀୟ ଡୋଜ ଦିଆଯିବା ଉଚିତ ବୋଲି ସେ କହିଛନ୍ତି। ତୃତୀୟ ଡୋଜ ପାଇଁ ଏହା ହେଉଛି ସର୍ବୋତ୍ତମ ସମୟ। ବାୟୋଟେକନାକରୁ ଦିଆଯିବାକୁ ଥିବା ଟିକାକୁ 'ବୁଷ୍ଟର' ଡୋଜ ଭାବରେ ଆଣିବାକୁ ମଧ୍ୟ ଭାରତ ବିଚାର କରୁଛି। 'ନାସାଲ୍ ଭ୍ୟାକ୍ସିନ୍'ର ମହତ୍ତ୍ୱ ବିଷୟରେ ସେ କହିଥଲେ ଯେ ସମଗ୍ର ବିଶ୍ୱ ଏହିପରି ଟିକା ଚାହୁଁଛି। ଯାହାକି 'ସଂକ୍ରମଣକୁ ରୋକିବା ପାଇଁ ଏହା ହେଉଛି ଏକମାତ୍ର ଉପାୟ। ସମସ୍ତେ 'ଇମ୍ୟୁନୋଲୋଜି' ଖୋଜିବାକୁ ଚେଷ୍ଟା କରୁଛନ୍ତି ଏବଂ ସୌଭାଗ୍ୟବସତଃ ଭାରତ ବାୟୋଟେକ୍ ଏହାକୁ ଆକଳନ କରିଛନ୍ତି। ଏହାକୁ ନେଇ କହିଛନ୍ତି କି ଆମେ ନାସାଲ୍ ଟିକା ଆଣିଛୁ। କୋଭାକ୍ସିନ୍‌ର ଏହି ଟିକା ନାକରେ ଦିଆଯାଇପାରିବ କି ନାହିଁ ତାହା ଉପରେ ଦୃଷ୍ଟି ରଖିଛୁ। ଜିକା ବିରୋଧୀ ଟିକା ବିଷୟରେ ଆଲ୍ଲା କହିଛନ୍ତି ଯେ ଭରତ ବାୟୋଟେକ୍ ଜିକା ବିରୋଧୀ ଟିକା ପ୍ରସ୍ତୁତ କରିଛି। ପ୍ରଥମ ପର୍ଯ୍ୟାୟ ସମାପ୍ତ ହୋଇଛି । ମାମଲା ଅଧିକ ଥିବାରୁ ସରକାରଙ୍କୁ ଅଧିକ ପରୀକ୍ଷା କରିବାକୁ ପଡ଼ିବ। ସେ କହିଛନ୍ତି, "ଆମେ ବିଶ୍ୱରେ ପ୍ରଥମ କମ୍ପାନୀ ହୋଇ ୨୦୧୪ ରେ ଜିକା ଆଣ୍ଟି ଟିକା ପ୍ରସ୍ତୁତ କରିଥିଲୁ।

## ସୀମାରେ ଚୀନ୍ ତିଆରି କରୁଛି ଗାଁ



**ନୂଆଦିଲ୍ଲୀ :** ଭାରତର ଅରୁଣାଚଳ ପ୍ରଦେଶର ବିବାଦୀୟ ଅଞ୍ଚଳରେ ଚାଇନା ଗାଁ ତିଆରି ଘଟଣାକୁ ନେଇ ପେଣ୍ଟାଗନ ରିପୋର୍ଟ ଦେବା ପରେ ହଇଚଇ ସୃଷ୍ଟି ହୋଇଛି। ସୀମାନ୍ତରେ ଚାଇନାର ବସତିସ୍ଥାପନ କରିବା ଘଟଣାକୁ ଭାରତ ଗୁରୁତ୍ୱର ସହ ନେଇଛି ଓ ଚାଇନାର ଏପରି ବେଆଇନ ଦଖଲକୁ ଭାରତ କେବେ ହେଲେ ଗ୍ରହଣ କରି ନାହିଁ ବୋଲି ଆଜି କେନ୍ଦ୍ର ସରକାର କହିଛନ୍ତି। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଅରିନ୍ଦମ ବାଗଚି ଗୁରୁବାର ଘଟଣା ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି, ଚାଇନା ଦୀର୍ଘ ଦଶନ୍ଧିରୁ କବାଜ କରିଥିବା ଅଞ୍ଚଳ ସମେତ ସୀମାନ୍ତବର୍ତ୍ତୀ ଇଲାକାରେ ନିର୍ମାଣ କାର୍ଯ୍ୟ କରିଆସୁଛି। ଭାରତ କେବେ ହେଲେ ଚାଇନାର ବେଆଇନ ଜମି ଦଖଲକୁ ଗ୍ରହଣ କରନି କିମ୍ବା ଚାଇନାର ଅଯୌକ୍ତିକ ଦାବିକୁ ପ୍ରସୟ ଦେଇନି। ଚାଇନା ବେଆଇନ ଭାବେ ଭାରତୀୟ ଅଞ୍ଚଳରେ ଗାଁ ନିର୍ମାଣ କରୁଥିବା ବିଷୟରେ ପ୍ରଥମେ ଗୋଟିଏ ଜାତୀୟ ଗଣମାଧ୍ୟମ ରିପୋର୍ଟ ପ୍ରକାଶ କରିଥିଲା। ଏହାପରେ ଆମେରିକାର ପ୍ରତିରକ୍ଷା ବିଭାଗର ବାର୍ଷିକ ରିପୋର୍ଟରେ ମଧ୍ୟ ଏକଥା କୁହାଯାଇଥିଲା। ଏହି ରିପୋର୍ଟରେ ଆମେରିକା କହିଛି ଯେ ଏଲଏସିରେ ଦୁଇ ଦେଶ ମଧ୍ୟରେ ତିକ୍ତତା ଦେଖାଦେଇଛି। ଏସବୁ ଭିତରେ ଭାରତର ଅରୁଣାଚଳ ସୀମାନ୍ତ ଅଞ୍ଚଳରେ ଚାଇନା ୧୦୦ ଘର ବିଶିଷ୍ଟ ଗାଁ ତିଆରି କରିଛି। ୨୦୨୦ ମସିହାରେ ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନା ତିବ୍ବତର ସ୍ୱୟଂଶାସିତ ଅଞ୍ଚଳରେ ଓ ଅରୁଣାଚଳର ବିବାଦୀୟ ଅଞ୍ଚଳରେ ଏପରି ଘର ନିର୍ମାଣ କରିଛି। ଏହାପରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ ସଡ଼କ ଓ ବ୍ରିଜ ନିର୍ମାଣ ସମେତ ଭାରତ ମଧ୍ୟ ସୀମାରେ ଥିବା ନିଜର ଭିତ୍ତିଭୂମିକୁ ମଜବୁତ କରିଛି। ଭାରତ ଏହାର ନିରାପତ୍ତାକୁ ପ୍ରଭାବିତ କରୁଥିବା ସମସ୍ତ ବିକାଶ ଉପରେ ନିରନ୍ତର ନଜର ରଖିଛି। ଦେଶର ସାର୍ବଭୌମତ୍ୱ ତଥା ଆଞ୍ଚଳିକ ଅଖଣ୍ଡତା ରକ୍ଷା ପାଇଁ ଭାରତ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି। ଚାଇନାର ସମସ୍ତ ଗତିବିଧି ଉପରେ ଭାରତ ନଜର ରଖିଛି। ଆମେରିକାର ରିପୋର୍ଟକୁ ମଧ୍ୟ ଅନୁଧ୍ୟାନ କରାଯାଉଥିବା ବାଗଚି କହିଛନ୍ତି।

## ଅନୁମତି ମିଳିଲେ ପିଲାଙ୍କୁ ଟିକା



**ନୂଆଦିଲ୍ଲୀ :** ଦେଶରେ ଡିସେମ୍ବର ପ୍ରଥମ ସପ୍ତାହରୁ ଛୋଟ ପିଲାଙ୍କୁ କରୋନା ଟିକା ଦିଆଯାଇପାରେ। ଭାରତରେ ୧୮ ବର୍ଷରୁ କମ୍ ବୟସର ୪୪ କୋଟି ପିଲା ଅଛନ୍ତି। କିନ୍ତୁ ପ୍ରାଥମିକ ପର୍ଯ୍ୟାୟରେ ୬ କୋଟି ପିଲାଙ୍କୁ କୋଭିଡ ଟିକା ଦିଆଯିବ ନେଇ ସ୍ଥିର ହୋଇଛି। ଏଥିପାଇଁ ଯୋଜନା ପ୍ରସ୍ତୁତ ହେଉଥିବା ବେଳେ ବଡ଼ ରୋଗ ଥିବା ପିଲାଙ୍କୁ ପ୍ରାଥମିକତା ଭିତ୍ତିରେ ଟିକା ଲାଗିବ। ପିଲାମାନଙ୍କୁ ଟିକାକରଣ ପାଇଁ ଜାଇକୋଭ ଡି, ବାୟୁଲୋଜିକାଲ୍ ଇ ଏବଂ ସିରମ ଇନଷ୍ଟିଚ୍ୟୁଟର କୋଭୋଭ୍ୟାକ୍ସ ଟିକା ଲିଷ୍ଟରେ ରହିଛି। କିଛି ଦେଶରେ ଛୋଟି ପିଲାଙ୍କୁ ଟିକା ଲାଗୁଥିବା ବେଳେ ସରକାର ତାହା ଉପରେ ନଜର ରଖିଥିବା କହିଛନ୍ତି। ଏବେ ଆମେରିକା, ଡେନମାର୍କ, ଜର୍ମାନୀ, ଅଷ୍ଟ୍ରିଆ, ହଙ୍ଗେରୀ, ଇଟାଲି, ସ୍ପେନ୍, ସ୍ୱିଡେନ୍, ଗ୍ରିସ୍, ଫିନଲ୍ୟାଣ୍ଡ, ପୋଲାଣ୍ଡ, ସ୍ୱିଜରଲ୍ୟାଣ୍ଡ, ଇସ୍ରାଏଲ୍, ୟୁଏଇ, ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ ଏବଂ ଚୀନ୍‌ରେ ପିଲାମାନଙ୍କୁ କରୋନା ଟିକା ଦିଆଯାଉଛି। ନିକଟରେ ଆମେରିକା ୫-୧୧ ବର୍ଷର ଛୋଟ ପିଲାଙ୍କୁ ଫାଇଜର ଟିକା ଦେବାକୁ ଅନୁମତି ଦେଇଛି। ବୟସ୍କଙ୍କୁ ଦିଆଯାଉଥିବା ଟିକା ଡୋଜ୍‌ର ଏକ ତୃତୀୟାଂଶ ପିଲାମାନଙ୍କୁ ଦିଆଯିବ। ସେପଟେ ଚୀନରେ ୩ ବର୍ଷରୁ ଅଧିକ ବୟସର ପିଲାଙ୍କ ଟିକାକରଣ ଚାଲିଥିବା ଜଣାପଡ଼ିଛି।

# ନମାନିଲେ ଆସିବ ଭୟଙ୍କର ପରିସ୍ଥିତି




**ନୂଆଦିଲ୍ଲୀ :** ଆମେ ହୁଏତ କିଛି ମାସ ପୂର୍ବରୁ କରୋନାର ଭୟଭୀତ ଦ୍ୱିତୀୟ ଲହରର ସମ୍ମୁଖୀନ ହୋଇଛେ। କିନ୍ତୁ ସଂକ୍ରମଣ କମିଯିବା ପରେ ଲୋକେ ଆଶ୍ୱସ୍ତି ହେବା ସହ କରୋନାକୁ ହାଲକା ଭାବେ ନେଇଯିବା ପରି ମନେହେଉଛି। ଅଧିକାଂଶ ଲୋକଙ୍କ ମାସ୍କ ବି ପରିଧାନ କରୁନାହାଁନ୍ତି। ଆହୁରି ଲୋକ ବର୍ତ୍ତମାନ ବିଶ୍ୱାସ କରିବାକୁ ଲାଗିଲେଣି ଯେ ସଂକ୍ରମଣ ଭାରତରୁ ଚାଲିଯାଇଛି ଏବଂ ବର୍ତ୍ତମାନ ତୃତୀୟ ତରଙ୍ଗ ଆସିବାର ସମ୍ଭାବନା ଖୁବ କମ୍ ରହିଛି। ଏହି ବେପରୁଆ ପରିସ୍ଥିତିରେ, ଆପଣ ଜାଣିବା ଉଚିତ ଯେ ବ୍ରିଟେନ ବର୍ତ୍ତମାନ କରୋନା ସଂକ୍ରମଣର ଚତୁର୍ଥ ଲହର ଓ ଫ୍ରାନ୍ସରେ ପଞ୍ଚମ ଲହରର ସମ୍ମୁଖୀନ ହେଲାଣି। ଏହି ଦୁଇଟି ୟୁରୋପୀୟ ଦେଶ ପୂର୍ବରୁ ସଂକ୍ରମଣର ଏକ ସାଂଘାତିକ ତରଙ୍ଗର ସମ୍ମୁଖୀନ ହୋଇଥିଲେ। କିନ୍ତୁ ପୁନର୍ବାର ଏଠାରେ ସଂକ୍ରମଣ ଓଲଟି ପଡିଛି ଏଠାରେ।

ସେହିପରି ୟୁରୋପରେ କରୋନା ମହାମାରୀ କାରଣରୁ ବ୍ରିଟେନରେ ସର୍ବାଧିକ ୧.୪୨ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇଛି। କରୋନାକୁ ନିୟନ୍ତ୍ରଣ କରିବା ପାଇଁ ବ୍ରିଟେନ ଅତି ଶୀଘ୍ର ଟିକା ଆରମ୍ଭ କରିଥିଲା। ଏପର୍ଯ୍ୟନ୍ତ ୬୮.୩% ଲୋକଙ୍କୁ ସମ୍ପୂର୍ଣ୍ଣ ଟିକା ଦିଆଯାଇଥିବାବେଳେ ୭୪.୮% ଲୋକ ପ୍ରଥମ ଡୋଜ ପାଇଛନ୍ତି। ଏଥିସହିତ, ଚାରୋଟି ଲହରର ସମ୍ମୁଖୀନ ହୋଇଥିବା ୟୁରୋପୀୟ ୟୁନିଅନ୍ ଦେଶ ଫ୍ରାନ୍ସରେ ୬୮.୬% ଜନସଂଖ୍ୟାକୁ ସମ୍ପୂର୍ଣ୍ଣ ଟିକାକରଣ କରାଯାଇଥିବାବେଳେ ୭୬.୩% ଲୋକ ପ୍ରଥମ ଡୋଜ ନେଇଛନ୍ତି। ୬୫ବର୍ଷରୁ ଅଧିକ ଜନସଂଖ୍ୟାକୁ ଫ୍ରାନ୍ସ ମଧ୍ୟ ବୁଷ୍ଟର ଡୋଜ ଦେଇସାରିଛି। ଯେତେବେଳେ କି ବ୍ରିଟେନରେ ୫୦ବର୍ଷରୁ ଅଧିକ ବୟସ୍କଙ୍କ ପାଇଁ ଏହି କାର୍ଯ୍ୟ ଜାରି ରହିଛି। ଏହା ସତ୍ତ୍ୱେ ବ୍ରିଟେନରେ ୪% ଏବଂ ଫ୍ରାନ୍ସରେ ୨.୯% ସଂକ୍ରମଣ ହାରରେ କରୋନା ସଂକ୍ରମଣ ବ୍ୟାପିଛି।

ଅନ୍ୟପଟେ ବ୍ରିଟେନର ଅର୍ଥନୀତି ଜୁନ୍ ମାସରେ ଖୋଲିବା ପରଠାରୁ ଏଠାରେ ଚତୁର୍ଥ ତରଙ୍ଗ ଜାରି ରହିଛି, କିନ୍ତୁ ଅକ୍ଟୋବରରେ ଏହା ଉଠିବା ଆରମ୍ଭ କରିଛି । ବର୍ତ୍ତମାନ ହାରାହାରି ଏଠାରେ ୪୦ ହଜାର ରୋଗୀ ପ୍ରତିଦିନ ବାହାରୁଛନ୍ତି। ପ୍ରତିଦିନ ୧୫୦ ରୁ ୨୦୦ ମଧ୍ୟରେ ମୃତ୍ୟୁ ହେଉଛି। ନଭେମ୍ବର ୧୦ ରେ, ଏଠାରେ ୩୯ହଜାରରୁ ଅଧିକ ନୂତନ ରୋଗୀ ମିଳିଥିବାବେଳେ ଅକ୍ଟୋବର ୨୧ରେ ଗୋଟିଏ ଦିନରେ ରେକର୍ଡ ୫୧,୪୮୪ ମାମଲା ପଞ୍ଜିକୃତ ହୋଇଥିଲା। ଅନ୍ୟପକ୍ଷରେ, ଅକ୍ଟୋବର ୪ରେ ଫ୍ରାନ୍ସରେ ପଞ୍ଚମ ଲହର ଆରମ୍ଭ ହୋଇଛି। ଯେଉଁ କାରଣରୁ ବର୍ତ୍ତମାନ ହାରାହାରି ଦଶ ହଜାରରୁ ଅଧିକ ନୂତନ ରୋଗୀ ଏଠାକୁ ଆସୁଛନ୍ତି। ପ୍ରତିଦିନ ୪୦ରୁ ଅଧିକ ମୃତ୍ୟୁ ଘଟୁଛି।

**ବଂଶଧାରା ଜଳ ବିବାଦ ମାମଲା**


## ଭିଡିଓ କନ୍‌ଫରେନ୍ସିଂରେ ହେବ ଚୂଡ଼ାନ୍ତ ଶୁଣାଣି

**ନୂଆଦିଲ୍ଲୀ :** ବଂଶଧାରା ଜଳ ବିବାଦ ମାମଲାର ଚୂଡ଼ାନ୍ତ ଶୁଣାଣି ଭିଡିଓ କନଫରେନ୍ସିଂ ମାଧ୍ୟମରେ ହେବ। ଶୁଣାଣିକୁ 'ଭର୍ଚୁଆଲ୍ ମୋଡ୍'ରେ କରାଯିବା ପାଇଁ ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୁଡ଼, ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜଷ୍ଟିସ୍ ବିକ୍ରମ ନାଥଙ୍କ ଖଣ୍ଡପୀଠ ଓଡ଼ିଶା ସରକାରଙ୍କ ଓକିଲଙ୍କ ଅନୁରୋଧ ଉପରେ ସହମତି ପ୍ରଦାନ କରିଥିଲେ। ବଂଶଧାରା ଜଳ ବିବାଦ ମାମଲାକୁ 'ଫିଜିକାଲ୍ ମୋଡ'ରେ କରିବା ପାଇଁ ଆଜି ତିନି ଜଣିଆ ଖଣ୍ଡପୀଠ ତାରିଖ ଧାର୍ଯ୍ୟ କରିଥିଲେ। ହେଲେ ବେଞ୍ଚରେ ଅନ୍ୟ ମାମଲାର ଶୁଣାଣି ଦୀର୍ଘ ସମୟ ଧରି ଜାରି ରହିବା ଯୋଗୁଁ ବଂଶଧାରା ଜଳ ବିବାଦ ମାମଲାର ଶୁଣାଣି ହୋଇପାରିନଥିଲା। ଏହା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ମାମଲାରେ ନିୟୋଜିତ ଓକିଲ ଜୟନ୍ତ ଭୂଷଣ ମାମଲାର ପରବର୍ତ୍ତୀ ଶୁଣାଣିକୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ କରାଯିବା ପାଇଁ ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୮କୁ ଧାର୍ଯ୍ୟ କରାଯାଇଛି। ବଂଶଧାରା ଜଳ ବିବାଦ ମାମଲାରେ ଟ୍ରିବ୍ୟୁନାଲଙ୍କ ରାୟକୁ ବିରୋଧ କରି ଓଡ଼ିଶା ତିନିଟି ଏସ୍‌ଏଲ୍‌ପି ସୁପ୍ରିମକୋର୍ଟରେ ଦାୟର କରିଛି।

ଆରଏମଆରସିର ସର୍ଭେ ରିପୋର୍ଟ

# ବୟସ୍କ ଓ ଶିଶୁଙ୍କ ସଂକ୍ରମଣ ହାର ସମାନ

**ଭୁବନେଶ୍ୱର :** କରୋନା ତୃତୀୟ ଲହରର ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ। ପୂର୍ବଭଳି କୋଭିଡ୍ ସଂକ୍ରମିତଙ୍କ ପାଇଁ ବେଡ୍ ପ୍ରସ୍ତୁତ ରଖିବା ସହ ଅତିରିକ୍ତ ମାନବ ସମ୍ବଳ ବିନିଯୋଗ ଉପରେ ଗୁରୁତ୍ୱ ଦିଆଯାଇଛି। ସର୍ଭେଲାନ୍ସ, ଟିକାକରଣ, ଟେଷ୍ଟିଂ ଜାରି ରହିବା ସହ ଦାୟିତ୍ୱରେ ଥିବା ବ୍ୟକ୍ତି ନଭେମ୍ବର ୩୦ ଯାଏ ସେହି କାମରେ ନିୟୋଜିତ ରହିବେ। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର ଏହି ସୂଚନା ଦେଇଛନ୍ତି। ଆଉଟସୋର୍ସ କର୍ମଚାରୀଙ୍କୁ 'ନିର୍ମଳ ସ୍କିମ'ରୁ ଅର୍ଥ ପ୍ରଦାନ କରାଯିବ। ତେଣୁ ଡାକ୍ତର, ନର୍ସ, ଲ୍ୟାବ ଟେକ୍ନିସିଆନ, ଫାର୍ମାସିଷ୍ଟଙ୍କ ସହ ମ୍ୟାନେଜର, ଓ ଡିଇଓଙ୍କୁ ମଧ୍ୟ ପୂର୍ବଭଳି ପ୍ରାପ୍ୟ ବ୍ୟବସ୍ଥା କରାଯାଇଛି। ଏଚଏସଏସ-ଏନଏଚଏମ ଫଣ୍ଡରୁ ସମସ୍ତଙ୍କୁ ପ୍ରାପ୍ୟ ଦିଆଯିବ। ଏନେଇ ସବୁ ଜିଲ୍ଲାପାଳଙ୍କୁ ସ୍ୱାସ୍ଥ୍ୟ ବିଭାଗ ଚିଠି



ଲେଖିଛି। ଅନ୍ୟପଟେ କରୋନା ନେଇ ଆରଏମଆରସିର ନୂଆ ସର୍ଭେ ରିପୋର୍ଟ ଆସିଛି। ସର୍ଭେରୁ ଜଣାପଡ଼ିଛି ଯେ ଶିଶୁ ଓ ବରିଷ୍ଠ ଲୋକଙ୍କ ସଂକ୍ରମଣ ସ୍ଥିତି ପ୍ରାୟ ସମାନ। ତେବେ ଅନ୍ୟବର୍ଗ ଅପେକ୍ଷା କେବଳ ଶିଶୁ ଅଧିକ ସଂକ୍ରମିତ ହେଉଛନ୍ତି। ଯେତେବେଳେ ଅନ୍ୟବର୍ଗର ଲୋକ ଅଧିକ ମାତ୍ରାରେ ସଂକ୍ରମିତ ହେଉଛନ୍ତି, ଠିକ୍ ସେହି ସମୟରେ ଶିଶୁଙ୍କ ସଂକ୍ରମଣ ସଂଖ୍ୟା ମଧ୍ୟ ବଢୁଛି। ଆରଏମ୍ଆରସି ଭୁବନେଶ୍ୱର ଓ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ମିଳିତ ଉଦ୍ୟମରେ ୨୦୨୦ ମାର୍ଚ୍ଚ ୬ରୁ ୨୦୨୧ ଅଗଷ୍ଟ ୧୭ ତାରିଖ ମଧ୍ୟରେ ବିଭିନ୍ନ ବର୍ଗର ଲୋକଙ୍କ ସ୍ୱାବ ସଂଗ୍ରହ କରାଯାଇଥିଲା। ସେଥିରୁ ୭୫ ହଜାର ୧୯୦ ଜଣ ଅର୍ଥାତ୍ ୧୩ ପ୍ରତିଶତ ସଂକ୍ରମିତ ରହିଥିଲେ। ସେଥିମଧ୍ୟରୁ ୫ ହଜାର ୯୮୮ ଜଣ ୧୮ ବର୍ଷରୁ କମ ବୟସର ଶିଶୁ ଥିବାବେଳେ ୬୯ ହଜାର ୨୦୨ ଜଣ ବିଭିନ୍ନ ବର୍ଗର। ଶୂନରୁ ୧୭ ବର୍ଷ ମଧ୍ୟରେ ୧୧.୬ ପ୍ରତିଶତ ରହିଛନ୍ତି। ୬ରୁ ୯ ବର୍ଷ ମଧ୍ୟରେ ୧୨.୯୬ ପ୍ରତିଶତ ଥିବାବେଳେ ଶୂନରୁ ୫ ବର୍ଷ ମଧ୍ୟରେ ୯.୦୭ ପ୍ରତିଶତ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଅନୁସନ୍ଧାନରୁ ଜଣାପଡ଼ିଛି, ଗତ ଦୁଇଟି ଲହର ସମୟରେ ପିଲାମାନଙ୍କ ମଧ୍ୟରେ ସଂକ୍ରମଣ ହାର ବୟସ୍କଙ୍କ ତୁଳନାରେ କମ୍ ଥିଲା। ପ୍ରଥମ ଏବଂ ଦ୍ୱିତୀୟ ଲହରରେ ଓଡ଼ିଶାରେ ଶୂନରୁ ୧୭ ବର୍ଷ ବୟସରେ ମୃତ୍ୟୁ ହାର ଯଥାକ୍ରମେ ୦.୦୫ ପ୍ରତିଶତ ଏବଂ ୦.୦୩ ପ୍ରତିଶତ ଥିଲା। ଯାହା ସାମମଗ୍ରିକ ମୃତ୍ୟୁ ହାରର ୦.୭୫ ପ୍ରତିଶତ ଠାରୁ ବହୁତ କମ୍। ୨୦୨୧ ମସିହାରେ ଶୂନରୁ ୬ ବର୍ଷ ମଧ୍ୟରେ ୪ ଜଣ ଶିଶୁଙ୍କ ମୃତ୍ୟୁ ହୋଇଥିବା ବେଳେ ୬ରୁ ୧୪ ବର୍ଷ ମଧ୍ୟରେ ୧୧ ଜଣଙ୍କ ଜୀବନ ଯାଇଛି। ସେହିପରି ୧୫ରୁ ୧୮ ବର୍ଷ ବୟସ ମଧ୍ୟରେ ୮ ଜଣଙ୍କର ମୃତ୍ୟୁ ଘଟିଛି। କରୋନାରେ ଅନ୍ୟ ବର୍ଗ ଅପେକ୍ଷା ଶିଶୁ ବର୍ଗ ଅଧିକ ସଂକ୍ରମିତ ହେଉଛନ୍ତି ବୋଲି ଯେଉଁ ଆକଳନ କରାଯାଉଥିଲା, ତାହା ଭୁଲ ପ୍ରମାଣିତ ହୋଇଛି। ଏହି ସର୍ଭେରୁ ଜଣାପଡ଼ିଛି, କରୋନା ସଂକ୍ରମଣରେ ଅନ୍ୟ ବର୍ଗର ଲୋକମାନେ ଯେତେ ମାତ୍ରାରେ ସଂକ୍ରମିତ ହେଉଛନ୍ତି, ଠିକ୍ ସମାନ ଭାବରେ ଶିଶୁ ବର୍ଗ ମଧ୍ୟ ସଂକ୍ରମିତ ହେଉଛନ୍ତି।

## ଓଡ଼ିଶାର ଗାଙ୍ଗପୁର ଥାନାକୁ ଦେଶର ଶ୍ରେଷ୍ଠ ଥାନା ମାନ୍ୟତା

**ଭୁବନେଶ୍ୱର :** ସଫଳ ହେଉଛି ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ। ରାଜ୍ୟରେ ସଫଳ ହେଉଛି ପୋଲିସ୍ ସଂସ୍କାର। ଉତ୍ତମ ସେବା ସହ ଲୋକଙ୍କୁ ମିଳୁଛି ନ୍ୟାୟ। ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା ପରେ ପୋଲିସ ବିଭାଗ ପ୍ରତିଟି କ୍ଷେତ୍ରରେ ରାଜ୍ୟବାସୀ ବିକଶିତ ଓଡ଼ିଶାର ଛବି ଦେଖିବାକୁ ପାଉଛନ୍ତି। ରାଜ୍ୟରେ ପୋଲିସ ସଂସ୍କାରକୁ ଏବେ ମିଳିଛି କେନ୍ଦ୍ର ସରକାରଙ୍କ ସ୍ୱୀକୃତି। ଏକ ଉଲ୍ଲେଖନୀୟ ଘଟଣାକ୍ରମେ ଦେଶର ତିନୋଟି ଶ୍ରେଷ୍ଠ ଥାନା ମଧ୍ୟରେ ଗଞ୍ଜାମ ଜିଲ୍ଲାର ଗାଙ୍ଗପୁର ଥାନା ଅନ୍ତର୍ଭୁକ୍ତ ହୋଇଛି। ଆସନ୍ତା ୧୯ ତାରିଖରେ ଲକ୍ଷ୍ନୌ ସ୍ଥିତ କେନ୍ଦ୍ରୀୟ ପୋଲିସ ମୁଖ୍ୟାଳୟ ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ଗୃହମନ୍ତ୍ରୀ ପୁରସ୍କାର ପ୍ରଦାନ କରିବେ। ଗାଙ୍ଗପୁର ଥାନା ଆଇଆଇସି ଧୀରେଶ ଦାଶ ସାମିଲ ହୋଇ ଟ୍ରଫି ଗ୍ରହଣ କରିବାକୁ ଏଡିଜି ଗଞ୍ଜାମ ଏସପିଙ୍କୁ ପତ୍ର ଲେଖିଛନ୍ତି। ଅପରାଧ ନିୟନ୍ତ୍ରଣ, ସିସିଟିଏନ୍ଏସ୍‌ରେ କେସ୍ ରେଜିଷ୍ଟ୍ରେସନ୍, ଏନଫୋର୍ସମେଣ୍ଟ, ସ୍ୱଚ୍ଛତା, ଜନସାଧାରଣଙ୍କ ମତାମତ ଆଦି ପ୍ରସଙ୍ଗକୁ ନେଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏକ ସର୍ଭେ କରିଥିଲା।




ସେଥିରେ ଗଞ୍ଜାମ ଜିଲ୍ଲାର ଗାଙ୍ଗପୁର ଥାନା ଟପ୍ – ୩ ମଧ୍ୟରେ ରହିଛି। ଏହା ରାଜ୍ୟ ପାଇଁ ଏକ ଗୌରବର ବିଷୟ ବୋଲି କହିଛନ୍ତି ଦକ୍ଷିଣାଞ୍ଚଳ ଡିଆଇଜି। ରାଜ୍ୟ ସରକାର ପୋଲିସ ବିଭାଗକୁ ଅଧିକ କ୍ରିୟାଶୀଳ କରି ସାଧାରଣ ଜନତାଙ୍କୁ ସୁରକ୍ଷା ଓ ସେବା ଯୋଗାଇବାକୁ ଅନେକ ପ୍ରୟାସ କରୁଛନ୍ତି। ତାହାର ଫଳସ୍ୱରୂପ ଏଭଳି ସଫଳତା ମିଳିପାରିଛି ବୋଲି କହିଛନ୍ତି ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ। କରୋନା ମହାମାରୀ ସମୟରେ କୋଭିଡ୍ ଗାଇଡ୍‌ଲାଇନ୍ ଏନଫୋର୍ସମେଣ୍ଟ ଭଳି କର୍ତ୍ତବ୍ୟ ସାଙ୍ଗକୁ ପୋଲିସ ନିଜ ସାମାଜିକ ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇ ସାଧାରଣ ଜନତାଙ୍କ ପ୍ରିୟ ଭାଜନ ହୋଇଛି।

## ନୂଆ ଜିଲ୍ଲାପାଳଙ୍କ ପ୍ରସ୍ତାବିତ ଜିନ୍ଦଲ ପ୍ରକଳ୍ପକୁ ନେଇ ସମୀକ୍ଷା

**ଜଗତ୍‌ସିଂହପୁର:** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ନୂଆ ଜିଲ୍ଲାପାଳ ପାରୁଲ



ପଟ୍ଓ୍ୱାରୀଙ୍କ ଅଧ୍ୟକ୍ଷତାରେ ପ୍ରଥମଥର କରି ଜିନ୍ଦଲ ଉତ୍କଳ ଷ୍ଟିଲ ଲିମିଟେଡର କର୍ମକର୍ତ୍ତା, ଏରସମା ପଂଚାୟତ ସମିତି ଅଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟ ଏବଂ ପ୍ରଭାବିତ ଗ୍ରା.ପ.ର ସରପଂଚ, ସମିତିସଭ୍ୟ ଓ ଗ୍ରାମବାସୀ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଏକ ସମୀକ୍ଷା ବୈଠକ ଖୁବ ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀମତି ପଟ୍ଓ୍ୱାରୀ ସ୍ୱାଗତ ସୂଚନା ପ୍ରଦାନ କରିବା ସହିତ ସେଠାରେ ଉପସ୍ଥିତ ଥିବା ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଜଗତସିଂହପୁର ସାଂସଦ ଡାଃ ରାଜଶ୍ରୀ ମଲ୍ଲିକ, ଆରକ୍ଷୀ ଅଧୀକ୍ଷକ ଅଖିଳେଶ୍ୱର ସିଂହ ପ୍ରମୁଖ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଜିନ୍ଦଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ମୁଖ୍ୟ ପରିଚାଳନା ଅଧିକାରୀ ରଂଜନ ନାୟକ ଏହି ପ୍ରକଳ୍ପ ସମ୍ପର୍କରେ ତଥା ସିଏସ୍ଆର ମାଧ୍ୟମରେ ଆଂଚଳିକ ଉନ୍ନୟନ ପାଇଁ ନେବାକୁ ଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହିତ ପାନବରଜ ବାବଦକୁ ମାଲିକ ତଥା ଶ୍ରମିକଙ୍କ ପାଇଁ କ୍ଷତିପୂରଣ ରାଶି, ଜଙ୍ଗଲଜମି ମାନଙ୍କରେ ଥିବା ବୃକ୍ଷ ବାବଦକୁ କ୍ଷତିପୂରଣ, ଜଙ୍ଗଲ ସୁରକ୍ଷା କମିଟିକୁ କ୍ଷତିପୂରଣ ଏବଂ ନିଯୁକ୍ତି ସମ୍ପର୍କରେ ତ୍ରିପାକ୍ଷୀକ ଆଲୋଚନା ହୋଇଥିଲା। ଏହି ବୈଠକରେ ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ ସଚିଦାନନ୍ଦ ସାହୁ, ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ କାହ୍ନୁଚରଣ ଧୀର ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତି ଚିନ୍ମୟୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁଗ୍ଧ ଉତ୍ପାଦନର ନୂଆ ଯୁଗ ଆରମ୍ଭ

**ଭୁବନେଶ୍ୱର :** କଟକ ଜିଲ୍ଲାର ଅରିଲୋ ଠାରେ ୨୬୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ଓମ୍‌ଫେଡ୍‌ର ଅତ୍ୟାଧୁନିକ ଦୁଗ୍ଧ ପ୍ରକ୍ରିୟାକରଣ କାରଖାନା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି। ଏହି ଅତ୍ୟାଧୁନିକ ପ୍ଲାଣ୍ଟରେ ଦୈନିକ ୫ ଲକ୍ଷ ଲିଟର କ୍ଷୀର ପ୍ରକ୍ରିୟା କରଣ କରାଯିବ ଏବଂ ଏଥିରୁ ଦୈନିକ ୨ ଲକ୍ଷ ଲିଟର ଦୁଗ୍ଧ ଗୁଣ୍ଡ ଉତ୍ପାଦିତ ହେବ। ଏହା ସହିତ ଉଚ୍ଚମାନର ଦହି, ଦୁଗ୍ଧ, ଲହୁଣି, ଲସି, ଘିଅ, ପନୀର ଓ ଫ୍ଲେଭୋରିଡ୍ ମିଲ୍କ ଉତ୍ପାଦନ କରାଯାଇ ଲୋକଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଲେ ଯେ ଓମ୍‌ଫେଡ୍ ହେଉଛି ରାଜ୍ୟର ଲକ୍ଷ ଲକ୍ଷ ଦୁଗ୍ଧ ଚାଷୀ ମାନଙ୍କର ନିଜ ଅନୁଷ୍ଠାନ। ଏହାର ବିକାଶରେ ସବୁ ଚାଷୀ ଭାଇ ଭଉଣୀ ମାନଙ୍କର ଅବଦାନ ରହିଛି। ଓମ୍‌ଫେଡ୍ ମଧ୍ୟ ସବୁବେଳେ ଚାଷୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ କାମ କରିଆସୁଛି। ଏହି ନୂଆ ପ୍ଲାଣ୍ଟ ଉଦଘାଟନ ଦ୍ୱାରା ଚାଷୀ ମାନଙ୍କର ରୋଜଗାର ବଢ଼ିବ ଓ ପ୍ରାୟ ୬ ଲକ୍ଷ ଚାଷୀ ଉପକାର ପାଇବେ। ମୁଖ୍ୟମନ୍ତ୍ରୀ କହିଲେ ଯେ ଆମର ସବୁ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ ହେଉଛି ଚାଷୀ ଭାଇର ରୋଜଗାର ବଢାଇବା। ଏଥିପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ରାଜ୍ୟରେ ଡାଇରୀ ଫାର୍ମ ଓ ପ୍ରୋସେସିଂ ୟୁନିଟ୍ ପ୍ରତିଷ୍ଠା ପାଇଁ ଯେପରି ଯୁବ ସମାଜ ଆଗେଇ ଆସିବେ ସେଥିପାଇଁ ରାଜ୍ୟ ସରକାର ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତି ଦେଉଛନ୍ତି। ତେଣୁ ସରକାରଙ୍କର ବିଭିନ୍ନ କାର୍ଯ୍ୟକ୍ରମର ସୁଯୋଗ ନେଇ ରାଜ୍ୟର ବିକାଶରେ ଭାଗୀଦାର ହେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଥିଲେ। ପୁଷ୍ଟି ନିରାପତ୍ତାରେ ଦୁଗ୍ଧର ଗୁରୁତ୍ୱ ବିଷୟରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ଆହ୍ୱାନ ଜଣାଇଥିଲେ ଏବଂ ଶ୍ୱେତ ବିପ୍ଳବ



ଆଣିବା ପାଇଁ ସରକାରଙ୍କ ଉଦ୍ୟମରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ରାଜ୍ୟରେ ଓମ୍‌ଫେଡ ଦୁଗ୍ଧ ସଂଗ୍ରହ କ୍ଷମତା ଦୈନିକ ୧୦ ଲକ୍ଷ ଲିଟରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଯେ ଗତ ଦୁଇ ଦଶକରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ତିନିଗୁଣ ବୃଦ୍ଧି ପାଇଛି। ୨୦୦୦ ମସିହାରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ୮ଲକ୍ଷ ୭୫ ହଜାର ମେଟ୍ରିକ ଟନ୍ ଥିବାବେଳେ ୨୦୨୦ ରେ ଏହା ୨୩ ଲକ୍ଷ ୭୦ ହଜାର ମେଟ୍ରିକ ଟନ୍‌କୁ ବୃଦ୍ଧି ପାଇଛି। ବର୍ତ୍ତମାନ ଓମ୍‌ଫେଡ୍ ଦ୍ୱାରା ଦୈନିକ ସଂଗୃହିତ ୫ ଲକ୍ଷ ଲିଟର ଦୁଗ୍ଧ ଓମଫେଡ୍‌ର ୪୦୫ ଟି ଶୀତଳୀକରଣ କେନ୍ଦ୍ରରେ କରାଯାଉଛି ଏବଂ ୧୩ ଟି ପ୍ଲାଣ୍ଟରେ ପ୍ରକ୍ରିୟାକରଣ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବିଭାଗୀୟ ମନ୍ତ୍ରୀ ଡ. ଅରୁଣ ସାହୁ ରାଜ୍ୟରେ କୃଷି ଓ ଆନୁସଙ୍ଗୀକ କୃଷିର ବିକାଶ କ୍ଷେତ୍ରରେ ସରକାର ଗ୍ରହଣ କରିଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ସଂଗୃହିତ ଦୁଗ୍ଧର ଉପଯୁକ୍ତ ବିକ୍ରି ଓ ଉଚିତ ମୂଲ୍ୟ ପାଇବା ହେତୁ ଦୁଗ୍ଧ ଚାଷୀଙ୍କ ଆୟରେ ଉଲ୍ଲେଖନୀୟ ବୃଦ୍ଧି ଘଟିବେ ବୋଲି ସେ ଆଶା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଙ୍କି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ ଜେନା, ଏନ୍‌ଡିଡିବିର ଅଧକ୍ଷ ଓ ବିଭାଗୀୟ ଶାସନ ସଚୀବ ପ୍ରମୁଖ ଯୋଗ ଦେଇଥିଲେ।

## ବୁଲା ପଶୁଙ୍କ ସୁରକ୍ଷା ପାଇଁ ଜୀବ ମଙ୍ଗଳ ଯୋଜନା




**ଭୁବନେଶ୍ୱର :** ବୁଲା ଏବଂ ବେସାହାରା ପ୍ରାଣୀଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି ଜୀବମଙ୍ଗଳ ଯୋଜନା। ଏହି ଯୋଜନାରେ ଗୋଶାଳା ପ୍ରତିଷ୍ଠା ସମେତ ବିଭିନ୍ନ ପ୍ରକାର ଚିକିତ୍ସା ବ୍ୟବସ୍ଥା ପାଇଁ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକୁ ୧୬ରୁ ୫୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସରକାରୀ ଅନୁଦାନ ଦିଆଯିବ। ଜିଲ୍ଲା ଜୀବେ ନିଷ୍ଠୁରତା ନିରୋଧ ସମିତି, ଜୀବ ମଙ୍ଗଳ ସହିତ ଜଡ଼ିତ ସ୍ୱେଚ୍ଛାସେବୀ ସଙ୍ଗଠନ, ରାଜ୍ୟ ଜୀବ ମଙ୍ଗଳ ପରିଷଦ ମିଳିତ ଭାବେ ଏହି କାର୍ଯ୍ୟ କରିବ ବୋଲି କହିଛନ୍ତି କୃଷି ମନ୍ତ୍ରୀ ଡ. ଅରୁଣ ସାହୁ। ଜୀବ ମଙ୍ଗଳ ସଂକ୍ରାନ୍ତରେ କୃଷି ଭବନରେ ଆୟୋଜିତ ରାଜ୍ୟ ସରକାରଙ୍କ ନୂତନ ଯୋଜନା କର୍ମଶାଳାରେ ସେ ଏହି ସୂଚନା ଦେଇଥିଲେ। ମହାନଗର ନିଗମ, ପୌରପରିଷଦ ଏବଂ ଏନ୍ଏସିରେ ବିଭିନ୍ନ ବୁଲା ପଶୁ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହୁଛନ୍ତି। ଦୁର୍ଘଟଣାରେ ଶିକାର ହୋଇ ସେମାନଙ୍କର ଅକାଳ ମୃତ୍ୟୁ ହେଉଛି। ସେମାନଙ୍କ ବଞ୍ଚି ରହିବାର ଅଧିକାରକୁ ସମ୍ମାନ ଜଣାଇ ବୁଲା, ବେସାହାରା ପ୍ରାଣୀଙ୍କୁ ଚିକିତ୍ସା ସେବା, ଆଶ୍ରୟସ୍ଥଳ ପାଇଁ ଭିତ୍ତିଭୂମି ପ୍ରଦାନ ପାଇଁ ଏହି ଯୋଜନା ପ୍ରସ୍ତୁତ ହୋଇଛି। ଏହି ଯୋଜନାରେ ପ୍ରାଣୀ ଚିକିତ୍ସାଳୟ, କ୍ଲିନିକ, ପ୍ରାଣୀ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି, ଅପରେସନ ଥିଏଟର, ଯନ୍ତ୍ରପାତି, ପଶୁ ପରିବହନ ପାଇଁ ଯାନ, ଅସୁସ୍ଥ, ପରିତ୍ୟକ୍ତ ପଶୁଙ୍କ ଆଶ୍ରୟଗୃହ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଯୋଗ୍ୟ ସ୍ୱେଚ୍ଛାସେବୀ ସଙ୍ଗଠନ ସମୁଦାୟ ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ପାଇପାରିବେ। ପଶୁ ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ପ୍ରାଣୀ ଚିକିତ୍ସା ହେଲ୍ପ ଲାଇନ୍ ସୁଦୃଢ଼ କରାଯିବ। ଭୁବନେଶ୍ୱର, କଟକ, ପୁରୀ, ସମ୍ବଲପୁର, ଅନଗୁଳ, ଜଗତ୍ସିଂହପୁର, ବାରିପଦା, ବ୍ରହ୍ମପୁର, ବାଲେଶ୍ୱର, ଭବାନୀପାଟନା, ରାଉରକେଲା ଏବଂ ଯାଜପୁରରେ ଏହା କାର୍ଯ୍ୟକାରୀ ହେବ। କର୍ମଶାଳାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଶାସନ ସଚିବ ଆର୍. ରଘୁପ୍ରସାଦ, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ପୌରପାଳିକା ପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀ ଭିଡିଓ କନଫ୍ରେନ୍ସିଂରେ ଉପସ୍ଥିତ ଥିଲେ।

## ଡିସେମ୍ବର ୧ରୁ ଆନ୍ତର୍ଜାତୀୟ କୋଣାର୍କ ଉତ୍ସବ

**କୋଣାର୍କ :** ଗୁରୁବାର ପୂର୍ବାହ୍ନରେ ସ୍ଥାନୀୟ ଯାତ୍ରୀ ନିବାସ ସମ୍ମିଳନୀ କକ୍ଷରେ କୋଣାର୍କ ଉତ୍ସବ ଓ ଆନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୋଭିଡ ଗାଇଡଲାଇନ ଅନୁଯାୟୀ ଡିସେମ୍ବର ୧ ରୁ ୫ ତାରିଖ ପାଂଚ ଦିନ ବ୍ୟାପି କୋଣାର୍କ ଉତ୍ସବ ଓ ଚନ୍ଦ୍ରଭାଗାରେ ବାଲୁକା କଳା ଉତ୍ସବ ଅନୁଷ୍ଠିତ ହେବ। ମୁକ୍ତାକାଶ ରଙ୍ଗମଞ୍ଚରେ ଶାସ୍ତ୍ରୀୟ ନୃତ୍ୟ ଓ ସଂଗୀତ ଏବଂ ଚନ୍ଦ୍ରଭାଗା ବେଳାଭୂମିରେ ଆନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ପର୍ଯ୍ୟଟନ ସଚିବ ସୁରେନ୍ଦ୍ର କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବିନୟ




କୁମାର ଦାଶ, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଅତିରିକ୍ତ ସଚିବ ରୀନା ମହାପାତ୍ର, ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ମୁକ୍ତାକାଶ ରଂଗମଂଚରେ ଓଡିଶୀ, କଥକ, ସତ୍ରୀୟା, ମୋହିନୀଆଟ୍ଟମ, ଭାରତନାଟ୍ୟମ ଓ କୁଚିପୁଡି ନୃତ୍ୟ ପ୍ରଦର୍ଶିତ ହେବ। ସେହିଭଳି ଚନ୍ଦ୍ରଭାଗା ବେଳାଭୂମୀରେ ବାଲୁକା କଳା ପ୍ରଦର୍ଶନୀ ହେବ। ଦୂରଦର୍ଶନ, ଫେସବୁକ, ୟୁଟ୍ୟୁବ ଓ ବିଭିନ୍ନ ସୋସିଆଲ ମିଡିଆରେ କୋଣାର୍କ ଉତ୍ସବର ସିଧା ପ୍ରାସାରଣ କରାଯିବ। ଏହି ଉତ୍ସବ ସମୟରେ ଆଲୋକ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ଆଇନଶୃଙ୍ଖଳା, ପାର୍କିଂ, ପରିମଳ, ଅଗ୍ନିଶମ ବିଭାଗ, ଏଏସଆଇ ଆଦି ବିଭାଗକୁ ସୁଚାରୁରୂପେ କାର୍ଯ୍ୟ ତୁଲାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ପୂର୍ବ ବର୍ଷ ଭଳି ଏଥର ମୀନାବଜାର, ଯାତ୍ରାକୁ ଅନୁମତି ଦିଆଯାଇନାହିଁ। ଏହି ଅବସରରେ କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ଉତ୍ସବ, କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ ବେଳାଭୂମି ପଦଯାତ୍ରା, ପ୍ରେସ କ୍ଲବର ମିନି ସାଇକ୍ଲୋଥନ, ଗଣଦୌଡ଼ ଓ ପୁସ୍ତକ ମେଳା ଆୟୋଜିତ ହେବ। କୋଭିଡ କଟକଣାକୁ ଦୃଷ୍ଟିରେ ରଖି ମୁକ୍ତାକାଶ ରଂଗମଂଚରେ ସାମାଜିକ ଦୂରତା ରକ୍ଷା କରାଯାଇ ନୃତ୍ୟ ପ୍ରଦର୍ଶନ ହେବ ବୋଲି ସଚିବ ଶ୍ରୀକୁମାର ସୂଚନା ଦେଇଛନ୍ତି।

## ୧୧୭ ପୁଲିସ ଏସ୍ଆଇଙ୍କୁ ପଦୋନ୍ନତି




**କଟକ :** ୧୧୭ ଜଣ ପୁଲିସ ଏସ୍ଆଇଙ୍କୁ ଇନ୍ସପେକ୍ଟର ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ସେମାନଙ୍କ ପଦୋନ୍ନତି ଓ ବଦଳି ସଂପର୍କରେ ଆଜି ରାଜ୍ୟ ପୁଲିସ ମୁଖ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୧୬, ଫେବ୍ରୁଆରି ୨, ଗୃହ ବିଭାଗର ଚିଠି ଏବଂ ୨୦୨୧, ଫେବ୍ରୁଆରି ୯ ତାରିଖର ବିଜ୍ଞପ୍ତି ଆଧାରରେ ଆଜି ପୁଲିସ ଏଷ୍ଟାବ୍ଲିସମେଣ୍ଟ ବୋର୍ଡ ବସି ୧୧୭ ଜଣ ଏସ୍ଆଇଙ୍କୁ ପଦୋନ୍ନତି ଦିଆଯାଇଛି। ସେମାନଙ୍କୁ ତୁରନ୍ତ ନିଜନିଜ ସ୍ଥାନରୁ ରିଲିଭ୍ କରିବା ପାଇଁ ମଧ୍ୟ ବିଜ୍ଞପ୍ତିରେ ନିର୍ଦ୍ଦେଶ ଦିଆଯାଇଛି।

# ଡିସେମ୍ବର ୧୪ ସୁଦ୍ଧା ପୂର୍ଣ୍ଣାଙ୍ଗ ଭୋଟର ତାଲିକା

**ଭୁବନେଶ୍ୱର :** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ-୨୦୨୨ ନିମନ୍ତେ ଆଜି ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ବାଲେଶ୍ୱର ଜିଲା ବ୍ୟତୀତ ସମସ୍ତ ଜିଲାର ୱାର୍ଡୱାରୀ ଭୋଟର ତାଲିକା ପ୍ରସ୍ତୁତ ନିମନ୍ତେ ଚୂଡ଼ାନ୍ତ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ଘୋଷଣା ହୋଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ଚଳିତ ୨୦୨୧ ମସିହା ନଭେମ୍ବର ୧୬ ତାରିଖରେ ପ୍ରାଥମିକ ଭୋଟର ତାଲିକା ଗ୍ରାମପଞ୍ଚାୟତ ସଦର ମହକୁମାରେ ପ୍ରକାଶ ପାଇବ। ଏହି ତାରିଖଠାରୁ ୨୦୨୧ ନଭେମ୍ବର ୨୩ ତାରିଖ ପର୍ଯ୍ୟନ୍ତ ଆବେଦନକାରୀ ଭୋଟର ତାଲିକା ସଂପର୍କିତ ସମସ୍ତ ଦାବି ଓ ଆପତ୍ତି ଇଲେକେଫାରାଲ୍ ରେଜିଷ୍ଟ୍ରେସନ୍ ଅଧିକାରୀଙ୍କ ପାଖରେ ଦାଖଲ କରିପାରିବେ। ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ଯେଉଁ ଭୋଟର ତାଲିକା ଜାନୁଆରୀ ୨୦୨୧ରେ ପ୍ରକାଶିତ ହୋଇଛି ତାହାକୁ ଅଧାର କରି ପଞ୍ଚାୟତ ନିର୍ବାଚନ ଲାଗି ଭୋଟର ତାଲିକା ପ୍ରସ୍ତୁତ କରାଯିବ ବୋଲି ରାଜ୍ୟ ନିର୍ବାଚନ କମିଶନର ସୂଚନା ଦେଇଛନ୍ତି। ନୂଆକରି ଭୋଟର ତାଲିକାରେ ନିଜର ନାମ ପଞ୍ଜୀକରଣ କିମ୍ବା ସଂଶୋଧନ କରିବାକୁ ଚାହୁଁଥିବା ବ୍ୟକ୍ତିବିଶେଷ ଏହି ଧାର୍ଯ୍ୟ ତାରିଖ ମଧ୍ୟରେ ଫର୍ମ ୧୬ ଯୋଗେ ଆବେଦନ କରିପାରିବେ। ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ ନିମନ୍ତେ ରାଜ୍ୟ ନିର୍ବାଚନ କମିଶନର ତା. ୦୧/୧୧/୨୦୨୧ରିଖକୁ ଯୋଗ୍ୟ ତାରିଖ ରୂପେ ନିର୍ଦ୍ଧାରଣ କରିଛନ୍ତି। ଏହି ତାରିଖ ସୁଦ୍ଧା ୧୮ ବର୍ଷ କିମ୍ବା ତା'ଠାରୁ ଉର୍ଦ୍ଧ୍ୱ ଏବଂ ଭୋଟର ତାଲିକାରେ ପଞ୍ଜୀକରଣ ନିମନ୍ତେ ଯୋଗ୍ୟ ସମସ୍ତ ବ୍ୟକ୍ତିବିଶେଷ ସାଧାରଣ ଭାବେ ପଞ୍ଚାୟତର ଯେଉଁ ୱାର୍ଡରେ ବାସ କରୁଛନ୍ତି ଉକ୍ତ ୱାର୍ଡର ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ଦରଖାସ୍ତ କରିପାରିବେ। ସେହିପରି ଭୋଟର ତାଲିକାଭୁକ୍ତ ନାମ ସମ୍ବନ୍ଧରେ ଆପତ୍ତି ପାଇଁ ଫର୍ମ ନମ୍ବର ୧୭ ଜରିଆରେ ଆବେଦନ କରିପାରିବେ। ଏହି ସମସ୍ତ ୧୬ ଏବଂ ୧୭ ଫର୍ମ ଗ୍ରାମପଞ୍ଚାୟତର ସଦର ମହକୁମାରେ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ୍ ଅଫିସରଙ୍କଠାରୁ ବିନାମୂଲ୍ୟରେ ମିଳିପାରିବ। ଏଣୁ ଭୋଟର ତାଲିକାଭୁକ୍ତ ହେବା ପାଇଁ ସମସ୍ତ ଯୋଗ୍ୟ ବ୍ୟକ୍ତି ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ଏହାର ସୁଯୋଗ ନେବା ପାଇଁ ରାଜ୍ୟ ନିର୍ବାଚନ କମିଶନର ଆଜିର ବୈଠକରେ ଜନସାଧାରଣଙ୍କୁ



ନିବେଦନ କରିଛନ୍ତି। ଏହାପରେ ୨୪ ନଭେମ୍ବର ୨୦୨୧ଠାରୁ ୨୬ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ୍ ଅଧିକାରୀଙ୍କ ଦ୍ୱାରା ଆସିଥିବା ଦାବି ଓ ଆପତ୍ତିଗୁଡ଼ିକର ତଦନ୍ତ ଓ ଫଇସଲା କରାଯିବ। ୨୯ ନଭେମ୍ବର ୨୦୨୧ଠାରୁ ୩୦ ନଭେମ୍ବର ୨୦୨୧ ମଧ୍ୟରେ ଚିଠା ଭୋଟର ତାଲିକା ନିରୀକ୍ଷଣ ଏବଂ ଇଲେକ୍ଟୋରାଲ୍ ରେଜିଷ୍ଟ୍ରେସନ୍ ଅଧିକାରୀଙ୍କ ନିଷ୍ପତ୍ତିରେ ଅସନ୍ତୁଷ୍ଟ ବ୍ୟକ୍ତି ବିଡ଼ିଓଙ୍କୁ ଦରଖାସ୍ତ ପ୍ରଦାନ କରିପାରିବେ। ୧ ଡିସେମ୍ବର ୨୦୨୧ଠାରୁ ୨ ଡିସେମ୍ବର ୨୦୨୧ ମଧ୍ୟରେ ବିଡ଼ିଓ ତଥା ଇଲେକ୍ଟୋରାଲ୍ ରେଜିଷ୍ଟ୍ରେସନ୍ ଅଧିକାରୀଙ୍କ ଦ୍ୱାରା ଦରଖାସ୍ତଗୁଡ଼ିକର ଫଇସଲା କରାଯିବ। ୪ ଡିସେମ୍ବର ୨୦୨୧ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ୬ ଡିସେମ୍ବର ୨୦୨୧ରେ ଚୂଡ଼ାନ୍ତ ଭୋଟର ତାଲିକା କମିଶନଙ୍କ ନିକଟରେ ଦାଖଲ ଏବଂ ୧୪ ଡିସେମ୍ବର ୨୦୨୧ରେ ମୁଦ୍ରିତ ଚୂଡ଼ାନ୍ତ ଭୋଟର ତାଲିକା ରାଜ୍ୟ ନିର୍ବାଚନ କମିଶନରଙ୍କ ନିକଟକୁ ପ୍ରେରଣ କରାଯିବ। ବିଧାନସଭା ଭୋଟର ତାଲିକା-୨୦୨୧ ଅନୁସାରେ ଗ୍ରାମାଞ୍ଚଳର ମୋଟ ଭୋଟର ସଂଖ୍ୟା ୨,୭୮,୩୯,୪୫୧ ରହିଛି। ଏଥିରେ ପୁରୁଷ ଭୋଟର ସଂଖ୍ୟା ୧,୪୨,୦୦,୫୮୯ ଏବଂ ମହିଳା ଭୋଟର ସଂଖ୍ୟା ୧,୩୬,୩୬,୮୭୯ ଏବଂ ତୃତୀୟଲିଙ୍ଗ ଭୋଟର ସଂଖ୍ୟା ୧୯୪୭ ରହିଛି। ସୂଚନାଯୋଗ୍ୟ ଯେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଜିଲାପାଳ ଇଲେକ୍ଟୋରାଲ୍ ରେଜିଷ୍ଟ୍ରେସନ୍ ଅଧିକାରୀ ଭୋଟର ତାଲିକା ପ୍ରସ୍ତୁତି ଓ ଚୂଡ଼ାନ୍ତ କାର୍ଯ୍ୟର ସାମୂହିକ ଭାବେ ଦାୟିତ୍ୱ ତୁଲାଇବେ। କୌଣସି ବ୍ୟକ୍ତି ଯେ କି ଲୋକପ୍ରତିନିଧି ଅଧିନିୟମ ୧୯୫୦ ଓ ଓଡ଼ିଶା ଗ୍ରାମପଞ୍ଚାୟତ ଅଧିନିୟମ ୧୯୬୪ ଅନୁସାରେ କୌଣସି ଗ୍ରାମପଞ୍ଚାୟତର ଭୋଟର ହିସାବରେ ତାଲିକାଭୁକ୍ତ ହେବା ପାଇଁ ଯୋଗ୍ୟଥିବେ, ସଂପୃକ୍ତ ୱାର୍ଡର ଭୋଟର ତାଲିକାରେ ତାଙ୍କର ନାମ ଦରଜ ହେବ ଓ ଯେଉଁ ବ୍ୟକ୍ତି ଉକ୍ତ ଅଧିନିୟମ ଅନୁସାରେ ଅଯୋଗ୍ୟ ଥିଲେ ତାଙ୍କର ନାମ ସଂପୃକ୍ତ ଭୋଟର ତାଲିକାରୁ ବାଦ ଦିଆଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ ରବୀନ୍ଦ୍ର ନାଥ ସାହୁ, ସ୍ୱତନ୍ତ୍ର ସଚିବ ରଘୁରାମ ଆର୍. ଆୟାର, ଉପ ସଚିବ ଆଜାଦ ହିନ୍ଦ୍ ପାଣିଗ୍ରାହୀ ଏବଂ ଆଇନ ଅଧିକାରୀ ମାଧୁରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୫ - ୨୧ ନଭେମ୍ବର, ୨୦୨୧

# ସମୟ ଉଚିତ୍ ଶିକ୍ଷା ଦିଏ

ସମୟ କେତେବେଳେ କେଉଁ ରୂପ ଧାରଣ କରେ ତାହାର ଆଭାସ ମଣିଷ ସହଜରେ ପାଏନାହିଁ। ତେଣୁ ନିଜକୁ ସମୟ ସହ ଯୋଡିବାର ଦକ୍ଷତା ନରହିଲେ ବେଳେ ବେଳେ ପରିସ୍ଥିତି ଅଣାୟତ୍ତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏଥିରେ ପରିବାର କଥା ହେଉକି ରାଷ୍ଟ୍ରୀୟ ସୁରକ୍ଷା, ସବୁଠି ସମୟର ଆହ୍ୱାନକୁ ମୁକାବିଲା କରିବାର ସାମର୍ଥ୍ୟ ଭରପୁର ଉପଯୋଗ କଲେ ନିଶ୍ଚୟ ସୁଫଳ ମିଳିଥାଏ। କିନ୍ତୁ ସମୟର କଠୋର ନିଷ୍ପତ୍ତି ବୁଝିନପାରି ମଣିଷ ଯେବେ ନିଜକୁ ଅତି ଚତୁର ମନେକରି ଅନ୍ୟକୁ ହେୟଜ୍ଞାନ କରେ, ସେତେବେଳେ ଯେଉଁ ବିପତ୍ତି ଆସେ ତାହାକୁ ଟାଳିଦେବା ଆଦୌ ସହଜ ନୁହେଁ। ଯେତେଯେତେ ଦୁର୍ବିପାକ ଆସିଛି, ତାହାର ସାମ୍ନା କରି ମଣିଷ ପୁଣି ଭବିଷ୍ୟତ ପନ୍ଥା ନିର୍ଦ୍ଧାରଣ କରିପାରିଛି। ଯେଉଁ ସୂଚନାରେ ସତ୍ୟ ଅଛି ତାହାକୁ ଉପେକ୍ଷା କଲେ ଫଳାଫଳ କ୍ଷତି ହିଁ ସାବ୍ୟସ୍ତ ହୋଇଛି। ଆଜିକାଲି ଅର୍ଥ ବଳରେ ଅନେକ କିଛି ହାସଲ କରାଯାଇ ପାରୁଥିଲେ ମଧ୍ୟ ସମୟ ଆଗରେ ଅଣ୍ଟା ସଳଖି ଠିଆ ହେବା ଅତ୍ୟନ୍ତ କଷ୍ଟଦାୟକ। ଭଲ ସମୟ ଥିବା ପର୍ଯ୍ୟନ୍ତ ଆମେ ନିଜକୁ ଅତି ବଳିୟାନ ବୋଲି ଭାବିଥାଉ। ହେଲେ ଦୁଃସମୟ ଚଳନ ଥରେ ଆରମ୍ଭ ହୋଇଗଲେ ଏହାର ଭୟାବହତା ଏଭଳି ହୋଇଛି ଯେ ମଣିଷ ସମ୍ପୂର୍ଣ୍ଣ ବରବାଦ ହୋଇପଡିଛି। ତେଣୁ ସମୟ ଆଗରେ ନିଜକୁ ବଡ଼ କହି କେହି ତିଷ୍ଠି ରହିପାରିନାହିଁ। ଆପଣ ଯେତେବଡ଼ ଧନୀ ହୋଇଥାନ୍ତୁ ନା କାହିଁକି ପରିସ୍ଥିତି ଆପଣଙ୍କୁ ଏଭଳି ଶିକ୍ଷା ଦିଏ ଯେ, ସେଥିରେ ସମସ୍ତ ଗର୍ବ, ଅହଂକାର ନିମିଷକରେ ଧୂଳିସାତ ହୋଇଯିବ। ଯାହା କିଛି ନିର୍ଣ୍ଣୟ ନେବାକୁ ପଡେ ତା ପୂର୍ବରୁ ସେ ବିଷୟରେ ଅଧିକରୁ ଅଧିକ ଓ ବାରମ୍ବାର ଚିନ୍ତା କରିବା ଉଚିତ। ଈଶ୍ୱର କାହାକୁ ବଡ଼ କରି ପଠାଇ ନଥାନ୍ତି। ମଣିଷ ନିଜର ବୁଦ୍ଧି, ବିବେକ, ଜ୍ଞାନ ଓ ସୁକର୍ମ ଦ୍ୱାରା ଏହାକୁ ପ୍ରାପ୍ତ ହୋଇଥାଏ। ଶିକ୍ଷକ ଶ୍ରେଣୀରେ ପାଠ ପଢ଼ାଇଲା ବେଳେ ଆଗ ଧାଡ଼ିର ପିଲାଙ୍କୁ ଯେଉଁ ପାଠ ପଢାନ୍ତି ତାହା ପଛ ଧାଡ଼ିର ପିଲାଙ୍କ ପାଇଁ ମଧ୍ୟ ଉଦ୍ଦିଷ୍ଟ ଥାଏ। ଯେଉଁମାନେ ମନଦେଇ ଅନ୍ତରିକତାର ସହ ପଠନରେ ମନୋନିବେଶ କରିଥାନ୍ତି ସେମାନେ କୃତକାର୍ଯ୍ୟ ହେବା ସହିତ ଭାବିଷ୍ୟତରେ ଜଣେ ଜଣେ ବଡ ମଣିଷ ହେବାର ସୁଯୋଗ ପାଇଥାନ୍ତି। ତେଣୁ ସମୟର ଉଚିତ ସଦୁପଯୋଗ କରିପାରିଲେ ସଫଳତା ଅବଶ୍ୟ ମିଳେ। ତେଣୁ ସମୟର ମୂଲ୍ୟ ସେହି ସମୟରେ ବୁଝିହୁଏ ଯେତେବେଳେ ସଫଳତାର ସିଡି ପରେ ସିଡି ଚଢି ଉପରକୁ ଯାଇହୁଏ। ଯେଉଁମାନେ ସମୟ ସହ ତାଳ ନଦେଇ ଭବିଷ୍ୟତର ବିଶାଳ ସ୍ୱପ୍ନ ଦେଖିପାରନ୍ତି ନାହିଁ, ତାଙ୍କ ଜୀବନ ନର୍କ ସଦୃଶ। ସେମାନେ ନିଜ ପାଇଁ ନିଜେ ବୋଝ ପାଲଟିବା ସହ ପରିବାର ଓ ସମାଜ ଉପରେ ବୋଝ ଭଳି ଲଦି ହୋଇଥାନ୍ତି। ଜଣଙ୍କ ପାଇଁ ଅନ୍ୟମାନେ ସଂତାପ କରି ଅତି କଷ୍ଟରେ ରହିବାକୁ ବାଧ୍ୟ ହୁଅନ୍ତି। ଏଭଳି ଭାବେ ସମୟର ଉପଯୋଗ କରିପାରୁନଥିବା ବ୍ୟକ୍ତି ପ୍ରତ୍ୟେକ କ୍ଷେତ୍ରରେ ବିଫଳତାର ସାମ୍ନା କରିକରି ନୟାନ୍ତ ହୋଇପଡନ୍ତି, ହେଲେ ନିସ୍ତାର ପାଇବାର ରାସ୍ତା ଆଉ ଖୋଜି ପାଆନ୍ତିନାହିଁ। ଦୁର୍ବିସହ ଭାବେ ଜୀବନ ବଂଚିଲା ବେଳେ ଅତୀତର କୃତକର୍ମ ପାଇଁ ନିଜକୁ ଯେତେ ଧିକ୍କାର କଲେ ବି ଏହା ଉଣାପଡେ। ଏହାର ଏକମାତ୍ର କାରଣ ଅତୀତରେ ସମୟର ଦୁରୂପଯୋଗ ହିଁ ଏହାର ମୁଖ୍ୟ କାରଣ। ଯେଉଁ କାରଣ ପାଇଁ ଅସଂଖ୍ୟ ବ୍ୟକ୍ତି ଅତି ଦୁଃଖରେ କାଳାତିପାତ କରିଚାଲିଛନ୍ତି। ବିକଳ୍ପ ସନ୍ଧାନ ମଧ୍ୟ ଏମାନଙ୍କ ପାଇଁ ଦୁଃସ୍ୱପ୍ନ ଭଳି ଆସି ହନ୍ତସନ୍ତ କରିଚାଲନ୍ତି। ହନ୍ତସନ୍ତ କରିବା ବ୍ୟତିରେକ ଶାନ୍ତିରେ ବଞ୍ଚିବାର ସୂତ୍ରଟିଏ ଦେଇପାରୁନାହିଁ। ସମୟ ଯେ ମହାପରାକ୍ରମୀ ଏହା ବୁଝିବାକୁ ଗୋଟିଏ ଜୀବନ ଯଥେଷ୍ଟ ନୁହେଁ। କାଳେକାଳେ ସମୟ ତାର ପ୍ରଭାବ ପରାକ୍ରମ ଦେଖାଇଚାଲିଛି। ଦିବ୍ୟଦ୍ରଷ୍ଟାମାନେ ଏହାକୁ ଅନୁଭବ କରୁଥିଲେ ବି ସାଧାରଣ ମଣିଷ ସମୟ ସଂକ୍ରାନ୍ତରେ ସେତେ ଅଧିକ ସଚେତନ ନୁହଁ।ଯାହାଫଳରେ ଅଜଣା ଭାବେ ଅସଂଖ୍ୟ ଭୁଲ କରିଚାଲିଛି। ନିଜେ କରୁଥିବା ଭୁଲ ଯୋଗୁ ଜୀବନରେ କେତେମାତ୍ରାରେ କ୍ଷତି ଘଟୁଛି ବା ଘଟିଲା ତାହାର ଆକଳନ ମଧ୍ୟ କରିପାରୁନାହିଁ। ଯେଉଁଥିପାଇଁ ଦିନକୁଦିନ ଦୁର୍ଦ୍ଦିନର କଳା ବାଦଲ ମୁଣ୍ଡରେ ତାଙ୍କି ଅକଥନୀୟ ଯନ୍ତ୍ରଣାର ଭାର ବୋହିଚାଲିଛି। ନିଜ ଉପରେ ଆସିବାକୁ ଥିବ ବିପଦର ଆଶଙ୍କା କରିନପାରି ଅନେକ ଲୋକ ସ୍ୱଚ୍ଛନ୍ଦ ଜୀବନଯାପନ କରିଚାଲିଛନ୍ତି। ହେଲେ ନିଜ ଦ୍ୱାରା ସୃଷ୍ଟ ତ୍ରୁଟି ପାଇଁ ଆଗାମୀ ଦିନରେ କିଭଳି ମୂଲ୍ୟ ଦେବାକୁ ପଡିବ ତାହା ଜାଣିପାରୁନାହାନ୍ତି। ଥୋକେ ସବୁ ଜାଣି ନଜାଣିବାର ଅଭିନୟ କରି ବିପଦ ମୁଖରେ ପଡୁଛନ୍ତି। ସମୟକୁ ଗୁରୁତ୍ୱ ଦେଉଥିବା ବ୍ୟକିବିଶେଷଙ୍କ କ୍ଷେତ୍ରରେ ଏଭଳି ତ୍ରୁଟି କମ ଦେଖିବାକୁ ମିଳେ। ଯାହା ନିନ୍ଦନୀୟ ସେଥିରୁ ନିବୃତ୍ତ ରହିବା ବ୍ୟକ୍ତି ଯଶ ପାଇ ବଞ୍ଚୁଥିଲା ବେଳେ କେହିକେହି ସମୟକୁ ଉପହାସ କରିବାର ଅନେକ ନଜିର ମଧ୍ୟ ରହିଛି। ସେହିସବୁ ବ୍ୟକ୍ତିଙ୍କ ଭାଗ୍ୟରେ ଦୁର୍ଭାଗ୍ୟର କଳଙ୍କ ହିଁ ଲେଖାଯାଇଛି ବୋଲି ଅନୁଭବ ହୁଏ। ଯେତେପର୍ଯ୍ୟନ୍ତ ମଣିଷର ହୃଦବୋଧ ନହୋଇଛି ଯେ, କାଳ ମଣିଷକୁ ନିୟନ୍ତ୍ରଣ କରିଥାଏ। ସେ ହିଁ ସମୟ, ସେ ମହାକାଳ। ତେଣୁ ଉପର ନିର୍ଦ୍ଦେଶ ଅନୁଯାୟୀ ତଳ ସ୍ତରରେ କାର୍ଯ୍ୟ ହେଲା ଭଳି ପ୍ରତି ମୁହୂର୍ତ୍ତରେ ସମୟ ପାଖରେ ସମର୍ପିତ ହେବାକୁ ପଡିଥାଏ। ନିର୍ଯାସ ତ ନିଶ୍ଚୟ ମିଳେ, ହେଲେ ଏହା କେତେ ଆତ୍ମସନ୍ତୋଷ ଦେଉଛି ତାହା ଗୁରୁତ୍ୱପୂର୍ଣ୍ଣ। ଅବିବେକୀ ଭାବେ କାର୍ଯ୍ୟ କରି କେହି କେବେ ସୁନାମ ଅର୍ଜନ କରିନାହିଁ। ପୃଥିବୀରେ କୌଣସି ବ୍ୟକ୍ତି ବିବେକ ହୀନ କାର୍ଯ୍ୟକରି ସୁନାମ ଅର୍ଜନ କରିପାରିନାହିଁ। ତେଣୁ ଭଲ କାର୍ଯ୍ୟକୁ ଉତ୍ତମ ଢଙ୍ଗରେ ପ୍ରତିପାଦିତ କରିପାରୁଥିବା ବ୍ୟକ୍ତିବିଶେଷ ହିଁ ଶ୍ରେଷ୍ଠ ଭାବେ ପରିଗଣିତ ହୋଇଥାନ୍ତି। ଏଥିରେ ମଧ୍ୟ ସମୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କାରଣ ଯେକୌଣସି କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟରେ ନସରିଲେ ଏହା ମନସ୍ତାପର କାରଣ ପାଲଟିଯାଏ। ଅତଏବ ସମୟର ପରାକାଷ୍ଠାକୁ ଅନୁଭବ ନକରିବା ପର୍ଯ୍ୟନ୍ତ କେହି ସ୍ୱତଃ କିଛି କରିବା ବୃଥା ଫଳ ଦେଇପାରେ। ସମାୟାନୁବର୍ତ୍ତିତାର ସୁଗନ୍ଧ ସୁଦୂରପ୍ରସାରୀ ବୋଲି ଆମକୁ ଅନୁଭବ କରିବାକୁ ପଡିବ। ଠିକ୍ ସମୟରେ ଠିକ୍ କାର୍ଯ୍ୟ କରାନଗଲେ ଏହାର ବିପରୀତ ଫଳ ଯେପରି ଭୋଗ କରିବାକୁ ପଡେ ସେହିଭଳି ଉଚିତ ବୟସରେ ଉଚିତ କାର୍ଯ୍ୟ ନକଲେ ସାରା ଜୀବନ ଦୁଃଖକଷ୍ଟ ଭୋଗ କରିବାକୁ ପଡିଥାଏ। ସମୟର ମୂଲ୍ୟାଙ୍କନ କରିବାକୁ କ୍ୱଚିତ୍ ଲୋକ ଆଗ୍ରହ ପ୍ରକାଶ କରିଥାନ୍ତି। ସେହି ବ୍ୟକ୍ତିବିଶେଷ ସମୟର ଉପଯୁକ୍ତ ମୂଲ୍ୟ ବୁଝି ଜୀବନ ନିର୍ଦ୍ଧାରଣର ମାର୍ଗକୁ ସହଜ ଓ ସୁଗମ କରିପାରନ୍ତି। ଅନେକ ସମୟରେ ଦେଖାଯାଇଛି ସମୟାନୁବର୍ତ୍ତିତା ହୋଇନଥିବା ବ୍ୟକ୍ତି ପ୍ରତି କାର୍ଯ୍ୟରେ ବିଫଳ ସାବ୍ୟସ୍ତ ହୋଇଛନ୍ତି। ଯେଉଁଥିପାଇଁ ପରେ ଅନୁତାପ କରୁଥିଲେ ବି ସମୟ ଆଉ ପଛକୁ ଫେରିପାରିନାହିଁ। ସମୟର ନିର୍ଦ୍ଦେଶ ମାନି ଆଗକୁ ପାଦ ଉଠାଇବା ବାସ୍ତବ କର୍ତ୍ତବ୍ୟ ହୋଇଥିଲେ ବି ମଣିଷ ସାଧାରଣ ଭାବେ ଏହାକୁ ବୁଝିପାରି ନଥାଏ। ନିଜ ଇଚ୍ଛାରେ ବାଟ ଚାଲୁଥିବା ମଣିଷ କେତେବେଳେ କେଉଁଠି ଝୁଣ୍ଟିପଡିବ ତାହା ଆଶଙ୍କା କରି ନପାରି ଆଗକୁ ମାଡିଚାଲେ ସିନା ସମୟ କିନ୍ତୁ ଠିକ୍ ସମୟରେ ତାକୁ ଉଚିତ୍ ଶିକ୍ଷା ଦେଇଥାଏ।

ସମ୍ପାଦକୀୟ

ତାରକ ମହାନ୍ତି



**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ପୁଞ୍ଜିନିବେଶ, ଦକ୍ଷତା ବିକାଶ ଓ ଏମ୍ଏସ୍ଏମ୍ଇଙ୍କୁ ସହାୟତା



ବାଦଲ ଭୂୟାଁ

କୌଣସି ରାଜ୍ୟର ସାମଗ୍ରିକ ବିକାଶରେ ଶିଳ୍ପ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଶିଳ୍ପ ଯୋଗୁଁ ରାଜ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହୋଇଥାଏ। ରାଜ୍ୟର ଦକ୍ଷ ମାନବ ସମ୍ବଳ ସେହି ରାଜ୍ୟରେ ରୋଜଗାର ପାଇଥାଆନ୍ତି। ଏହି କ୍ରମରେ ରାଜ୍ୟରେ ଶିଳ୍ପ ପ୍ରକଳ୍ପର ପ୍ରତିଷ୍ଠା ଓ ଦକ୍ଷ ମାନବ ସମ୍ବଳ ସୃଷ୍ଟିକୁ ପ୍ରାଧାନ୍ୟ ଦିଆଯାଉଛି। ଆଗାମୀ ଦିନରେ ରାଜ୍ୟରେ ପ୍ରାୟ ୩ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏହାର କୋଭିଡ଼ ପରବର୍ତ୍ତୀ ଅର୍ଥନୀତି ସୁଧାରରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି। ସେହିପରି ରାଜ୍ୟରେ ଦକ୍ଷ ମାନବ ସମ୍ବଳ ସୃଷ୍ଟି ପାଇଁ ୫ ବର୍ଷରେ ୫୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ନିୟମିତ ବ୍ୟବଧାନରେ ରାଜ୍ୟ ସ୍ତରୀୟ ଏକକ ବାତାୟନ ଅନୁମୋଦନ କର୍ତ୍ତୃପକ୍ଷ (ଏସ୍ଏଲଏସ୍ଡବ୍ଲ୍ୟୁସିଏ) ଏହି ସମସ୍ତ ପ୍ରକଳ୍ପକୁ ଅନୁମତି ପ୍ରଦାନ କରାଯାଉଛି। ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପାଇଁ ସମସ୍ତ ବିଭାଗ ସହଯୋଗ କରିବା ପାଇଁ ଇତିମଧ୍ୟରେ ଓଡ଼ିଶା ସରକାର ତତ୍କାଳ ନିଷ୍ପତ୍ତି ନେଉଛନ୍ତି। ସୂଚନାଥାଉକି ଶିଳ୍ପ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ପ୍ରସ୍ତାବିତ ପୁଞ୍ଜି ବିନିଯୋଗ ଦ୍ୱାରା ୧୧୦ ଲକ୍ଷ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଲକ୍ଷ୍ୟ ରଖାଯାଇଛି। ଏହିସବୁ ଶିଳ୍ପ ପାଇଁ ୧.୨୦ ଲକ୍ଷ ଏକର ଉପଲବ୍ଧ ଜମି ଥିବା ଓଡ଼ିଶାରେ ଏକ ରାଜ୍ୟସ୍ତରୀୟ ଜମି ବ୍ୟାଙ୍କ ରହିଛି ଯାହା ଶିଳ୍ପ ପାଇଁ ଜମି ପାଇବାରେ ବହୁ ସମୟରେ ସମସ୍ୟା ସମ୍ମୁଖୀନ ହେଉଥିବା ନିବେଶକମାନଙ୍କ ପାଇଁ ଏକ ସୁବିଧାଜନକ ପରିବେଶ ଯୋଗାଉଛି । ସେହିପରି ପାରାଦ୍ୱୀପ, ଧାମରା ଏବଂ ଗୋପାଳପୁର ଭଳି ତିନୋଟି କାର୍ଯ୍ୟକ୍ଷମ ବନ୍ଦର ଥିବାବେଳେ ପାରାଦ୍ୱୀପ ଏବଂ ଧାମରା ବନ୍ଦର ଦ୍ୱାରା ବ୍ୟାପକ ସମ୍ପ୍ରସାରଣ ରାଜ୍ୟର ପରିବହନ ବ୍ୟବସାୟକୁ ବୃଦ୍ଧି କରିଛି। ଉଭୟ ପ୍ରମୁଖ ବନ୍ଦରଗୁଡ଼ିକ ୩୩୦ ମିଲିୟନ ମେଟ୍ରିକ ଟନ୍ କ୍ଷମତା ମାଲ ପରିବହନ ପାଇଁ ସମ୍ପ୍ରସାରଣ ଦିଗରେ ଥିବାବେଳେ ସେମାନେ ବର୍ତ୍ତମାନର କ୍ଷମତା ଏକ ତୃତୀୟାଂଶ ବ୍ୟବହାର କରାଯାଉଛି।

ଓଡ଼ିଶା ଶିଳ୍ପ ବିକାଶ ଯୋଜନା-୨୦୨୫ ମାଧ୍ୟମରେ ରାଜ୍ୟ ସରକାର ସ୍ଥାନୀୟ ଯୁବକ ଯୁବତୀଙ୍କ ବ୍ୟାପକ ଭାବେ ତାଲିମ ପ୍ରଦାନ ପାଇଁ ଯୋଜନା କରିଛନ୍ତି। ଏହାଦ୍ୱାରା ରାଜ୍ୟ ମଧ୍ୟରେ ବ୍ୟାପକ ନିଯୁକ୍ତି ସୃଷ୍ଟି ହେବ। କୌଣସି ବିଷୟରେ ଉପଯୁକ୍ତ ଦକ୍ଷତା ହାସଲ କରିବା ଦ୍ୱାରା ହିଁ ଜଣେ ବ୍ୟକ୍ତି ରୋଜଗାର କରିବାକୁ ସକ୍ଷମ ହୋଇଥାଏ। ତେଣୁ ରାଜ୍ୟରେ ଥିବା ମାନବ ସମ୍ବଳ ବିକାଶକୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଇଛନ୍ତି। ଏହି କ୍ରମରେ ଆଗାମୀ ୫ ବର୍ଷ ମଧ୍ୟରେ ୧୫ ଲକ୍ଷ ଯୁବ ମାନବ ସମ୍ବଳର ଦକ୍ଷତା ବିକାଶ କରାଯିବ। ଏଥିପାଇଁ ପ୍ରାୟ ୫୦୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଓଡ଼ିଆ ଯୁବକ, ଯୁବତୀଙ୍କ ଦକ୍ଷତା ବୃଦ୍ଧି ପାଇଁ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ସଂସ୍ଥା ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରିଆସୁଛି। ବିଶେଷ କରି ନିଯୁକ୍ତି ସୁଯୋଗରୁ ବଞ୍ଚିତ ଯୁବ ବର୍ଗଙ୍କୁ ଶିଳ୍ପସଂସ୍ଥାରେ କର୍ମସଂସ୍ଥାନ ଦେବା ପାଇଁ ଓଡ଼ିଶା ସରକାର ଗୁରୁତ୍ୱ ଦେଉଛନ୍ତି। ବିଶେଷକରି ଅଧିକ ଶ୍ରମିକ ଆବଶ୍ୟକ କରୁଥିବା ଔଷଧ ଶିଳ୍ପ, ବୟନ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଆଦିର ଆବଶ୍ୟକତା ପୂରଣ ଲାଗି ଦକ୍ଷତା ବିକାଶ କରାଯିବ। ଅନୁରୂପ ଭାବେ ଆଇଓସିଏଲ ଏବଂ ଇନଷ୍ଟିଚ୍ୟୁଟ ଅଫ୍ କେମିକାଲ ଟେକ୍ନୋଲୋଜି ବ୍ୟାପକ ସଂଖ୍ୟାରେ ଦକ୍ଷ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବାପାଇଁ ଯୋଜନା କରୁଥିବାବେଳେ ଏମାନେ ରାଜ୍ୟ ଭିତରୁ ତାଲିମପ୍ରାପ୍ତ ଯୁବକ ଯୁବତୀଙ୍କୁ ନେବାପାଇଁ ପ୍ରତିଶ୍ରୁତି ଦିଆଯାଇଥିବା ଜଣାପଡ଼ିଛି। ରାଜ୍ୟର ମାନବ ସମ୍ବଳ ଯେପରି ବାହାରକୁ ନ ଯିବେ, ସେଥିପ୍ରତି ସମସ୍ତ ପଦକ୍ଷେପ ନିଆଯାଇଛି। ରାଜ୍ୟରେ ଥିବା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବା ଏମ୍ଏସ୍ଏମ୍ଇ ଗୁଡ଼ିକୁ ସହାୟତା ପ୍ରଦାନ କରିବା ଲାଗି ରାଜ୍ୟ ଶିଳ୍ପ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବଡ଼ ଶିଳ୍ପ ସଂସ୍ଥାଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ସୂଚନାଥାଉକି ଓଡ଼ିଶାର ଲୋକପ୍ରିୟ ବିଜେଡ଼ି ସରକାର ବିଶେଷକରି ଯୁବ ଉଦ୍ୟୋଗୀ ମାନଙ୍କୁ ପ୍ରୋତ୍ସାହନ ଦେଉଛନ୍ତି ଏବଂ ଏ କ୍ଷେତ୍ରରେ ବିଜେଡ଼ିର ଦକ୍ଷ ତଥା ବରିଷ୍ଠ ନେତା ଦିବ୍ୟଶଙ୍କର ବାବୁଙ୍କ ବହୁତ ବଡ଼ ଅବଦାନ ରହିଛି। ନିଜ ଓଡ଼ିଶା ମାଟିକୁ ନିଜ କର୍ମଭୂମି ଭାବେ ସେ ବିଚାର କରି ସରକାରଙ୍କ ଲୋକପ୍ରିୟ ଯୋଜନାକୁ କାର୍ଯ୍ୟକାରୀ କରୁଛନ୍ତି। ତାଙ୍କର ଏହି କାର୍ଯ୍ୟ ଦକ୍ଷତା ପାଇଁ ଓଡ଼ିଶାର ଶିଳ୍ପଦ୍ୟୋଗୀ ଓ ଯୁବଉଦ୍ୟୋଗୀମାନେ ଅନେକ ପ୍ରଶଂସା କରୁଛନ୍ତି। ନୂଆ ସ୍ୱାଭାବିକ ସମୟରେ କାର୍ଯ୍ୟ ପରିବେଶରେ ବହୁତ କିଛି ପରିବର୍ତ୍ତନ ହୋଇଛି। ଏହି କାର୍ଯ୍ୟକ୍ରମରେ ଦିବ୍ୟଶଙ୍କର ବାବୁ ଯୋଗଦାନ କରି କହିଛନ୍ତି ଯେ, ସବୁକିଛି ପୂର୍ବ ଭଳି ନାହିଁ। ପରିବର୍ତ୍ତିତ ସ୍ଥିତିକୁ ଦୃଷ୍ଟିରେ ରଖି ନୂଆ ବ୍ୟବସ୍ଥା ବିକଶିତ କରିବା ଉପରେ ଧ୍ୟାନ କେନ୍ଦ୍ରୀତ କରିବାକୁ ପଡ଼ିବ। ରାଜ୍ୟରେ ବ୍ୟାଙ୍କ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ସେମାନଙ୍କୁ ଆହୁରି ବଡ଼ ଧରଣ ଭୂମିକା ନିର୍ବାହ କରିବାରା ଆବଶ୍ୟକତା ରହିଛି।

ଏହି ଅବସରରେ ଏମ୍ଏସ୍ଏମ୍ଇ ବିଭାଗର ଅତିରିକ୍ତ ସଚିବଙ୍କ ତଥ୍ୟ ଅନୁଯାୟୀ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡ଼ିପି)କୁ ଏମ୍ଏସ୍ଏମଇ କ୍ଷେତ୍ରର ଅବଦାନ ୨୭% ରହିଛି। କିନ୍ତୁ ଅଧିକାଂଶ ଏମ୍ଏସଏମ୍ଇ ସଂଗଠିତ କ୍ଷେତ୍ରର ଋଣ ପାଇବାରୁ ବଞ୍ଚିତ ରହିଛନ୍ତି। ପ୍ରାୟ ୮୪% ଏମ୍ଏସ୍ଏମ୍ଇ ଅଣସଂଗଠିତ କ୍ଷେତ୍ରରୁ ୮୪ ହଜାର କୋଟି ଟଙ୍କାର ଋଣ ହାସଲ କରିଛନ୍ତି। ଏମ୍ଏସଏମଇଙ୍କ ପାଇଁ ଋଣ ପ୍ରକ୍ରିୟାର ସମ୍ପୂର୍ଣ୍ଣ ଡିଜିଟାଲକରଣ କରିବାକୁ ସେ ବ୍ୟାଙ୍କଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ସେହିପରି, ନାବାର୍ଡ଼ର ସିଜିଏମ୍ କହିଛନ୍ତି ଯେ ଗ୍ରାମୀଣ ଅର୍ଥନୀତିର ବିକାଶ ଉପରେ ନାବାର୍ଡ଼ ଗୁରୁତ୍ୱ ଦେଉଛି। ମହାମାରୀ ସମୟରେ ନାବାର୍ଡ଼ ୧୫୦୦ କୋଟି ଟଙ୍କାର ଲିକ୍ୱିଡିଟି ସହାୟତା ପ୍ରଦାନ କରିଥିଲା। ସେ କହିଛନ୍ତି ଯେ ତୃଣମୂଳ ସ୍ତରରେ ବ୍ୟାଙ୍କ ସହାୟତା ୧୬% ଭଳି ନିମ୍ନ ସ୍ତରରେ ରହିଛି। ଏଥିରେ ଉନ୍ନତି ନ ହେଲେ ଅର୍ଥନୀତି ପ୍ରଭାବିତ ହେବ। ବ୍ୟାଙ୍କ ଗୁଡ଼ିକ ଋଣ ଦେବା ଲାଗି ସୁବିଧାଜନକ ସ୍ଥିତିରେ ରହିବା ପାଇଁ ଅଧିକରୁ ଅଧିକ କ୍ରେଡିଟ ଗ୍ୟାରେଣ୍ଟି ସ୍କିମ୍ର ଆବଶ୍ୟକତା ରହିଛି। ଶିଳ୍ପ ସଂସ୍ଥା ଓ ବ୍ୟାଙ୍କଗୁଡ଼ିକ ମଧ୍ୟରେ ନିୟମିତ ଓ ଫଳପ୍ରଦ ଆଲୋଚନାର ଆବଶ୍ୟକତା ରହଛି ବୋଲି ଫିକି ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ତାଙ୍କ ମତ ଉପସ୍ଥାନରେ କହିଛନ୍ତି। ରତ୍ନଗର୍ଭା ଓଡ଼ିଶାରେ ବ୍ୟାପକ ଖଣିଜ ସମ୍ପତ୍ତି ରହିଛି ଏବଂ କେନ୍ଦ୍ର ବର୍ଷ ବର୍ଷ ଧରି ଅବହେଳା କରିବା ସହ ରୟାଲିଟି ମଧ୍ୟ ବଢ଼ାଉ ନାହିଁ। ଓଡ଼ିଶାର ଆଜି ଶିଳ୍ପ ବିକାଶରେ ଅନ୍ୟତମ ଆଗୁଆ ରାଜ୍ୟ ଆଉ ଏ କ୍ଷେତ୍ରରେ ରାଜନୀତିକୁ ପଛ କରି ସମସ୍ତଙ୍କ ସହଯୋଗ ଦ୍ୱାରା ଓଡ଼ିଶା ଆହୁରି ଆଗେଇବା ସହ ବ୍ୟାପକ କର୍ମ ସଂସ୍ଥାନ ମିଳିବ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨*

# ମୁର୍ମୁଷୁଙ୍କ ପାଇଁ ଟ୍ରାଫିକ ପୋଷ୍ଟରେ ଫାଷ୍ଟଏଡ୍



ନାଟ୍ୟ ସାରଥି ଅଭୟ କୁମାର ଦାସ

ଓଡ଼ିଶା ସରକାର ଏକ ଗୁରୁତ୍ୱପୂର୍ଣ୍ଣ ଓ ଲୋକପ୍ରିୟ ନିଷ୍ପତ୍ତି ନେଇଛନ୍ତି। ଏଣିକି ସବୁ ଟ୍ରାଫିକ ପୋଷ୍ଟରେ ରହିବ ଫାଷ୍ଟଏଡ଼ କିଟ। ପୋଷ୍ଟ ପାଖାପାଖି ରାସ୍ତାରେ କେହି ସାମାନ୍ୟ ଆହତ ହେଲେ ଏହି କିଟରେ ଚିକିତ୍ସା କରାଯିବ। ଟ୍ରାଫିକ କର୍ମଚାରୀ ଏହି ଚିକିତ୍ସା କରାଇବେ। ଟ୍ରାଫିକ କର୍ମଚାରୀ ଏ ନେଇ ପୂର୍ବରୁ ଜାଣିଥିଲେ ବି ସେମାନଙ୍କୁ ପୁଣି ତାଲିମ ପ୍ରଦାନ କରାଯିବ। ସେହିପରି ହୃଦ୍‌ରୋଗୀଙ୍କ ପ୍ରାଥମିକ ଚିକିତ୍ସା ପାଇଁ ସିପିଆର୍ ବିଷୟରେ ଅବଗତ କରାଯିବ। ତେବେ ଏଭଳି କିଟ ପୂର୍ବରୁ ମଧ୍ୟ ବିଭିନ୍ନ ପୋଷ୍ଟରେ ଏକ ଏନ୍‌ଜିଓ ପକ୍ଷରୁ ଦିଆଯାଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ତାହା ଠିକ୍ ଭାବେ ଚାଲିଲା ନାହିଁ। ଏବେ ଟ୍ରାଫିକ ପୁଲିସର ନିଜସ୍ୱ ଉଦ୍ୟମରେ ଏଭଳି କରିବା ପାଇଁ ନିଷ୍ପତ୍ତି ହୋଇଛି। ସହର ଭିତର ମୁଖ୍ୟ ରାସ୍ତାରେ ବହୁ ସମୟରେ ଛୋଟ ବଡ଼ ଦୁର୍ଘଟଣା ହେଉଛି। ଏହି ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଆମ୍ବୁଲାନ୍ସ ଡାକି ହସ୍ପିଟାଲ ପଠାଯାଉଛି। ମାତ୍ର କିଛି ଘଟଣାରେ ଆହତ ସାମାନ୍ୟ ହୋଇଥିଲେ ବି ବାଧ୍ୟ ହୋଇ କି ତାଙ୍କୁ ହସ୍ପିଟାଲକୁ ପଠାଇବାକୁ ପଡୁଛି। ତେଣୁ ଏଭଳି ଘଟଣାରେ ଆହତଙ୍କୁ ପ୍ରାଥମିକ ଚିକିତ୍ସା ସେଇଠାରେ ଶେଷ କରି ଘରକୁ ପଠାଇବା ପାଇଁ ଟ୍ରାଫିକ ପୁଲିସ ବ୍ୟବସ୍ଥା କରୁଛି। ସବୁ ଟ୍ରାଫିକ ପୋଷ୍ଟରେ ଗୋଟିଏ କରି ଫାଷ୍ଟଏଡ୍ କିଟ ରଖି ସେହି କିଟ ଦ୍ୱାରା ଚିକିତ୍ସା କରିବାକୁ ଯୋଜନା ହୋଇଛି। ନିକଟ ପୋଷ୍ଟର ଟ୍ରାଫିକ କର୍ମଚାରୀ ଏହି ଚିକିତ୍ସା କରାଇବେ। ଏ ନେଇ ତାଙ୍କୁ ତାଲିମ ମଧ୍ୟ ପ୍ରଦାନ କରାଯିବ। ଯଦିଓ ସବୁ ଟ୍ରାଫିକ କର୍ମଚାରୀ ଏଭଳି ଚିକିତ୍ସା କରାଇବାର ତାଲିମ ନେଇଛନ୍ତି ତଥାପି ତାଙ୍କୁ ପୁଣି ତାଲିମ ଦିଆଯିବ। ଏହା ସହିତ ରାସ୍ତାରେ ଯଦି କେହି ହୃଦ୍‌ଘାତର ଶିକାର ହୁଅନ୍ତି ତାହାଲେ ତାଙ୍କୁ ତୁରନ୍ତ କିପିର ସିପିଆର ଦିଆଯିବ ତାହା ମଧ୍ୟ ଶିକ୍ଷା ପ୍ରଦାନ କରାଯିବ। ତେବେ ପୂର୍ବରୁ ଟ୍ରାଫିକ ପୁଲିସ ଏଭଳି ଏକ ଯୋଜନା କରିଥିଲା। ଏକ ସାମାଜିକ ଅନୁଷ୍ଠାନ ଏହି କିଟ ଦେଇଥିଲା। ଏକ ଛୋଟ ବକ୍ସରେ କିଛି ଫାଷ୍ଟଏଡ଼ ସାମଗ୍ରୀ ରଖି ସବୁ ପୋଷ୍ଟରେ ଝୁଲାଇ ଦିଆଗଲା। ମାତ୍ର ସେଗୁଡ଼ିକର ରକ୍ଷଣାବେକ୍ଷଣ ନ ହେବାରୁ ବକ୍ସ ଗୁଡ଼ିକୁ ଚୋରି କରି ନେଇଗଲେ। ଫଳରେ ଯୋଜନାର ସୁଫଳ ମିଳିଲାନି। ଏବେ ପୁଲିସ ପୁଣି ସେହି ଯୋଜନାକୁ କାର୍ଯ୍ୟକାରୀ କରୁଛି। ତେବେ ଏହି କିଟ ଗୁଡ଼ିକ ଏଥର ପୋଷ୍ଟରେ ଝୁଲାଇ ନଦେଇ ସେଗୁଡ଼ିକୁ ଟ୍ରାଫିକ କର୍ମଚାରୀ ପ୍ରତିଦିନ ନବା ଆଣିବା କରିବା ପାଇଁ ବ୍ୟବସ୍ଥା ହେଉଥିବା ସୂଚନା ମିଳିଛି। ତେବେ ଆଗକୁ ଜଣାପଡ଼ିବ ଏହି ଯୋଜନା କିପରି କାର୍ଯ୍ୟକାରୀ ହେଉଛି।

ସେହିପରି ଏଣିକି ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ଆହତଙ୍କୁ ମିଳିବ ଆଶୁ ଚିକିତ୍ସା। ଦୁର୍ଘଟଣାସ୍ଥଳରା ଆଖପାଖ ଚା' କି ଟାୟାର ଦୋକାନୀ ଅବା ପେଟ୍ରୋଲ ପମ୍ପ କର୍ମଚାରୀ ବି ଆହତଙ୍କୁ ଦୁର୍ଘଟଣା ପରବର୍ତ୍ତୀ ପ୍ରାଥମିକ ଚିକିତ୍ସା ଦେଇପାରିବେ। ଏ ନେଇ ରାସ୍ତାକଡ଼ ଉଠାଦୋକାନୀ, ପୁଲିସ, ପେଟ୍ରୋଲପମ୍ପ କର୍ମଚାରୀଙ୍କୁ (ଫାଷ୍ଟଏଡ୍ ପ୍ରି ଟ୍ରମା କେୟାର) ସ୍ୱତନ୍ତ୍ର ତାଲିମ ଦିଆଯିବ। ପ୍ରାଥମିକ ଉପଚାର ମାଧ୍ୟମରେ ଜଣେ ଅସୁସ୍ଥ ବା ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ଜୀବନ ସୁରକ୍ଷା କରାଯିବା ସହ ସୁରକ୍ଷିତ ଭାବେ ଡାକ୍ତରଖାନାରେ ପହଞ୍ଚାଯାଇ ପାରିବ। ସାଧାରଣତଃ ଆଶୁ ଉପଚାର ମାଧ୍ୟମରେ ଆହତଙ୍କ ଅବସ୍ଥାରେ ଉନ୍ନତି ଆଣିବା ସହିତ ଉଚିତ ପଦ୍ଧତିରେ ସ୍ଥାନାନ୍ତରୀକରଣ ପ୍ରାଥମିକ ଉପଚାରର ପ୍ରାରମ୍ଭିକ ଲକ୍ଷ୍ୟ। ଦୁର୍ଘଟଣାସ୍ଥଳରେ ଉପସ୍ଥିତ ବ୍ୟକ୍ତିଙ୍କୁ ଏହି ଦିଗରେ ପ୍ରଶିକ୍ଷଣ ଦିଆଯାଇ ପାରିଲେ ପରବର୍ତ୍ତୀ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ କରାଯାଇପାରିବ। ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ଆହତଙ୍କୁ ମିଳିବ ଆଶୁ ଚିକିତ୍ସା। ଦୁର୍ଘଟଣାସ୍ଥଳରା ଆଖପାଖ ଚା' କି ଟାୟାର ଦୋକାନୀ ଅବା ପେଟ୍ରୋଲ ପମ୍ପ କର୍ମଚାରୀ ବି ଆହତଙ୍କୁ ଦୁର୍ଘଟଣା ପରବର୍ତ୍ତୀ ପ୍ରାଥମିକ ଚିକିତ୍ସା ଦେଇପାରିବେ। ଏ ନେଇ ରାସ୍ତାକଡ଼ ଉଠାଦୋକାନୀ, ପୁଲିସ, ପେଟ୍ରୋଲପମ୍ପ କର୍ମଚାରୀଙ୍କୁ (ଫାଷ୍ଟଏଡ୍ ପ୍ରି ଟ୍ରମା କେୟାର) ସ୍ୱତନ୍ତ୍ର ତାଲିମ ଦିଆଯିବ। ରାଜ୍ୟ ପରିବହନ ବିଭାଗ ଏହି ନିଷ୍ପତ୍ତି ନେଇଛି। କେନ୍ଦ୍ର ସରକାର ୨୦୫୦ ସୁଦ୍ଧା ଭାରତରେ ଏହି ଲକ୍ଷ୍ୟ ପୂରଣ କରିବେ। ରୋଡ଼ ଇଞ୍ଜିନିୟରିଂ, ଶିକ୍ଷା, ଏନ୍‌ଫୋର୍ସମେଣ୍ଟ ଓ ଜରୁରୀକାଳୀନ ଚିକିତ୍ସା ଦ୍ୱାରା ଏହି ଲକ୍ଷ୍ୟ ହାସଲ କରିବାକୁ ଉଦ୍ୟମ ଚାଲିଛି। ସେହିପରି ରାଜ୍ୟ ସରକାର ଦୁର୍ଘଟଣା ମୁହଁରୁ ଲୋକଙ୍କ ଜୀବନ ରକ୍ଷା ଲାଗି ଆଉ ଏକ ପଦକ୍ଷେପ ସ୍ୱରୂପ ୨୫ ହଜାର ସ୍ୱେଚ୍ଛାସେବୀଙ୍କୁ ଚିହ୍ନଟ କରିବାର ବ୍ୟବସ୍ଥା କରିବାକୁ ଯାଉଛନ୍ତି। ରାଜ୍ୟର ସମସ୍ତ ଥାନା ଅଧିକାରୀଙ୍କ ଜରିଆରେ ଏହି ସ୍ୱେଚ୍ଛାସେବୀ ମାନଙ୍କୁ ଚିହ୍ନଟ କରାଯିବ। ପ୍ରାୟତଃ ସ୍ଥାନୀୟ ଢ଼ାବା ମାଲିକ କିମ୍ବା କର୍ମଚାରୀ, ଦୋକାନୀ ଏବଂ ସ୍ଥାନୀୟ ଲୋକଙ୍କୁ ନେଇ ସ୍ୱେଚ୍ଛାସେବୀ ଚିହ୍ନଟ ହେବେ। ଏହାଦ୍ୱାରା ଯଦି କୌଣସି ସ୍ଥାନରେ ଦୁର୍ଘଟଣା ଘଟେ ତୁରନ୍ତ ପୀଡ଼ିତଙ୍କୁ ସାଙ୍ଗରେ ନେଇ ହସ୍ପିଟାଲରେ ପହଞ୍ଚାଇବା ଠାରୁ ପ୍ରାଥମିକ ଚିକିତ୍ସା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ସେମାନେ ତୁଲାଇବେ। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ଜଣେ ମୁର୍ମୁଷୁ ଜୀବନ ନିଶ୍ଚୟ ପାଇବ ଏବଂ ବଡ଼କଥା ହେଉଛି ଲୋକ ପୂର୍ବପରି ଆଉ ଭୟଭୀତ ନ ହୋଇ ବରଂ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ଏ କ୍ଷେତ୍ରରେ ଆଗେଇ ଆସିବେ।

*ଗୋତରା, ମାହାଙ୍ଗା, କଟକ
ଦୂରଭାଷ : ୯୪୩୭୧୪୨୭୧୭*

# ମଧୁମେହ ସହ ତିକ୍ତ ସମ୍ପର୍କ ଭଲ




ଡାକ୍ତର ପ୍ରଫୁଲ୍ଲ କୁମାର ଦାସ

ଗତ ୧୦-୧୫ ବର୍ଷ ମଧ୍ୟରେ ଭାରତରେ ରୋଗୀ ବୋଝ ଏବେ ସଂକ୍ରାମକ ରୋଗ ଠାରୁ ଅଣସଂକ୍ରାମକ ରୋଗ ଆଡ଼କୁ ଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ଦେଶରେ ଛଅ କୋଟିରୁ ଉର୍ଦ୍ଧ୍ୱ ଜନତା ମଧୁମେହରେ ଆକ୍ରାନ୍ତ। ବିଜ୍ଞାନ ପତ୍ରିକା ଦି ଲାନ୍‌ସେଟର ରିପୋର୍ଟ ଅନୁଯାୟୀ ୧୯୮୦ରୁ ୨୦୧୪ ମସିହା ମଧ୍ୟରେ ଭାରତରେ ପୁରୁଷଙ୍କ ଠାରେ ମଧୁମେହ ୩.୭ ପ୍ରତିଶତରୁ ୯.୧ ପ୍ରତିଶତକୁ ବୃଦ୍ଧି ପାଇଛି। ସେହିପରି ମହିଳାଙ୍କ ଠାରେ ମଧୁମେହ ୪.୬ ପ୍ରତିଶତରୁ ୮.୩ ପ୍ରତିଶତକୁ ବୃଦ୍ଧି ପାଇଛି। ବିଶେଷଜ୍ଞମାନଙ୍କ ମତ ଭାରତରେ ମଧୁମେହୀଙ୍କ ସଂଖ୍ୟା ଆସନ୍ତା ଦୁଇ ଦଶକ ମଧ୍ୟରେ ୧୨କୋଟିକୁ ଛୁଇଁବ। ମଧୁମେହ ଓ ତଦ୍‌ଜନିତ ସ୍ୱାସ୍ଥ୍ୟ ସମସ୍ୟା ଦିଗରେ ଗବେଷଣା କରୁଥିବା ସଂସ୍ଥା ପାର୍ଟନରସିପ ଟୁ ଫାଇଟ କ୍ରୋନିକ ଡିଜିଜ୍ ବା ପିଏଫ୍‌ସିଡ଼ିର ଅଧ୍ୟକ୍ଷ ଡ଼ଃ କେନ୍ନେଥ ଥ୍ରୋପେ ଏ ନେଇ ନିଜର ଚିନ୍ତାବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଟାଇପ-୨ ଡାଇବେଟିସ୍ ମାନବ ଇତିହାସର ସବୁଠାରୁ ବଡ଼ ଜନସ୍ୱାସ୍ଥ୍ୟ ପ୍ରସଙ୍ଗ ଓ ସର୍ବବୃହଦ୍ ମହାମାରୀ ପାଲଟିବାକୁ ଯାଉଛି। ଏହା ଆର୍ଥିକ ବିକାଶ କ୍ଷେତ୍ରରେ ମଧ୍ୟ ସବୁଠାରୁ ବଡ଼ ପ୍ରତିବନ୍ଧକ ହେବ। ଏହାଛଡ଼ା ଏହି ରୋଗର ନିରାକରଣ ଓ ନିୟନ୍ତ୍ରଣ ପାଇଁ ମଧ୍ୟ ବିପୁଳ ଅର୍ଥ ବ୍ୟୟ ହେବ। ଆକଳନ ଅନୁଯାୟୀ ମଧୁମେହ ଓ ତଦ୍‌ଜନିତ ସ୍ୱାସ୍ଥ୍ୟ ସମସ୍ୟାର ଚିକିତ୍ସା ପାଇଁ ବର୍ତ୍ତମାନ ୨୧୫-୩୭୫ ବିଲିୟନ ଡଲାର ବ୍ୟୟ ହେଉଛି। ଏହି ପରିମାଣ ଦିନକୁ ଦିନ ବଢୁଛି। ଭାରତୀୟ ସହରାଞ୍ଚଳରେ ତ୍ରୁଟିପୂର୍ଣ୍ଣ ଆଧୁନିକ ଜୀବନଶୈଳୀ ମଧୁମେହ, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ କେତେକ କ୍ୟାନ୍‌ସର ପରି ଅଣ ସଂକ୍ରାମଣ ରୋଗ ପାଇଁ ମୁଖ୍ୟତଃ ଦାୟୀ। ସତେଜ ଖାଦ୍ୟ ତୁଳନାରେ ଅଧିକ ପରିମାଣର ପ୍ରକ୍ରିୟାକୃତ ଓ ଫ୍ୟାଟ ବିଶିଷ୍ଟ ଖାଦ୍ୟ ସହ ଶାରୀରିକ ପରିଶ୍ରମ ଅଭାବ ମଧୁମେହର ଆଶଙ୍କାକୁ ବହୁଗୁଣିତ କରିଛି ଭାରତୀୟ ସହରମାନଙ୍କରେ। ଏହି ଖାଦ୍ୟ ମେଦବହୁଳତାର କାରଣ ହେଉଛି। ମେଦ ବହୁଳତା ମଧ୍ୟ ମଧୁମେହ ସହ ପ୍ରତ୍ୟକ୍ଷ ଭାବରେ ଜଡ଼ିତ। ମେଦ ବହୁଳତା ମଧୁମେହର ଆଶଙ୍କା ଦ୍ୱିଗୁଣିତ କରୁଛି। ଜଣେ ଠିକ୍ ଓଜନର ବ୍ୟକ୍ତି ତୁଳନାରେ ଅତ୍ୟଧିକ ମୋଟାଲୋକର ମଧୁମେହ ଆଶଙ୍କା ପ୍ରାୟ ଦଶଗୁଣ ବଢ଼ିଯାଏ। ସଚେତନତାର ଅଭାବ, ସ୍ୱାସ୍ଥ୍ୟ ଉପରେ ନଜରର ଅଭାବ, ରୋଗ ପରୀକ୍ଷାରେ ବିଳମ୍ବ ସହ ଚିକିତ୍ସାରେ ଅବହେଳା - ସବୁ ମିଶି ମଧୁମେହକୁ ମହାମାରୀରେ ପରିଣତ କରିବାକୁ ଯାଉଛି। ଭାରତରେ ଯେତେ ଲୋକ ମଧୁମେହରେ ପୀଡ଼ିତ ସେମାନଙ୍କ ମଧ୍ୟରୁ ମାତ୍ର ୫୦ ପ୍ରତିଶତ ହିଁ ନିଜ ରୋଗ ବିଷୟରେ ଜାଣନ୍ତି। ଅନେକ ମଧୁମେହି କେବେ ନିଜର ଶର୍କରା ପରୀକ୍ଷା ମଧ୍ୟ କରିନଥାନ୍ତି। ଏହାଛଡ଼ା ଅନ୍ୟ ଏକ ବିପଦ ଭାରତୀୟ ମାନଙ୍କର ଜିନ୍‌କୁ ନେଇ। ଭାରତୀୟ ଗୁଣସୂତ୍ରରେ ଏହି ରୋଗ ଅଧିକ ଲୁଚି ରହିଥାଏ ପାଶ୍ଚାତ୍ୟ ଦେଶର ବାସିନ୍ଦାଙ୍କ ତୁଳନାରେ। ଅର୍ଥାତ୍ ପ୍ରାକ୍ ମଧୁମେହ ପରିସ୍ଥିତି ଏଠାରେ ଅଧିକ। କିନ୍ତୁ ଶୀଘ୍ର ଚିହ୍ନଟ ନହେବା କାରଣରୁ ଏହା ମଧୁମେହରେ ପରିଣତ ହେବାକୁ ବିଳମ୍ବ ହେଉନି। ଭାରତରେ ପରିବେଶ, କନେଟିକ୍, ଆଭ୍ୟନ୍ତରୀଣ ଶାରୀରିକ ସଂରଚନା ଓ ପାଚନକ୍ରିୟାରେ ତ୍ରୁଟି ସବୁମିଶି ମଧୁମେହୀଙ୍କ ସଂଖ୍ୟା ବୃଦ୍ଧି କରିଥାଏ। ଚଳିତବର୍ଷ ଆଦ୍ୟଭାଗରେ ପ୍ରକାଶିତ ଡାଇବେଟିସ୍ ମେଡ଼ିସିନ୍ ଅଧ୍ୟୟନ ଅନୁଯାୟୀ ଦକ୍ଷିଣ ଏସୀୟ ପୁରୁଷ ଓ ମହିଳା ଉଭୟେ ମଧୁମେହ ପ୍ରବଣ। ସମାନ ବୟସ ଓ ଜୀବନ ମାନର ଧଳା ୟୁରୋପୀୟଙ୍କ ତୁଳନାରେ ଦକ୍ଷିଣ ଏସୀୟଙ୍କର ମଧୁମେହ ଆଶଙ୍କା ୩-୪ଗୁଣ ଅଧିକ। ଟାଇପ-୨ ଡାଇବେଟିସ ପାଶ୍ଚାତ୍ୟବାସୀଙ୍କ ତୁଳନାରେ ଦକ୍ଷିଣ ଏସୀୟମାନଙ୍କୁ ଏକ ଦଶନ୍ଧି ପୂର୍ବରୁ ଯନ୍ତ୍ରଣା ଦେବା ଆରମ୍ଭ କରିଥାଏ। ହିଁ ମଧୁମେହ ଜନିତ କିଡ଼ନୀ ସମସ୍ୟା ମଧ୍ୟ ଦକ୍ଷିଣ ଏସୀୟମାନଙ୍କୁ ଦଶବର୍ଷ ଆଗୁଆ ଆକ୍ରମଣ କରିଥାଏ। ମଧୁମେହର ନିରାକରଣର ମୁଖ୍ୟ ଅଙ୍ଗ ସଚେତନତା। ତେଣୁ ଜାତୀୟ ସ୍ତରରେ ଏକ ପ୍ରଭାବଶାଳୀ ସ୍ୱଳ୍ପବ୍ୟୟୀ, ରୂପାୟନ ଓ କ୍ରୀୟାଶୀଳଯୋଗ୍ୟ ରଣନୀତି ଆବଶ୍ୟକ ମଧୁମେହକୁ ଅଟକାଇବା ପାଇଁ ଜରୁରୀ। ସବୁବେଳେ ଭୟଙ୍କର ନୁହେଁ ମଧୁମେହ : ମଧୁମେହ ଏକ ବିପଜ୍ଜନକ ରୋଗ ଏବଂ ଏହାକୁ ଅବହେଳା କରିହେବନାହିଁ। କିନ୍ତୁ ରକ୍ତ ଶର୍କରା ସ୍ତର ଉପରେ ସତର୍କ ଦୃଷ୍ଟି ଓ ଆବଶ୍ୟକୀୟ ଔଷଧର ବ୍ୟବହାର, ବ୍ୟାୟାମ ଓ ଖାଦ୍ୟ ନିୟନ୍ତ୍ରଣ ଦ୍ୱାରା ଏହି ରୋଗକୁ ଭୟଙ୍କର ହେବାରୁ ଓ ଶରୀରର ବିଭିନ୍ନ ଅଙ୍ଗକୁ ଏହାର ପ୍ରଭାବରୁ ମୁକ୍ତ ରଖିବା ସମ୍ଭବ। ବର୍ତ୍ତମାନ ଔଷଧ ମଧ୍ୟ ଆଧୁନିକ ହେଲାଣି ଯୁଗ ସହ ପାଦ ମିଳାଇ। ତେଣୁ ଇନସୁଲିନ ବାରମ୍ବାର ନେବାକୁ ପଡୁନି, ଔଷଧ ଦ୍ୱାରା ମଧ୍ୟ ଏହାକୁ ନିୟନ୍ତ୍ରଣରେ ରଖି ହେଉଛି। ମଧୁମେହରେ ସବୁଠାରୁ ଜରୁରୀ ଓଜନ ନିୟନ୍ତ୍ରଣ। ଓଜନ ହ୍ରାସ ନାଟକୀୟ ଭାବରେ ରୋଗ ନିୟନ୍ତ୍ରଣ କରିବା ସହ ଏହାର କୁପ୍ରଭାବକୁ ଅଟକାଏ। ଅନ୍ତରାଷ୍ଟ୍ରୀୟ ମଧୁମେହ ସଂଘର ସୂଚନା ଅନୁଯାୟୀ ଟାଇପ-୨ ମଧୁମେହ ଓ ମେଦ ବହୁଳତାର ଶିକାର ବ୍ୟକ୍ତିବିଶେଷଙ୍କଙ୍କ ପାଇଁ ବାରିଆଟ୍ରିକ୍ ସର୍ଜରୀ ବା ଓଜନ ନିୟନ୍ତ୍ରଣ ଅସ୍ତ୍ରୋପଚାର ଏକ ଉପଯୋଗୀ ଚିକିତ୍ସା। ଔଷଧ ଓ ଅନ୍ୟାନ୍ୟ ଉପଚାର ଦ୍ୱାରା ମଧ୍ୟ ସହଜରେ ଓଜନ ହ୍ରାସ ଅସ୍ତ୍ରୋପଚାର ପରି ସୁଫଳ ମିଳିବା ସମ୍ଭବ ନୁହେଁ। ଗତ ଦୁଇଦଶକ ଧରି ମଧୁମେହଙ୍କ ନିମନ୍ତେ ଏଣ୍ଡୋସ୍କୋପିକ୍ ଡାଇବେଟିକ୍ ସର୍ଜରୀ ସବୁଠାରୁ ସଫଳ ଚିକିତ୍ସା ପଦ୍ଧତି ଭାବରେ ପରିଗଣିତ ହେଉଛି। ଏଥିରେ ସଫଳତା ହାର ୮୨-୮୮ ପ୍ରତିଶତି। କିନ୍ତୁ ଅନ୍ୟପକ୍ଷରେ ବାରିଆଟ୍ରିକ୍ ସର୍ଜରୀରେ ଅନେକ ବିପଦ ରହିଛି ଯଦିଓ ଏହା ଭୟଙ୍କର ଭାବରେ ମୋଟା ଲୋକଙ୍କ ପାଇଁ ଜୀବନରକ୍ଷା କାରକ ହେଉଛି। ତେବେ ଦୀର୍ଘକାଳୀନ ଅନିୟନ୍ତ୍ରିତ ମଧୁମେହ ଯୋଗୁଁ ଯେଉଁ ବିପଦ ରହିଛି ତା ତୁଳନାରେ ବାରିଆଟ୍ରିକ୍ ସର୍ଜରୀ ଅଧିକ ବିପଜ୍ଜନକ ନୁହେଁ। ଦୃଷ୍ଟି ଓ ଶ୍ରବଣ ଉପରେ ପ୍ରଭାବ : ଡାଇବେଟିସ୍ ବିଶ୍ୱରେ କିଡ଼୍‌ନୀ ଅଚଳ ହେବାର ମୁଖ୍ୟ କାରଣ। ଏହାଛଡ଼ା ଘା' ନଶୁଖିବା ଯୋଗୁଁ ହଜାର ହଜାର ମଧୁମେହୀ ନିଜର ହାତ ବା ଗୋଡ଼ ହରାଇଥାନ୍ତି। ତେବେ ଏହା ବୟସ୍କ ମାନଙ୍କର ଦୃଷ୍ଟିହୀନତାର ମୁଖ୍ୟକାରଣ। ପ୍ରାୟ ୫ ଅଯୁତ ବୟସ୍କଙ୍କର ଚକ୍ଷୁ ନଷ୍ଟ ହେବାର କାରଣ ଏହି ମଧୁମେହ। ଏହାଛଡ଼ା ମଧୁମେହ ଅନେକାଂଶରେ ହୃଦ୍‌ରୋଗ, ଉଚ୍ଚରକ୍ତଚାପ ଓ ହୃଦାଘାତର କାରଣ। ଶୁଣାନଯିବା ମଧ୍ୟ ମଧୁମେହ କାରଣରୁ ହୋଇଥାଏ। ତେଣୁ ମଧୁମେହୀମାନେ ନିୟମିତ ଭାବରେ ପାଦ, ଚକ୍ଷୁ ଓ ଇଏନ୍‌ଟି ବିଶାରଦଙ୍କ ପରାମର୍ଶ ନେବା ଆବଶ୍ୟକ। ଚକ୍ଷୁ ବିଶେଷଜ୍ଞମାନଙ୍କ ସୂତ୍ରରୁ ଜଣାପଡ଼ିଛି ରେଟିନା ନଷ୍ଟ ହେବା ଯୋଗୁଁ ଆକସ୍ମିକ ଦୃଷ୍ଟି ଶକ୍ତି ହରାଇବା ପରି ପରିସ୍ଥିତି ଉପୁଜିଥାଏ। ଏହି କାରଣରୁ ଅଖିରେ ବା ଦୃଷ୍ଟିରେ ସାମାନ୍ୟ ପରିବର୍ତ୍ତନ ହେଲେ ମଧୁମେହ ତରନ୍ତ ଡାକ୍ତରଙ୍କୁ ଦେଖାଇବା ସହ ନିୟମିତ ଚକ୍ଷୁ ପରୀକ୍ଷା କରାଇନେବା ଉଚିତ। ନିୟମିତ ଯାଞ୍ଚ ଦ୍ୱାରା ଚକ୍ଷୁ ନଷ୍ଟ ହେବାର ଆଶଙ୍କାକୁ ଏଡ଼ାଇ ଯାଇହେବ। ଅନିୟନ୍ତ୍ରିତ ମଧୁମେହର ଅନ୍ୟ ଏକ ପାର୍ଶ୍ୱ ପ୍ରଭାବ ହେଉଛି ଶ୍ରବଣ ଶକ୍ତି ହ୍ରାସ। ସାଧାରଣ ଲୋକଙ୍କ ତୁଳନାରେ ମଧୁମେହୀଙ୍କ ଠାରେ ଏ ଆଶଙ୍କାର ଦୁଇଗୁଣ ଥାଏ। ସମୟ ପୂର୍ବ ଚିହ୍ନଟ କେବଳ ବର୍ଷରେ ଥରେ ଦୁଇଥର ଶ୍ରବଣ ଶକ୍ତି ପରୀକ୍ଷା ଦ୍ୱାରା ସମ୍ଭବ। ଶ୍ରବଣ ଶକ୍ତି ହ୍ରାସ ହେଉଛି ଏହା ସୂଚନା ମିଳେ ବାରମ୍ବାର ପଡ଼ିଯିବାରୁ। ଆଭ୍ୟନ୍ତରୀଣ କର୍ଣ୍ଣର ଶକ୍ତି ହ୍ରାସ ହେବା ଦ୍ୱାରା ସନ୍ତୁଳନ ରକ୍ଷା କରିବାର ଶକ୍ତି ମଧ୍ୟ ହ୍ରାସ ପାଏ। ମଧୁମେହର ସବୁଠାରୁ ଯନ୍ତ୍ରଣାଦାୟକ ପାଶ୍ୱ ପ୍ରଭାବ ଭୋଗ କରେ ପାଦ। ମଧୁମେହରେ ପାଦକୁ ରକ୍ତ ସଂଚାଳନ କମ ହୋଇଯାଏ। ଏହାକୁ କୁହାଯାଏ ପେରିଫେରାଲ ଭସ୍କୁଲାର ଡିଜିଜ୍। ପାଦର ସମ୍ବେଦନା କମ୍ ହେବା ସହ କ୍ଷତ ଭରଣା ହେବା କମ୍ ହୋଇଯାଏ ଏହାଦ୍ୱାରା। ରକ୍ତ ସଂଚାଳନରେ ଅଭାବ ହେତୁ ଘା' ନଶୁଖିଲେ ଗ୍ରାଙ୍ଗିନ୍‌ହୋଇ ପାଦ କଟା ହେବା ପରିସ୍ଥିତି ଉପୁଜେ। ଆମ ଦେଶରେ ମଧୁମେହକୁ ଅବହେଳା କରିବା ଦ୍ୱାରା ପ୍ରାୟ ୬୦ ହଜାର ରୋଗୀ ନିଜର ପାଦ ହରାଇବାର ଯନ୍ତ୍ରଣା ଭୋଗୁଛନ୍ତି। ହଁ ଏଥିସହ ସ୍ନାୟୁ ଦୁର୍ବଳ ହେବା ଯୋଗୁଁ ପାଦ ପୋଡ଼ା, ଝିମ୍‌ଝିମ ହେବା, ଅସ୍ଥିରତା ଓ ପାଦ ଦୁର୍ବଳ ଲାଗିବା ଆଦି ସମସ୍ୟା ଦେଖାଦିଏ। ଅନେକେ ଥଣ୍ଡା ଓ ଗରମ ମଧ୍ୟରେ ଫରକ ଜାଣିପାରନ୍ତି ନାହିଁ। ସୁସ୍ଥ ଜୀବନଶୈଳୀ ମଧୁମେହ ମୁଖ୍ୟତଃ ଏକ ଜୀବନଶୈଳୀ ରୋଗ। ତେଣୁ ଏହାର ନିରାକରଣ ସମ୍ଭବ। ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ରକ୍ତଶର୍କରାକୁ ନିୟନ୍ତ୍ରଣ କରିବା ସହ ଶରୀରର ଓଜନକୁ ନିୟନ୍ତ୍ରଣରେ ରଖିଥାଏ। ଏହା ହିଁ ମଧୁମେହକୁ ନିୟନ୍ତ୍ରଣ କରିବା ଓ ଅଟକାଇବା ନିମନ୍ତେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

*କନସଲ୍‌ଟାଣ୍ଟ ରେଡ଼ିଓଲୋଜିଷ୍ଟ, ଏମ୍ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*

*ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୂରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।*



**ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର**



ଭାଗ-୪୪

# ବେଳ ଭଲ ନାହିଁ

ତା'ହେଲେ ମୋ ଅନୁମାନ ଠିକ୍ - ଆପଣ ତାଙ୍କୁ ଜାଣିନାହାନ୍ତି। ପଞ୍ଚାୟତ ରାଜ ବିଭାଗର ଅଣ୍ଡର ସେକ୍ରେଟାରୀ ଥିଲେ ସିଏ, ହେଲେ ନିର୍ଦ୍ଦେଶକ ଓ ସେକ୍ରେଟାରୀ ପର୍ଯ୍ୟନ୍ତ ତାଙ୍କୁ ନ ପଚାରିଲେ କୌଣସି କାର୍ଯ୍ୟ କରୁନଥିଲେ। ଯେମିତି ସଚ୍ଚୋଟ, ସେମିତି କାମିକା। ସେ ଏଥିରେ ମୁଣ୍ଡ ପୂରାଇଛନ୍ତି ମାନେ ନେଇକରି ରହିବେ। ଆପଣଙ୍କର ଅନ୍ୟ ସବୁ କାର୍ଯ୍ୟ ପାଇଁ ମୋର ଚିନ୍ତା ନାହିଁ ଯେ ହେଲେ ଅଳ୍ପ କେତେ ଗୋଚରକୁ ମିଶାଇ ଆପଣଙ୍କ ବାଡିପଟରେ ଯେଉଁ ପୋଖରୀଟି ଖୋଳା ଯାଇଛି, ସବୁ ଅଡୁଆ ସେଇଠି। ରିପୋର୍ଟଟି ପାଇ ସାରିବା ପରେ ଭାବୁଛନ୍ତି କି ସୁଦର୍ଶନ ବାବୁ ଚୁପ୍‌ଚାପ୍ ବସିଯିବେ। ଅଫିସିଆଲ ମ୍ୟାଟରରେ ସେ ପରା ପୁରୁଣା ମୂଷା। ଦେଖିବେ ଏହା ପରେ ସେ ଭିଜିଲାନ୍ସ ତଦନ୍ତ ପାଇଁ ଦରଖାସ୍ତ କରିବେ। ବିପିଏଲ୍ କାର୍ଡ ଜାଲିଆତିଠୁ ଇନ୍ଦିରା ଆବାସ ଗୃହ ବଣ୍ଟନ ଯାଏ ସବୁ ଖୋଳତାଡ ହେବ। ମନେ ଅଛି ନା-ସେ ମୂଷା ସାମଲ, ଯାହାର ଦି' ତାଲା କୋଠା ଓ ପୁଅ ଦୁଇଟା ବି ତା'ର ଚାକିରି କରିଛନ୍ତି? ତାକୁ ଇନ୍ଦିରା ଆବାସ ଦେବା ବେଳେ ମୁଁ ମନା କରୁଥିଲି, ଅଥଚ ଆପଣ ଜିଦ୍ କଲେ। ସେସବୁ ଏବେ ଖୋଳତାଡ ହୋଇଯିବ। ମୋର ତ ଚାକିରି ଯିବ ଯିବ, ଆପଣ ବି ଜେଲରେ ପଶି ଘଣା ପେଲିବେ।

ସେ ପର୍ଯ୍ୟନ୍ତ ମୁହଁ ଟାଣ ମାରିଆସିଥିବା ନୀହାର ବାବୁ ଗୁମ୍ ଖାଇଗଲେ କିଛି ସମୟ।

ତାଙ୍କ ନୀରବତା ଦେଖି ବିଡିଓ କହିଲେ ବୁଝିଲେ ନୀହାର ବାବୁ, ଆଗକଥା ଓ ଏବେକା କଥା ଭିତରେ ବହୁତ ଫରକ। ଆଗରୁ ତ ଆଇଏଏସ୍ ଅଫିସରଙ୍କ ପାଖରେ ଆଇନ୍ ପଶୁ ନଥିଲା। ଏବେ ଦେଖୁନାହାନ୍ତି ଆଇଏଏସ୍ ଅଫିସରମାନେ ବି ସାଧାରଣ କଏଦୀଙ୍କ ପରି ଜେଲରେ ରହୁଛନ୍ତି।

ତା'ହେଲେ କ'ଣ କରିବା ବୋଲି ଆପଣ କହୁଛନ୍ତି?

ସେ ପରା ଆପଣଙ୍କ ଗାଆଁର ଓ ଘର ପାଖର ଲୋକ। ତାଙ୍କ ସହ ସନ୍ଧି କରନ୍ତୁ, କଥା ଯେମିତି ଆଉ ଆଗକୁ ନ ବଢ଼େ।

ସନ୍ଧି! ତାଙ୍କ ସହ ସନ୍ଧି କରିବା ଅସମ୍ଭବ।

କାହିଁକି ଅସମ୍ଭବ?

ଗତକାଲି ରାତିରେ ଗାଆଁରେ ଗୋଟେ ଘଟଣା ଘଟିଲା। ଆମେ ତାଙ୍କୁ ଢ଼େର ତୁଟି କରି କହି ଦେଇଛୁ।

ସେ କଥା କହୁନାହାନ୍ତି, ଘଟଣା ଯାଇ ଆପଣଙ୍କ ପାଖରେ ମୁଁ ଏପଟେ ଅନ୍ଧାରରେ ବାଡି ବୁଲାଉଛି।

ସନ୍ଧି ତ ସମ୍ଭବ ନୁହେଁ, ମୁଁ ଅନ୍ୟ କଥା ଭାବୁଛି।

କ'ଣ ଭାବୁଛନ୍ତି ଆପଣ?

ମୁଁ ଭାବୁଛି-ବାଉଁଶକୁ ତ ରଖିବି ନାହିଁ, ବଂଶୀ ହେବ କେମିତି ବା ବାଜିବ କେମିତି?

ଆପଣ କ'ଣ କରିବେ ବୋଲି ଭାବୁଛନ୍ତି, ଆପଣ ଜାଣନ୍ତି। ହେଲେ ଯାହା କରିବେ ଭାବିଚିନ୍ତି କରିବେ ଯେମିତି ନେଣକୁ ଦେଣ ବଢ଼ି ନଯାଏ।

ଆପଣ ସେ ବିଷୟରେ ନିଶ୍ଚିତ ରୁହନ୍ତୁ। ସେ ବୁଢ଼ା ଚାକିରି ଯେତିକି ବର୍ଷ କରିଛି, ମୋର ଆସି ରାଜନୀତିରେ ସେତିକି ବର୍ଷ ହେଲାଣି। ମୋତେ କ'ଣ ପେଞ୍ଚ ମାଲୁମ ନାହିଁ। ଆଜିଯାଏଁ ପେଞ୍ଚ କରି ଗାଆଁଟା ସାରା ଲୋକଙ୍କୁ ମେଣ୍ଢା ବନାଇ ରଖି ଆସିଛି। ଇଏ ବୁଢ଼ା କାଳେ ଗାଆଁକୁ ଫେରିଛନ୍ତି ତ, ଗୋଠ ନ ଦେଖି ଶିଙ୍ଘ ହଲାଉଛନ୍ତି। ଆପଣ ଜମା ବ୍ୟସ୍ତ ହୁଅନ୍ତୁ ନାହିଁ, ମୁଁ ତାଙ୍କ ଶିଙ୍ଘ ଭାଙ୍ଗିବାର ବ୍ୟବସ୍ଥା କରି ଦେଉଛି।

ମୁଁ ପୁଣି ଥରେ ଆପଣଙ୍କୁ ଚେତେଇ ଦେଉଛି ନୀହାର ବାବୁ, ଯାହା କରିବେ ବୁଝି ବିଚାର କରିବେ।

ହଁ-ମୁଁ ବୁଝି ବିଚାରି, ଆଗପଛ ସବୁ ଚିନ୍ତା କରି କରିବି ତ ନିଶ୍ଚୟ। ଏମିତି ପ୍ରଥମରୁ ଡରିଗଲେ ସିଏ ତ ମୋ ଉପରେ ହାକିମାତି କରିବେ। ମୁଁ ତାହା କେବେ ହବାକୁ ଦେବିନି।

ଆଚ୍ଛା ତାଙ୍କ ସାଙ୍ଗରେ ଆଜି ଦଳେ ଯୁବକ ଆସିଥିଲେ ବୋଲି ଶୁଣିଲି, ଅବଶ୍ୟ ସେମାନେ ମୋ ରୁମକୁ ଯାଇନଥିଲେ।

ହଁ-ଆସିଥିବେ, କିଛି କାଲିକା ମେଞ୍ଚଡ ଟୋକା ମିଶି ଆମ ଗାଆଁରେ ଗୋଟେ 'ପ୍ରଗତି ଯୁବକ ସଂଘ' ଗଢ଼ିଛନ୍ତି, ସେମାନେ ତାଙ୍କ ସହ ଆସିଥିବେ।

ସେ ପିଲାମାନଙ୍କ ସହ ଆପଣଙ୍କ ସମ୍ପର୍କ କେମିତି?

ମୋର ବିରୁଦ୍ଧାଚରଣ କରିବା ପାଇଁ ତ ସେମାନେ ସଂଘ ଗଢ଼ିଛନ୍ତି।

ଆଚ୍ଛା-ଆପଣଙ୍କ ଗାଆଁରେ ତା'ହେଲେ ଆପଣଙ୍କ ବିରୁଦ୍ଧରେ ମେଳି ଆରମ୍ଭ ହୋଇଗଲାଣି?

ହେଲେ ଚିଙ୍ଗୁଡି ଚପିଲେ ମୁଣ୍ଡରେ ବସ। କେତେଦୂର ସେମାନେ ଯାଇ ପାରିବେ? ପଟେ ଖାସି ଓ ଦି'ଚାରି ବୋତଲରେ ସେମାନେ ପଥ ବଦଳାଇ ଦେବେ।

ଯାହା ବି କରି ସେ ପିଲାମାନଙ୍କୁ ନିଜ ପଟକୁ ଆଣନ୍ତୁ।

ମୁଁ ଆହୁରି ସୂକ୍ଷ୍ମ ଚିନ୍ତାରେ ଅଛି। ଆପଣ ନିଶ୍ଚିନ୍ତ ରୁହନ୍ତୁ, ମୋତେ ମୋ କାମ କରିବାକୁ ଦିଅନ୍ତୁ।

ଏବେ ବେଳ କାଳ ଆଦୌ ଭଲ ନୁହେଁ, ଯାହା କରିବେ ଭାବିଚିନ୍ତି କରିବେ।

ବିଡିଓଙ୍କ ଠାରୁ ଫେରିବା ପରଠାରୁ ନୀହାର ବାବୁ ତାଙ୍କ ପ୍ରତିଶୋଧର ପ୍ଲାନଟି ଚିନ୍ତା କରୁଥିଲେ। ଗୋଟିଏ ପ୍ଲାନ ମନକୁ ଆସିବା କ୍ଷଣି ତା'ର ଭଲ ଓ ମନ୍ଦ ଉଭୟ ଦିଗକୁ ବିଚାର କରୁଥିଲେ। ମନକୁ ଆସୁଥିବା ପ୍ଲାନ୍ ମାନଙ୍କର ମନ୍ଦ ଦିଗ ଏମିତି ଅଧିକ ହୋଇଯାଏ ଯେ ସେ ତାକୁ ଆଉ କାର୍ଯ୍ୟକାରୀ କରିବାର ଚିନ୍ତା କରିପାରନ୍ତି ନାହିଁ।

ହଠାତ୍ ଗୋଟେ ପ୍ଲାନ୍ ମନକୁ ଜୁଟିଲା। ଗୋଟେ ଇଉରେକା ଇଉରେକା ଭାବରେ ଉଠି ପଡି ଡକାଇ ପକାଇଲେ ନାରଣକୁ।

(କ୍ରମଶଃ)



## ପ୍ରଧାନମନ୍ତ୍ରୀ ସଡକ



**ଗଜାନନ ମିଶ୍ର**

କଥାକୁ ବୁଝିଲା କି କୌଶଲ୍ୟା?
ଅଗସ୍ତି ଗଛକୁ ଅନେଇଲା,
କହିଲା, ହଉ, ଚାଲ ଯିବା!
ଘଣ୍ଟି ବାଜିଲା ଆଉ ସେଇ ଶବ୍ଦରେ ଦୁଲୁକିଲା ଘର ଘାଟ ଦାଣ୍ଡ। ଯିବାଟା ନୋହିଲା।

କିଏ ପାରିଛି ପଶି ଶବ୍ଦ ଭିତରକୁ?
ଶବ୍ଦ କୋଉଠି କି! ନିଜକୁ ନିଜର ଶବ୍ଦ ଭୁଆଁ ବୁଲେଇଲାବେଳେ ଭୂତ ଭଳି ସ୍ଥିର ଛିଡା ନିଜର ଇ ଛାଇ।
କହିଲା କଣ ନା ଭାଇ!
ମାମୁ ମାମୁ ଗୀତ ଗାଇ।
ଯାଡେ ସ୍ୟାଡେ ପ୍ରଧାନମନ୍ତ୍ରୀ ସଡକ ଉପରେ ସାପପରି ବୁଲୁଥାଇ!

*ତପୋବନ, ଟିଟିଲାଗଡ, ବଲାଙ୍ଗୀର ଜିଲ୍ଲା*

## ଆସ ଥରେ ବୁଲିବା ଶୀତରେ ସୋନପୁର



**ସୁଶାନ୍ତ କୁମାର ସାହୁ**


ତମ ଗାଁ କୁ ଏବେ
ଶୀତ ଆସିଲାଣି କି ନାହିଁ
ମୁଁ ଏଯାଏ ଜାଣିନି।
ତମ ଅଗଣାରେ
ଗେଣ୍ଡୁ ଓ ମଲ୍ଲିଫୁଲ
ଫୁଟି ବାସିଲଣି କି ନାହିଁ
ତମେ ଏଯାଏଁ କହିନ।
ତମେ କହୁଥିଲ କୁଆଡେ
ତମ ଗାଁକୁ ଶୀତ ଆସିଲେ
ତମ ଚାଳ ଉପରେ ନେସି ହୁଏ
ପରସ୍ତ ପରସ୍ତ କାକର।
ତମ ଗାଁ ଗରମ ପାଣି ପାଲଟି ଯାଏ
ଝରଣା ପାଣିଠୁ ବି ଆହୁରି ଶୀତଳ।
ହେଲେ,ତମ ଗାଁ କଇଁ ଓ ଜହ୍ନ
ଏତେ ଗପୁଡି ଯେ,
ଗପନ୍ତି ରାତି ସାରା।
ସେମାନଙ୍କ ପାଇଁ ନିଅଣ୍ଟ ଏଇ
ଲମ୍ବା ଶୀତ ରାତି।
ଏବେ କିନ୍ତୁ
ଆମ ଗାଁକୁ ଶୀତ ଆସିଲାଣି
ସଞ୍ଜୁଆ ପବନରେ ବୁକୁ ଥରିଲାଣି,
ନଇ କୂଳ ବଣରେ
ଜମିଲାଣି ପକ୍ଷୀ।ଙ୍କ ଭିଡ।
ତମେ ବୋଧେ ଦେଖିନ
ଜହ୍ନରାତି ରେ ସୁନ୍ଦରୀ ସୋନପୁର,
ରୂପା ଶାଢି ପିନ୍ଧିଲେ ସତେ କେମିତି
ଲାଗେ ଆହୁରି ସୁନ୍ଦର।
ଆସ ଥରେ
ସାଥୀ ହୋଇ ବୁଲିବା ସେଇ
ସୋନପୁର ସୌନ୍ଦର୍ଯ୍ୟର
ସେଇ ମହାନଦୀ କୂଳରେ
ଶୁଣିବା ନାଉରୀଆ ଗୀତ
ଦେଖିବା ଅଙ୍କାବଙ୍କା ନଇର ସୌନ୍ଦର୍ଯ୍ୟ,
ଓ ଦେଖିବା
ସ୍ୱର୍ଣ୍ଣାଭ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ।

**ଧୋବାବାହାଲି, ସୁବର୍ଣ୍ଣପୁର**
**ଦୂରଭାଷ : ୯୯୩୭୯୮୭୪୬୭**

(ପୂର୍ବପ୍ରକାଶ ଉତ୍ତାରୁ)

## ଭକ୍ତିରେ ଭଗବାନ ଅଭକ୍ତିରେ ହୀନିମାନ

**କବିକମଳ ନରେନ୍ଦ୍ର ପ୍ରସାଦ ବେହେରା**



ଅଫିସର ହେବାପରେ ଭାଇସିନା ଭାଇକୁ ଭୁଲିଗଲା ହେଲେ ମମତା ଶାଶୁ, ଶ୍ୱଶୁର, ସ୍ୱାମୀ, ଦେଢଶୁର ଓ ଯାଆ ସମସ୍ତଙ୍କ ମଙ୍ଗଳ ପାଇଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରେ।

ଦିନକର ଘଟଣା। ବୁଢାବୁଢୀଙ୍କର ଦେହ ଭୀଷଣ ମାତ୍ରାରେ ଖରାପ ହୋଇଥାଏ। ଘରେ ମମତା ଏକୁଟିଆ। ସ୍ୱାମୀ ତା'ର ୧୫ ଦିନ ହେବ ଘରକୁ ଆସି ନାହାନ୍ତି। ରାତି ବଢୁଥାଏ। ପାଗଳ ଭଳି ଏଘର ସେଘର ହେଉଥାଏ ମମତା। ଭାବିଲା ଯଦି ଶାଶୁ ଶ୍ୱଶୁରଙ୍କର କିଛି ହୋଇଯାଏ, ତା' ହେଲେ ସ୍ୱାମୀ ମୋତେ କ'ଣ କହିବେ। ମୁଁ ସ୍ୱାମୀଙ୍କ ଠାରେ ବଚନ ଦ୍ରୋହି ହେବି। ଦୌଡ଼ି ଗଲା ଠାକୁର ଘରକୁ ମମତା। ଜଗନ୍ନାଥଙ୍କ ପାଦତଳେ ପଡି କାକୁତି ମିନତୀ ହେଲା। କହିଲା ହେ ପ୍ରଭୁ ଜଗନ୍ନାଥ ମୁଁ ଯଦି ପ୍ରକୃତରେ ତୁମର ସେବକ ହୋଇଥାଏ, ମୋ ସେବାରେ ଯଦି କିଛି ତୃଟି ନଥାଏ କିମ୍ବା ଆପଣ ଯଦି ମୋ ସେବାରେ ସନ୍ତୁଷ୍ଟ ତେବେ ମୋତେ ଏ ବିପଦରୁ ଉଦ୍ଧାର କରନ୍ତୁ। ମୋ ସ୍ୱାମୀ ଘରକୁ ଫେରିବା ପର୍ଯ୍ୟନ୍ତ ଶାଶୁ ଶ୍ୱଶୁରଙ୍କୁ ବଞ୍ଚାଇ ରଖନ୍ତୁ। ନହେଲେ ଏଦୁନିଆ ଆଖିରେ ମୁଁ କଳଙ୍କିନୀ ହେବି। ସ୍ୱାମୀ କହିବ ମୁଁ ଅଲକ୍ଷିଣୀ, ସେବାରେ ଅବହେଳା କରି ଜାଣିଶୁଣି ମାରିଦେଲି! ଭକ୍ତର ବିକଳ ସହିପାରିଲେ ନାହିଁ ପ୍ରଭୁ ଜଗନ୍ନାଥ। ଆବିର୍ଭାବ ହେଲେ ମହାପ୍ରଭୁ , କହିଲେ- ବ୍ୟସ୍ତ ହୁଅନି ମମତା! ତୁ ଆଜି ପର୍ଯ୍ୟନ୍ତ ଯାହାକୁ ହୃଦୟ ଦେଇ ପୂଜା କରି ଆସୁଥିଲୁ ସେ ହେଉଛି ମୁଁ ନିଜେ। ତୋର ସେହି ଚଳନ୍ତି ପ୍ରତିମା ଶ୍ୱଶୁର ହେଲେ ଜଗନ୍ନାଥ ଆଉ ଶାଶୁ ହେଲେ ଲକ୍ଷ୍ମୀ ଠାକୁରାଣୀ। ସେ ଦୁହେଁ ସର୍ବଦା ଅନ୍ତରର ସହିତ ମୋତେ ଭଜୁଥିଲେ। କିଛି ସେବା ବାକିଥିବାରୁ ତୋତେ ଏଘରେ ସ୍ଥାନ ମିଳିଥିଲା। ତେଣୁ ତୋ ସେବାରେ ମୁଁ ସନ୍ତୁଷ୍ଟ। ମୁଁ ତୋତେ ଏହି ଆଶୀର୍ବାଦ ଦେଉଛି ତୋର ଏହି ସେବାପାଇଁ ନିରାମୟ ଜୀବନ ଯାପନ କରିବୁ, ଐଶ୍ୱର୍ଯ୍ୟ ସୁଖ ଭୋଗ କରିବୁ, ଧନଧାନ୍ୟରେ ଏଘର ଭରପୁର ହେବ ଏବଂ ତୋର ଏହି କୁଡିଆ ଘରଟି ଇନ୍ଦ୍ରଭୁବନ ହେବ। "ମର୍ତ୍ତ୍ୟେ ମଣ୍ଡଳେ ଦେହବହି ଦେବତା ହେଲେ ବି ମରଇ' ମୁଁ ତୋର ଶାଶୁ ଶ୍ୱଶୁରକୁ ବଞ୍ଚାଇ ରଖି ପାରିବି ନାହିଁ କିନ୍ତୁ ଗୋଟିଏ ସର୍ତ୍ତ ତୋ ସ୍ୱାମୀ, ଦେଢଶୁର ଓ ଯାଆ ଆସିବା ପର୍ଯ୍ୟନ୍ତ ତାଙ୍କ ଶୋଇବା ଘର କବାଟ ଖୋଲିବୁ ନାହିଁ। ଆସିଲେ ସେମାନଙ୍କୁ ନେଇ କବାଟ ଖୋଲିବୁ। ଏହାକହି ପ୍ରଭୁ ଅନ୍ତର୍ଦ୍ଧାନ ହୋଇଗଲେ।

ତେଣେ ସ୍ୱାମୀ, ଯାଆ ଓ ଜେଲରେ ଥିବା ଦେଢଶୁରଙ୍କୁ ସ୍ୱପ୍ନରେ ମହାପ୍ରଭୁ ସବୁ ଜାଣାଇ ଦେଇଥାନ୍ତି। ସେତେବେଳକୁ କୁଡିଆ ଘରଟି ଇନ୍ଦ୍ରଭୁବନ ହୋଇସାରିଥାଏ। ହଠାତ୍ ମୋବାଇଲ ରିଙ୍ଗ୍ ହେଲା। ସ୍ୱାମୀ କହିଲେ ମମତା ଆମ୍ଭେମାନେ ଘଣ୍ଟେହେଲା ଗାଁରେ ବୁଲୁଛୁ ହେଲେ ଘର ପାଉନାହୁଁ! କିନ୍ତୁ କାହିଁକି! ସଙ୍ଗେ ସଙ୍ଗେ ଗାଁ ଦାଣ୍ଡକୁ ମମତା ଦୌଡ଼ି ଯାଇ ସମସ୍ତଙ୍କୁ ପାଛୋଟି ନେଲା। ସ୍ୱାମୀ ହାତଧରି ଶାଶୁ ଶ୍ୱଶୁରଙ୍କ ଶୋଇବା ଘର କବାଟ ଖୋଲି ଦେଖିଲା ଶାଶୁ ଶ୍ୱଶୁର ନାହାନ୍ତି ସ୍ୱୟଂ ଲକ୍ଷ୍ମୀ ନାରାୟଣ ମୂର୍ତ୍ତି ଛିଡା ହୋଇଛନ୍ତି। ସମସ୍ତେ ସଙ୍ଗେ ସଙ୍ଗେ ସାଷ୍ଟାଙ୍ଗ ପ୍ରଣାମ କଲେ। ପରେ ଜାଣିପାରିଲେ ଏସବୁ ମମତା ପାଇଁ ସମ୍ଭବ ହୋଇ ପାରିଛି। ପ୍ରକୃତରେ ଭଗବାନ ବୋଲି ସଂସାରରେ କେହି ଜଣେ ଅଛି। ଯାହାକୁ ପୂଜି ମମତା ଘରର ଏତେବଡ଼ ପରିବର୍ତ୍ତନ ଆଣି ପାରିଛି। କେବଳ ସେହି ସ୍ୱୟଂ ଜଗତରନାଥ ଜଗନ୍ନାଥ ପାଇଁ ସମ୍ଭବ ହୋଇପାରିଛି। ଏକଥା ସମସ୍ତେ ସ୍ୱୀକାର କଲେ। ଯାଆ ଓ ଦେଢଶୁର ସେମାନଙ୍କ ଭୁଲ୍ ବୁଝିପାରିଲେ। ତେଣୁ କଥାରେ ଅଛି ଭକ୍ତିରେ ଭଗବାନ ଅଭକ୍ତିରେ ହୀନିମାନ। ଭକ୍ତ ପାଇଁ ଭଗବାନ ସର୍ବଦା ଜାଗ୍ରତ ପ୍ରହରୀ। ଏକଥା ଯୁଗେଯୁଗେ ସତ୍ୟ। ତେଣୁ ମନରେ ଭକ୍ତି ଭାବନା ଥିଲେ ଭଗବାନ ନିଶ୍ଚୟ ମିଳିବେ ଏଥିରେ ସନ୍ଦେହ ନାହିଁ।

*ସମ୍ପାଦକ- ମୋ ଅନୁଷ୍ଠାନ,*
*ଆଳନ୍ଦା,ଖଇରା,ବାଲେଶ୍ୱର*
*ଦୂରଭାଷ : ୯୮୫୩୧୪୨୫୧୦*

## ବିଦଗ୍ଧ ନାୟିକା

**ପ୍ରଣତି ଆଚାର୍ଯ୍ୟ ମିଶ୍ର**



ସଞ୍ଜ ନଇଁ ଗଲେ ନିଶାର୍ଦ୍ଧ ରାତିର ନାୟିକା
ସାଜଇ ଭିନ୍ନ ସେ ନାରୀ
ସହସ୍ର ଶଯ୍ୟା ରେ ନଗ୍ନ ଦେହେ ତାର
ରସିକ ରସନ୍ତି ନିଜର କରି।
ରାତ୍ରିର ନାୟିକା ସୁରୁଜ ଉଇଁଲେ କଳଙ୍କିତ
ବୋଲି ଘୃଣାର ପାତ୍ର
ଭିଜେନି କେବେ ସେ ପ୍ରେମର ଆଳାପେ
ଭଗ୍ନ କୋଣାର୍କର ନଗ୍ନ ଅପାତ୍ରା
ଜହ୍ନକୁ ମାଗେନି ଟୋପାଏ ଜୋଛନା
ଚାନ୍ଦିନୀ ରାତ୍ରିରେ ଭିଜିବା ପାଇଁ
ନିସ୍ତବ୍ଧ ପ୍ରହରେ ଆଖି ଅଗଣାକୁ
କାମୁକ ଆସନ୍ତି ପାଚେରୀ ଡେଇଁ।
ଗଙ୍ଗଶିଉଳିର ଅଳିକ ପ୍ରେମ ସେ
ନିଶି ଭିତରେ ତା ପରିଧି ବନ୍ଧା
ବୁଝନ୍ତିନି କେହି ମନର ସାମ୍ରାଜ୍ୟେ
ଦଗ୍ଧ ହୃଦୟର ମରମ ବବ୍ୟଥା।
ଅମା ଅନ୍ଧାରର ଶଯ୍ୟା ସଙ୍ଗିନୀ ସେ
ରାତି ପାହିଗଲେ ଘୃଣ୍ୟ ଗଣିକା
ସୂର୍ଯ୍ୟାଲୋକେ ନଷ୍ଟ ଚରିତ୍ର ତାହାର
ସଞ୍ଜ ନଇଁ ଗଲେ ମଧୁଚନ୍ଦ୍ରିକା।
ଆକଟରେ ହସେ ଆକ୍ଷେପରେ ହସେ
ସବୁ ଆରୋପ କୁ ଆଦରି ନିଏ
କ୍ଷଣିକ ତାତିକୁ ବୁଝାଏ ସେ ପ୍ରିତି
ଅନ୍ଧାରି ଜୀବନ କୋଳେଇଥାଏ।

ବନ ବାଡବାଗ୍ନି ତିଳେ ତିଳେ ଜଳି
ଗଣିକା ଆକ୍ଷେପେ ସେ ଶରବିଧ
ସମୟ କାନ୍ଥରେ ମିଛ ଭ୍ରମ ତୋଳେ
ନଥାଏ ଶରୀରେ ଟୋପାଏ ରକ୍ତ।
ଆନମନା କରେ କବରୀର ବାସ୍ନା
ଅଚିହ୍ନା ହାତର ଅସ୍ପୃହ ସ୍ପର୍ଶ
ଦଗ୍ଧ ହୃଦୟର ତୃପ୍ତ ମଦିରାରେ
ବିକ୍ଷିପ୍ତ ବେଦନା ବିଚିତ୍ର ବେଶ।
କାମୁକ ପୁରୁଷ କାମନା ମେଣ୍ଟାନ୍ତି
ଝୁଣି ଖାଇଥାନ୍ତି ଶାଗୁଣା ପରି
ତୃଷ୍ଣା ମେଣ୍ଟିଗଲେ ଫିଙ୍ଗି ଦେଇଥାନ୍ତି
ବିଚିତ୍ର ପ୍ରେମ ର ଭିନ୍ନ ସେ ନାରୀ।

*ନୟାଗଡ଼*
*ଦୂରଭାଷ : ୯୪୩୭୬୪୨୯୪୭*

## କବିତାର କଥା

(ଭାଗ-୪୫)



**ଉମାକାନ୍ତ ରାଉତ**



## ହୃଦୟ ଓ ଆବେଗର ମିଶାଣ ଫେଡାଣ

ସମୁଦ୍ର କୂଳ ନିକଟ ପ୍ରାସାଦରେ ରହୁଥିବା ଗୁରୁବାବୁଙ୍କୁ ସମୁଦ୍ର ଢ଼େଉର ଗର୍ଜନ ତ ନିଶ୍ଚିତ ଭାବେ ଶୁଭୁଥିଲା, ହେଲେ ସେଠି ଚମ୍ପାଫୁଲର ଗଛଥିଲା କି ନାହିଁ; ତାହା ଅନୁସନ୍ଧାନ ସାପେକ୍ଷ। ଗୋଟେ ତେଜୀୟାନ, ଭେରିସ୍ମାଟ୍ ଓ ପଶ୍ଚିମା ଷ୍ଟାଇଲରେ ଫିଟ୍‌ଫାଟ୍ ମଣିଷ ଭିତରେ ଯେ ନିରୋଳା କବି ହୃଦୟଟେ ଥିଲା ଏବଂ ତାହା ଚମ୍ପାଫୁଲର ମହକରେ ଖୁବ ବିହ୍ୱଳିତ ହେଉଥିଲା ସେକଥା ପ୍ରମାଣ କରିଦେଲା ତାଙ୍କର 'ନୂତନ କବିତା' ଗୁଚ୍ଛ। ଅସାଧାରଣର କାବ୍ୟସିଦ୍ଧିର ନାୟକ ଗୁରୁପ୍ରସାଦ ତାଙ୍କର ରୋକଠୋକ୍ କଥା ଓ ଅଫିସରିଆ ଚାଲିଚଳଣର ଆଢୁଆଳରେ ଥିବା ବ୍ୟକ୍ତିତ୍ୱରେ ସମୁଦ୍ର ଢ଼େଉର ଗର୍ଜନ ଓ ଚମ୍ପାଫୁଲର ମହକକୁ ଏକାଠି କରିପାରିଥିଲେ ବୋଲି ତ ଲେଖିଥିଲେ -

"ଚମ୍ପାଫୁଲ ମହକରେ ବାଟଭୁଲି ସମୁଦ୍ରର ଢ଼େଉ
ଆସିଥିଲା କୂଳଡେଇଁ ଶୁଖିଥିଲା ଭରାନଇ ଛାତି"

ସତରେ ସମୁଦ୍ର ଢ଼େଉଭଳି ବ୍ୟକ୍ତିତ୍ୱର ଅଧିକାରି ଥିଲେ କବି ଗୁରୁପ୍ରସାଦ। କଳାବୁଟ୍‌ର ମଚମଚ ଚାଲି, ସିଂହ ଠାଣି, ବୁଲେଟ୍ ଭଳି କଥାବାର୍ତ୍ତା ଭିତରେ ପଦ୍ମପତ୍ରର ଜଳ ଭଳି ରହିଥିଲା କବିତ୍ୱ।

କାମନାର ବିକାର, ଦେହର ବିଭୋରପଣ ଓ କ୍ଷୟଶୀଳତାର ଉପାଦାନଗୁଡିକୁ ଶରୀରାତ୍ମାର ଅଣୁପରମାଣୁରେ ତୀବ୍ର ଭାବେ ଅନୁଭବ କରିପାରୁଥିବା ଆଲୋକାଭିଳାଷୀ କବି ହେଉଛନ୍ତି ଗୁରୁପ୍ରସାଦ। ସେଥିପାଇଁ ସେ ଲେଖିପାରନ୍ତି-


"ତୁମରି ଦାନ୍ତରେ ମୋର ଓଠ ଯିବ ଛିନ୍ନ ଭିନ୍ନ ହୋଇ
ତୁମର ଛାତିରେ ଯିବ ଦଳିହୋଇ ବାଳିଚର ନିଶୂନ ନିଘଞ୍ଚ
ତୁମର ଦେହର ରକ୍ତ ପାଣି ଫାଟି ଥଣ୍ଡା ହୋଇଯିବ
ତୁମର ଭିତରେ ମୋର ଆତ୍ମା ଯଦି ନିଶ୍ଚିହ୍ନ ମିଳାଇ।"


ଆବେଗକୁ ମୂଲ୍ୟଦେଇ କବିତାର ପଂକ୍ତିରେ ଜୀବନ୍ତ କରିବା ପାଇଁ ସମସ୍ତ ବିଡମ୍ବନାକୁ ସାମ୍ନା କରିପାରନ୍ତି ଗୁରୁପ୍ରସାଦ। ତାଙ୍କର ତିକ୍ତମଧୁର ଜୀବନବୋଧର ଚିତ୍ର ମଧ୍ୟରେ ରୂପାୟିତ ହୋଇଥାଏ ସାହିତ୍ୟିକ ପରମ୍ପରା, କିମ୍ବଦନ୍ତୀ, ଗଭୀର ଐତିହାସିକ ଜ୍ଞାନଗାରିମା, ପରିବେଶ ଓ ପରିସ୍ଥିତି ସହ ଅନ୍ତରଙ୍ଗତା, ପ୍ରତ୍ୟାହାର ପ୍ରବଣତା ଓ ପ୍ରକାଶଭଙ୍ଗୀର ତୀକ୍ଷ୍ଣତା। ସେଥିପାଇଁ ଷଷ୍ଠ ଦଶକର ଅନେକ କବି ତାଙ୍କ ଦ୍ୱାରା ପ୍ରଭାବିତ। ଏଇଯେମିତି ରମାକାନ୍ତ ଓ ଜଗନ୍ନାଥପ୍ରସାଦ। ଆଧୁନିକତା ଓ ଅତ୍ୟାଧୁନିକତାର ଆଭିମୁଖ୍ୟକୁ ସୂଚିତ କରିଥିଲେ କବି ସଚ୍ଚିଦାନନ୍ଦ ରାଉତରାୟ। ହେଲେ, ସେସବୁକୁ ସ୍ପଷ୍ଟତର କରିଥିଲା ଗୁରୁପ୍ରସାଦଙ୍କ କବିତା। "ଗୋବର ଗଣେଶ"କୁ ଅନୁଧ୍ୟାନ କଲେ ବୁଝାପଡେ ସେ ରୋମାଣ୍ଟିସିଜିମ୍‌ର ପ୍ରଭାବରୁ ମୁକ୍ତ ହୋଇ ଏଲିୟଟଙ୍କର ଇମେଜିଜିମ୍ ଓ ମେଟାଫିଜିକାଲ ଶୈଳୀକୁ ସେଥିରେ ଆପଣେଇଛନ୍ତି। ସେଥିପାଇଁ ସେ କହିଛନ୍ତି-

"ମୁଁ ନୁହେଁ ଧୂପର ହୀରୋ, ଚୁମ୍ବନ ବା ଚମ୍ପୂର ନାୟକ
ଚାରୁକଳା ଅଭାବ ମୋ'ଠାରେ
ତା'ର ସିଲ୍‌କ୍ ଲୁଗା ତଳୁ ଗୋଲ୍ ଛାତି ଯେବେ ଉଙ୍କିମାରେ।"

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*









# ମଣିଷ ପରି ମଣିଷ ଥିଲେ 'ରତ୍ନାକର' ବାବା

ଭୁବନେଶ୍ୱର : ଜନ୍ମ ଥିଲେ ମୃତ୍ୟୁ ତ ଥାଏ। ହେଲେ ଜନ୍ମ ଠାରୁ ମୃତ୍ୟୁର ବ୍ୟବଧାନ ଭିତରେ ମଣିଷ ଯେଉଁ ଭଲ କାର୍ଯ୍ୟ କରେ ତାହା ସମସ୍ତଙ୍କ ହୃଦୟରେ ଗଭୀର ଛାପ ଛାଡିଯାଏ। ସେଭଳି ଜଣେ ମଣିଷ ଥିଲେ ରତ୍ନାକର ବାବା। ଅବିଭକ୍ତ ବାଲେଶ୍ୱର ଜିଲ୍ଲା ସୋର ଅଂଚଳର ଏକ ଅଖ୍ୟାତ ପଲ୍ଲୀ ଇଟୁଆ ଗ୍ରାମରେ ୧୫.୬.୧୯୩୫ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ମାତାଙ୍କ ନାମ ରୁକ୍ମିଣୀ ଦେବୀ ଓ ବାପାଙ୍କ ନାମ ଭାଗବତ ମହାନ୍ତି। ଏକ ନିମ୍ନମଧ୍ୟବିତ୍ତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ସୁଦ୍ଧା ପିଲାଟି ଦିନରୁ ସମାଜସେବା ଓ ଆଧ୍ୟାତ୍ମିକ ଦିଗରେ ବ୍ରତୀ ଥିଲେ। ବାଲ୍ୟ ଜୀବନ ଅତ୍ୟନ୍ତ ଦୁଃଖ କଷ୍ଟରେ କାଳାତିପାତ କରିଥିଲେ ରତ୍ନାକର। ତାଙ୍କୁ ପିଲାଟି ଦିନୁ ବାବା ନାମରେ ଡାକୁଥିଲେ। ଯେଉଁଠି ଅନ୍ତିମ ଜୀବନ ପର୍ଯ୍ୟନ୍ତ ସେଇ ବାବା ନାମରେ ହିଁ ପରିଚିତ ଥିଲେ ରତ୍ନାକର। ଶିକ୍ଷା ସମାପ୍ତ ପରେ ସେ ଓଡିଶା ଖଣି ନିଗମରେ ଚାକିରୀ ଜୀବନ ଆରମ୍ଭ କରିଥିଲେ। କେନ୍ଦୁଝର ଜିଲ୍ଲା ଶୁଆକାଟି ଥିଲା ତାଙ୍କର କର୍ମସ୍ଥଳୀ। ସେଠାରେ ସେ ଦୀର୍ଘବର୍ଷ ବସବାସ କରିବା ସହ ଅନେକ ଧର୍ମାନୁଷ୍ଠାନ ସହ ପ୍ରତ୍ୟେକ୍ଷ ଓ ପରୋକ୍ଷରେ ଯୋଡି ହୋଇଥିଲେ। ଶୁଆକାଟିରେ ଥିବା ଶୈବପୀଠ ପାଟେଶ୍ୱର ମନ୍ଦିରରେ ହେଉଥିବା ଶିବରାତ୍ରି ଉତ୍ସବର ମୁଖ୍ୟ ପୁରୋଧା ଥିଲେ ବାବା। ଜଣେ ଶୈବ ଭକ୍ତ ହୋଇଥିବାରୁ ଈଶ୍ୱରଙ୍କ ପ୍ରତି ଗଭୀର ବିଶ୍ୱାସ ରଖି ବାବା ପ୍ରତ୍ୟେକ କାର୍ଯ୍ୟ ସମ୍ପାଦନ କରିଥିଲେ। ଜଣେ ପରୋପକାରୀ ମଣିଷ ଭାବେ ପରିଚିତ ବାବା ଗନ୍ଧମାର୍ଦ୍ଦନ ଖଣି ଅଞ୍ଚଳରେ ପ୍ରଥମ କରି ଦୁର୍ଗାପୂଜା ଆରମ୍ଭ କରି ବେଶ ଚର୍ଚ୍ଚାରେ ରହିଥିଲେ।



ଶୈବଭକ୍ତ ମାନଙ୍କ ସହ ମିଶି ଅନେକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଆୟୋଜନ କରି ସ୍ଥାନୀୟ ଜନସାଧାରଣଙ୍କର ପ୍ରିୟ ମଣିଷ ପାଲଟିଯାଇଥିଲେ ବାବା ରତ୍ନାକର। ଅବସର ପରେ ଶୁଆକାଟି ଛାଡି ବାବା ନିଜ ପୁଅବୋହୂଙ୍କ ସହ ରାଜଧାନୀ ଭୁବନେଶ୍ୱର ଡୁମୁଡୁମାସ୍ଥିତ ଆରିଆ ଭିଲେଜରେ ରହୁଥିଲେ। ସାମାନ୍ୟ ଅସୁସ୍ଥତା ଅନୁଭବ କରିବାରୁ ବାବାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଗତ ଦୁଇ ତାରିଖରେ ତାଙ୍କ ଦେହାନ୍ତ ହୋଇଯାଇଛି। ତାଙ୍କୁ ଏବେ ବେଶ୍ ଝୁରିହେଉଛନ୍ତି ନିଜର ଆତ୍ମୀୟସ୍ୱଜନ ଓ ପ୍ରିୟ ପରିଜନ। ହେଲେ ବାବା ଏବେ ଅଫେରା ରାଇଜରୁ ଆଉ ଫେରିଆସିବେ ନାହିଁ। ହେଲେ ସବୁରି ମୁହଁରେ ଗୋଟିଏ କଥା ମଣିଷ ପରି ମଣିଷ ଥିଲେ ରତ୍ନାକର ବାବା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୁପ୍ରିମୋ ...

ନପାଇବାରୁ ଓ ତୃତୀୟ ମହଲାର ହସ୍ତକ୍ଷେପ ଯୋଗୁଁ ସୌମ୍ୟବାବୁ କଟାକ୍ଷ କରି ନିଜ ଖବରକାଗଜ ଜରିଆରେ ଜୁଲାଇ ମାସର ଆମଘରର ହାଲଚାଲ-ସମ୍ପାଦକୀୟ ପୃଷ୍ଠାରେ 'ଶ୍ରେଣୀର ପ୍ରଥମ ହେଲାପରେ ବି କପି' ଏକ ଆଲେଖ୍ୟ ଲେଖି ବିଜେଡି ଦଳ ଭିତରେ ହଇଚଇ ସୃଷ୍ଟି କରିଥିଲା। ଏପରିକି ବୈଦ୍ୟୁତିକ ଗଣମାଧ୍ୟମ ଆଗରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଦଳର ୨ଟି ଆଖି ଜରିଆରେ ଚାଲୁଥିବାର କଥା ପରେ ସୌମ୍ୟବାବୁଙ୍କ ଭାଗ୍ୟରେ ପରିବର୍ତ୍ତନର ସ୍ୱର ଲମ୍ବି ଚାଲିଲାଣି। ଆଗାମୀ ଦିନରେ ମନ୍ତ୍ରିମଣ୍ଡଳ ଅଦଳବଦଳ ବେଳକୁ ସୌମ୍ୟବାବୁଙ୍କୁ ମନ୍ତ୍ରିମଣ୍ଡଳରେ ବି ସ୍ଥାନ ନ ମିଳେ ତେବେ ତାଙ୍କର ଭୟଙ୍କର ରୂପ ଦେଖିବାକୁ ମିଳିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଖବରକାଗଜରେ ପ୍ରକାଶ କରି ସୌମ୍ୟବାବୁ ବିଜେଡି ଦଳର ଅନ୍ତର୍ଦ୍ୱନ୍ଦ୍ୱ ପଦାରେ ପକାଉଥିବା ବେଳେ ଦଳ ସୁପ୍ରିମୋଙ୍କ ନିରବତାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ତୃତୀୟ ମହଲାର ଏକ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ମିଳୁଛି ଯେ, ପଞ୍ଚାୟତ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମନ୍ତ୍ରୀ ମଣ୍ଡଳରେ ଅଦଳ ବଦଳ କରି ବଦନାମ ହୋଇଥିବା ମନ୍ତ୍ରୀମାନଙ୍କୁ ପଞ୍ଚାୟତ ନିର୍ବାଚନ ଦାୟିତ୍ୱ ଦେଇ ଏକ ନୂଆ ମନ୍ତ୍ରିମଣ୍ଡଳ ଗଠନ କରି ଅସଜଡା ହୋଇଥିବା ଦଳର ଭାବମୂର୍ତ୍ତିକୁ ଲୋକଲୋଚନକୁ ଆଣିବାର ପ୍ରୟାସ କରିପାରନ୍ତି। ତେଣିକି ସୌମ୍ୟବାବୁଙ୍କ ମନ୍ତ୍ରୀ ହେବା ନିଶା ଖସିବ ନା ପୂର୍ବତନ ସାଂସଦ ତଥା ବିଜେଡି ଦଳର ପ୍ରମୁଖ ଭୂମିକା ଲିଭାଉଥିବା ସ୍ୱର୍ଗତ ପ୍ୟାରୀମୋହନ ମହାପାତ୍ରଙ୍କ ଭଳି ଅବସ୍ଥା ହେବ ସେ ନେଇ ଆଶଙ୍କା ଦେଖାଦେଲାଣି।

### ଧାନ ବିକ୍ରି ପାଇଁ ...

ସମବାୟ ଓ କୃଷି ବିଭାଗ କର୍ମଚାରୀ ମିଳିତ ଭାବେ କ୍ଷେତ୍ର ପରିଦର୍ଶନ କରି ଜମିର ବୈଧତା ଯାଞ୍ଚ କରନ୍ତି। ତିନି ବିଭାଗର ଯାଞ୍ଚ ପରେ ବି କେମିତି ହେଲା ଚଞ୍ଚକତା, ତାକୁ ନେଇ ଉଠିଛି ପ୍ରଶ୍ନ। ସମବାୟ ସମିତି ସମୂହର ଉପନିବନ୍ଧକ କହିଛନ୍ତି ଘଟଣାର ତଦନ୍ତ ସରିବା ପରେ ବିଭାଗକୁ ରିପୋର୍ଟ ଦିଆଯିବ। ଦଲାଲ ଦ୍ୱାରା ଧାନ ବିକ୍ରି କରିବା ପାଇଁ ଏଭଳି ଅଣଧାନ ଓ ବଣ ବୁଦାକୁ ଧାନ ଜମି ଦର୍ଶାଇ ପଞ୍ଜୀକରଣ କରୁଛନ୍ତି। ଏଥିରେ ବିଭାଗୀୟ କର୍ମଚାରୀ ସହାୟତା କରୁଥିବା ସାଂଘାତିକ ଅଭିଯୋଗ ଆଣିଛନ୍ତି ଚାଷୀ। ଅନ୍ୟପଟେ ଏହାଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଘଟଣାର ଉପଯୁକ୍ତ ଯାଞ୍ଚ କରାଯାଉ ବୋଲି ଉଭୟ ବିଜେପି ଓ ବିଜେଡି ବିଧାୟକ କହିବା ସହ ପ୍ରକୃତ ଚାଷୀ ଯେମିତି ଧାନ ବିକ୍ରିରୁ ବଞ୍ଚିତ ନହୁଏ ସେଥିପ୍ରତି ଦୃଷ୍ଟି ଦିଆଯାଉ ବୋଲି କହିଛନ୍ତି। ସମ୍ବଲପୁର ଉପଖଣ୍ଡ ଅଞ୍ଚଳରେ ୯ ହାଜାର ୧୦୦ରୁ ଉର୍ଦ୍ଧ୍ୱ ସଂଦିଗ୍ଧ ପ୍ଲଟ ମଧ୍ୟରୁ ୫୦୦୦ରୁ ଉର୍ଦ୍ଧ୍ୱ ପ୍ଲଟର ଫଟୋ ଯାଞ୍ଚ ସରିଛି। ସମ୍ବଲପୁର ସମେତ ରାଜ୍ୟର ୭ଟି ଜିଲ୍ଲାରେ ଚାଲିଛି ଏହି ସାଟେଲାଇଟ ଇମେଜ ଯାଞ୍ଚ ସର୍ଭେ। ତେବେ ଏଠାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଏତେ ବଡ ଅନିୟମିତତା ହେଲା କିପରି ? କାରଣ ଧାନ ବିକ୍ରି କରିବାର ପ୍ରକ୍ରିୟା ସ୍ୱରୂପ ପ୍ରତିବର୍ଷ ଧାନ ଚାଷ ସମୟରେ ଚାଷୀ ନିଜର ପରିଚୟପତ୍ର ଓ ଜମି ପଟ୍ଟା ସହ ସେବା ସମବାୟ ସମିତିରେ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରେ। ପରେ ରାଜସ୍ୱ ବିଭାଗ ପକ୍ଷରୁ ଆରଆଇ କୃଷି ବିଭାଗ ପକ୍ଷରୁ ଗ୍ରାମ ସେବକ ବା ଭିଏଲଡବ୍ଲ୍ୟୁ ଓ ସମବାୟ ବିଭାଗରର କର୍ମଚାରୀ ମିଳିତ ଭାବେ କ୍ଷେତ୍ର ପରିଦର୍ଶନ କରି ଚାଷ ଜମିର ବୈଧତା ଯାଞ୍ଚ କରିଥାନ୍ତି। ଏବେ ଯେଉଁ ସମବାୟ ବିଭାଗ ସାଟେଲାଇଟ ଜରିଆରେ ଫଟୋ ଯାଞ୍ଚ କରୁଛି।

### ଭାରତ ପାଇଁ ...

ପ୍ରଶାସନ ପାକିସ୍ତାନ ଉପରୁ ଫୋକସ୍ ହଟାଇ ଏବେ ଚୀନ୍ ଉପରେ କେନ୍ଦ୍ରୀଭୂତ କରିଛନ୍ତି। ଚୀନ୍‌ର ପ୍ରତ୍ୟେକଟି ଚାଲ୍ ଏବଂ ଷଡ଼ଯନ୍ତ୍ରକୁ ବୁଝି ସେହି ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯାଉଛି। ଭାରତ-ଚୀନ୍ ମଧ୍ୟରେ ଦୀର୍ଘ ୩୪୮୮ କିମି ପରିବ୍ୟାପ୍ତ ସୀମା ରହିଥିବା ବେଳେ ପୂର୍ବ ଲଦାଖ୍ ଏବଂ ଅରୁଣାଚଳ ସୀମାରେ ଉତ୍ତେଜନା ଅଧିକ ରହିଛି। ଗତବର୍ଷ ଜୁନ୍ ?ରେ ଗଲୱାନରେ ହୋଇଥିବା ବଡ଼ ଧରଣର ସଂଘର୍ଷରେ ୨୦ ଭାରତୀୟ ଯବାନ ସହିଦ ହୋଇଯାଇଥିଲେ। ଏଥିରେ ଚୀନ୍ ?ର ମଧ୍ୟ ୪୦ରୁ ଅଧିକ ସେ ?ନିକ ନିହତ ହୋଇଥିଲେ।

### ଭାରତର ଶିକ୍ଷା ବ୍ୟବସ୍ଥାକୁ ...

ଏହା ଦ୍ୱାରା ଦେଶର ଶିକ୍ଷା ବ୍ୟବସ୍ଥା ନୂତନ ଶିଖରରେ ପହଁଚିପାରିବ। ଏହି ଅବସରରେ ଶ୍ରୀ ପ୍ରଧାନ ଭାରତକୁ ଜ୍ଞାନର ପେଢଂରସ୍ଥଳି କରିବା ପାଇଁ ଥିବା ବୌଦ୍ଧିକ କ୍ଷମତା ଏବଂ କୋଭିଡର ପରବର୍ତୀ ସମୟରେ ଭାରତର ସାମଗ୍ରିକ ଦୃଶ୍ୟପଟ୍ଟକୁ ପରିବର୍ତନ କରିବା ପାଇଁ ଥିବା ଶିକ୍ଷା କ୍ଷେତ୍ରର ଭୂମିକା ଉପରେ ଅଭିଭାଷଣ ପ୍ରଦାନ କରିଛନ୍ତି। ବହୁ ପୁରାତନ କାଳରୁ ଭାରତ 'ବସୁଧୈବ କୁଟୁମ୍ବକମ'ରେ ବିଶ୍ୱାସ କରି ଆସୁଛି। ବିଶ୍ୱର ନାଗରିକ ମାନଙ୍କୁ ପ୍ରସ୍ତୁତ କରିବା ଏବଂ ବୈଶ୍ୱିକ ଚ୍ୟାଲେଞ୍ଜ ଓ ଲକ୍ଷ୍ୟକୁ ହାସଲ କରିବା ପାଇଁ ମିଳିତ ଭାବରେ ଆଲୋଚନା ମାଧ୍ୟମରେ କାର୍ଯ୍ୟ କରିବା ଜରୁରୀ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି କନକ୍ଲେଭକୁ ୧୨୦ରୁ ଅଧିକ ଦେଶ ପ୍ରତିନିଧିତ୍ୱ କରୁଥିବା ଜାଣି ଶ୍ରୀ ପ୍ରଧାନ ଖୁସିବ୍ୟକ୍ତ କରିଛନ୍ତି।

### ଖଣି ଲିଜ୍ ବିସ୍ତାର ...

(ଏସପିସିବି) ଦ୍ୱାରା କାନକରମ୍ବା ଗ୍ରାମରେ ଜନ ଶୁଣାଣି ସମୟରେ ଗ୍ରାମବାସୀ ଜିଲ୍ଲା ପ୍ରଶାସନ ଏବଂ ହିଣ୍ଡାଲକୋ ଅଧିକାରୀଙ୍କ ବିରୋଧରେ ମୁହାଁମୁହିଁ ହୋଇଥିଲେ। ଶତାଧିକ ଗ୍ରାମବାସୀଙ୍କ କଡ଼ା ବିରୋଧ ଯୋଗୁଁ ଏହି ଶୁଣାଣି ହୋଇପାରି ନଥିଲା। ସେମିଲିଗୁଡା ଥାନାର ସହକାରୀ ସବ୍-ଇନ୍ସପେକ୍ଟରଙ୍କ ଦ୍ୱାରା ଦାଖଲ ହୋଇଥିବା ପ୍ରଥମ ସୂଚନା ଆଧାରରେ ପୋଲିସ ଅତି କମରେ ୨୮ ଆଦିବାସୀ ଯୁବକଙ୍କୁ ଗିରଫ କରିଥିଲା। ସେମାନଙ୍କ ନାମରେ ଦଙ୍ଗା, ମାରାତ୍ମକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ, ସରକାରୀ କର୍ମଚାରୀଙ୍କୁ ଆଘାତ ଦେବା, ବିପଜ୍ଜନକ ଅସ୍ତ୍ର ଦ୍ୱାରା ଗୁରୁତର ଆଘାତ, ହତ୍ୟା ଉଦ୍ୟମ, ଅପରାଧିକ ଭୟଭୀତତା ଏବଂ ଅନ୍ୟାନ୍ୟ ଅପରାଧ ଭଳି ଦଫା ଲଗାଯାଇଛି। ସେମିଲିଗୁଡା ଥାନା ଇନ୍ସପେକ୍ଟର ଖୀରଶ୍ୱର ସାହୁ କହିଛନ୍ତି ଯେ ସେପ୍ଟେମ୍ବର ୨୨ ଜନ ଶୁଣାଣିରେ ବାଧା ସୃଷ୍ଟି କରିବା ପାଇଁ ଅନେକ ଗ୍ରାମବାସୀ ହିଂସାତ୍ମକ କାର୍ଯ୍ୟକଳାପରେ ଲିପ୍ତ ଥିଲେ। ପାକଜୋଲା ଏବଂ ନିକଟସ୍ଥ ରାଜନାଗୁଡା ଏବଂ ଆଲିଗାଓଁ ଗାଁର ବାସିନ୍ଦା ପୋଲିସର ଦାବିକୁ ଖଣ୍ଡନ କରିଛନ୍ତି। ଯେତେବେଳେ କେତେକ ସାମାଜିକ ବିରୋଧୀ ଉପାଦାନ ଗ୍ରାମବାସୀଙ୍କ ସ୍ଥାନକୁ ପ୍ରବେଶ କରିବାରେ ବାଧ ହୋଇଥିଲେ ସେତେବେଳେ ସେମାନେ ପୋଲିସକୁ ନିରବ ଦର୍ଶକ ବୋଲି ଅଭିଯୋଗ କରିଥିଲେ। ସେମାନେ ଅଭିଯୋଗ କରିଛନ୍ତି ଯେ, ସମାନ ଗୋଷ୍ଠୀ ଜନ ଶୁଣାଣିକୁ ହାଇଜାକ୍ କରିବାକୁ ଚାହୁଁଛନ୍ତି, କେନ୍ଦ୍ର ଜଙ୍ଗଲ ଏବଂ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶ ମଞ୍ଜୁର ପାଇଁ ଏକପାଖିଆ ରିପୋର୍ଟ ପ୍ରସ୍ତୁତ କରିବାକୁ ଚାହୁଁଛନ୍ତି। କମ୍ପାନୀର ନିର୍ଦ୍ଦେଶରେ ଗ୍ରାମବାସୀଙ୍କ ବିରୋଧରେ ଅପରାଧିକ ମାମଲା ଦାୟର କରାଯାଇଛି। ୫୦ ବର୍ଷର ବଳଭଦ୍ର ନାୟକ କହିଛନ୍ତି ଯେ, ପାକଜୋଲା ଗ୍ରାମ ପଞ୍ଚାୟତର ଛଅ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଜାମିନ ପାଇଁ ଆମେ ଭିଡ଼-ଅର୍ଥ ପ୍ରଦାନ କରୁଛୁ। ଆମେ ଗରିବ ହୋଇପାରିବୁ କିନ୍ତୁ ହଇରାଣ ଓ ଚାପକୁ ପ୍ରଣାମ କରିବୁ ନାହିଁ ବୋଲି କହିଛନ୍ତି ବଳଭଦ୍ର। ମାଳି ପାହାଡରେ ଖଣି ଖନନ ପାଇଁ ଆଦିବାସୀଙ୍କ ବିରୋଧ ୨୦୦୩ ମସିହାରୁ ଆରମ୍ଭ ହୋଇଥିଲା ଯେତେବେଳେ ପରିବେଶ ମଞ୍ଜୁର ପାଇଁ ଓଡିଶା ଏସପିସିବି ଦ୍ୱାରା ଏକ ଜନ ଶୁଣାଣି ଆୟୋଜିତ ହୋଇଥିଲା। ଗ୍ରାମବାସୀ କହିଛନ୍ତି ଯେ, ଶୁଣାଣିରେ ଉପସ୍ଥିତ ଥିବା ଅଧିକାଂଶ ଲୋକ ଖଣି ଖନନକୁ ବିରୋଧ କରିଥିଲେ କିନ୍ତୁ ଏମ୍ଓଇଏଫ୍ ଓ ସିସିକୁ ଅନ୍ତିମ ରିପୋର୍ଟରେ ସେମାନଙ୍କ ବିରୋଧକୁ ଅଣଦେଖା କରାଯାଇଥିଲା। ୨୦୦୬ ରେ ହିଣ୍ଡାଲକୋ ଖଣି ପାଇଁ ପରିବେଶ ମଞ୍ଜୁରୀ ପାଇଲା, ଯାହା ସାତ ବର୍ଷ ପରେ ନବୀକରଣ ହେବ। ପରବର୍ତ୍ତୀ ବର୍ଷ ଓଡିଶା ସରକାର ଏହି କମ୍ପାନୀକୁ ୨୦ ବର୍ଷ ଖଣି ଲିଜ୍ ପ୍ରଦାନ କରିଥିଲେ। କମ୍ପାନୀକୁ ପ୍ରତିବର୍ଷ ପାହାଡରୁ ୦.୬ ନିୟୁତ ଟନ୍ ବକ୍ସାଇଟ୍ ବାହାର କରିବାକୁ ଅନୁମତି ଦିଆଯାଇଥିଲା। ମାଳି ପାହାଡରେ ସମୁଦାୟ ୧୪ ନିୟୁତ ଟନ୍ ବକ୍ସାଇଟ୍ ଗଚ୍ଛିତ ଅଛି ବୋଲି ଆକଳନ କରାଯାଇଛି। ତେବେ ସ୍ଥାନୀୟ ଗ୍ରାମବାସୀ ମାଳି ପାହାଡ ସୁରକ୍ଷା ସମିତିର ବ୍ୟାନରରେ ଖଣି ଖନନ ପାଇଁ ପ୍ରତିରୋଧ ଜାରି ରଖିଥିଲେ, ଯାହା ପାହାଡ ଖଣି କରିବା କଷ୍ଟକର ହୋଇପଡିଥିଲା। କମ୍ପାନୀର ପରିବେଶ ମଞ୍ଜୁରୀ ୨୦୧୧ରେ ଶେଷ ହୋଇଥିଲା, ଯାହାକି ୨୦୨୦ ପର୍ଯ୍ୟନ୍ତ ନବୀକରଣ ହୋଇନାହିଁ। ଏପ୍ରିଲ ୨୦୨୧ ରେ ଏମ୍ଓଇଏଫ୍ ଓ ସିସିର ବିଶେଷଜ୍ଞ ମୂଲ୍ୟାଙ୍କନ କମିଟି ଏହାର ପରିବେଶ ପ୍ରଭାବ ମୂଲ୍ୟାଙ୍କନ (ଇଆଇଏ) ରିପୋର୍ଟକୁ ବିଚାର କଲା ଏବଂ ପରିବେଶ ମଞ୍ଜୁରୀ ପାଇଁ ସର୍ବସାଧାରଣ ଶୁଣାଣି ପାଇଁ ଅନୁମତି ଦେଲା। ତଦନୁସାରେ, ଏସପିସିବି ସେପ୍ଟେମ୍ବର ୨୨ରେ ଜନ ଶୁଣାଣି ଆୟୋଜନ କରିଥିଲେ ବି ଏହା ବିରୋଧ ଦ୍ୱାରା ବ୍ୟାହତ ହୋଇଥିଲା। ଏହାକୁ ଆଗାମୀ ନଭେମ୍ବର ୨୨କୁ ପୁନଃ ଧାର୍ଯ୍ୟ କରାଯାଇଛି। ଓଡିଶା ଏସପିସିବି ସଦସ୍ୟ-ସଚିବ କେ ମୁରୁଗସେନ୍ ଡାଉନ୍ ଟୁ ଆର୍ଥଙ୍କୁ କହିଛନ୍ତି: ବୋର୍ଡର କାର୍ଯ୍ୟ କେବଳ ଜନ ଶୁଣାଣି ଆୟୋଜନ କରିବା ଏବଂ ଜିଲ୍ଲାପାଳ କିମ୍ବା ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ (ଏଡିଏମ୍) ପରି ଜିଲ୍ଲା ଅଧିକାରୀଙ୍କ ଉପରେ ଦାୟିତ୍ୱ ଥିଲା। ଏଡିଏମ୍ ରିପୋର୍ଟ ଦାଖଲ କରିବା ପରେ ଆମେ ଏହାକୁ ଭାରତ ସରକାରଙ୍କ ନିକଟକୁ ପଠାଇବୁ। ଏହା ଉପରେ ନିଜର ପ୍ରତିକ୍ରିୟା ରଖିଛନ୍ତି ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା। ସେ ଦାବି କରିଛନ୍ତି ଲୋକଙ୍କ କଥା ଶୁଣିବା, ସେମାନଙ୍କ ଅଭିଯୋଗ ରେକର୍ଡ କରିବା ଏବଂ ଏହାର ରିପୋର୍ଟ ପ୍ରସ୍ତୁତ କରିବା ଏବଂ ମନ୍ତ୍ରଣାଳୟକୁ ଦାଖଲ କରିବା ଏସପିସିବିର ଏକମାତ୍ର ଦାୟିତ୍ୱ। ସେ କହିଛନ୍ତି ଜନ ଶୁଣାଣି ଆୟୋଜନ ତଥା ଆଇନ ଶୃଙ୍ଖଳା ରକ୍ଷା କରିବାରେ ଏସପିସିବିଙ୍କୁ ସହାୟତା କରିବାରେ ଜିଲ୍ଲା ପ୍ରଶାସନର କାର୍ଯ୍ୟ ସୀମିତ ରହିଛି। କାଙ୍କାରମ୍ବା ଠାରେ ଜନ ଶୁଣାଣି ବ୍ୟାହତ ହେବା ପରେ ସାମନ୍ତରାୟ ଏସପିସିବିକୁ ଏକ ଆପତ୍ତି ଆବେଦନ ପଠାଇଛନ୍ତି। ହିଣ୍ଡାଲକୋର ଇଆଇଏ ରିପୋର୍ଟରେ ଜଳ ସମ୍ପଦ, ଜଙ୍ଗଲ ଆବରଣ, କୃଷି କାର୍ଯ୍ୟକଳାପ ଏବଂ ବାୟୁ, ଜଳ ଏବଂ ମାଟି ଉପରେ ବକ୍ସାଇଟ ଖଣିର ପ୍ରଭାବ ଉପରେ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ। ବାସ୍ତବରେ, ମାଳି ପାହାଡରୁ ଉତ୍ପନ୍ନ ୭୫% ସ୍ରୋତ ଚିରାଚରିତ ଏବଂ ଉପର କୋଲାବ ଡ୍ୟାମର ଜଳଭଣ୍ଡାର ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ପରିବେଶ ମଞ୍ଜୁରୀ ପାଇଁ ପରବର୍ତ୍ତୀ ଜନ ଶୁଣାଣି ପାଇଁ ରାସ୍ତାଟି ଅଡୁଆ ହୋଇପାରେ। ଚଳିତ ବର୍ଷ ହିଣ୍ଡାଲକୋର ଖଣି ଲିଜକୁ ୨୦ ବର୍ଷରୁ ୫୦ ବର୍ଷକୁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର।

### ଆଉ ୮ ଦୁର୍ନୀତିଗ୍ରସ୍ତ ...

ଯାଉଥିବାର ଖବର ପାଇ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ତାଙ୍କୁ ହଠାତ୍ ଯାଞ୍ଚ କରାଯାଇଥିଲା ଏବଂ ତାଙ୍କ ନିକଟରୁ ୧୦ ଲକ୍ଷ ଟଙ୍କା ଜବତ କରିଥିଲା। ଏହାପରେ ତାଙ୍କ ସମ୍ପତ୍ତି ଉପରେ ଚଢଉ କରାଗଲା ବେଳେ ଅନେକ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଥିଲା। କଳାହାଣ୍ଡି ଲାଞ୍ଜିଗଡ ବ୍ଲକ୍ର ବିଶ୍ୱନାଥପୁରଠାରେ ସମନ୍ୱିତ ଶିଶୁ ବିକାଶ ଯୋଜନାର ସିଡିପିଓ ମୀନା ପାତ୍ର ୨୦୨୧ ଅକ୍ଟୋବର ୪ ତାରିଖରେ ଦୁଇଟି ସ୍ୱୟଂ ସହାୟତା ଗୋଷ୍ଠୀ ଠାରୁ ଛତୁଆ ଯୋଗାଣ ପାଇଁ ୮୦ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ, ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଚଢଉ କରି ତାଙ୍କୁ ଧରା ଯାଇଥିଲା। ଭବାନୀପାଟଣାରେ ତାଙ୍କର ଦୁଇଟି କୋଠାଘର ଓ ୬ଟି ପ୍ଲଟ୍ ରହିଛି। ତାଙ୍କର ସମୁଦାୟ ସମ୍ପତ୍ତିର ମୂଲ୍ୟ ପ୍ରାୟ ୧ କୋଟି ୮୦ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ସେହିପରି କଳାହାଣ୍ଡି ଥୁଆମୂଳ ରାମପୁର ବ୍ଲକ୍‌ର ସମନ୍ୱିତ ଶିଶୁ ବିକାଶ ଯୋଜନାର ସିଡିପିଓ ପୁଷ୍ପାଞ୍ଜଳୀ ରଥ ୨୦୨୧ ଅକ୍ଟୋବର ୨୫ ତାରିଖରେ ଗୋଟିଏ କର୍ମୀ ନିଯୁକ୍ତି ପାଇଁ ୧ ଲକ୍ଷ ଟଙ୍କା ଦାବି କରି ଲାଞ୍ଚ ଗ୍ରହଣ କରୁଥିବା ବେଳେ, ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ତାଙ୍କୁ ଧରା ଯାଇଥିଲା। ତଲାସୀ ସମୟରେ ତାଙ୍କ ନିକଟରେ ବହୁ ପରିମାଣର ସମ୍ପତ୍ତି ଠାବ କରାଯାଇଥିଲା। ସେଥିମଧ୍ୟରୁ ବଲାଙ୍ଗୀରରେ ଗୋଟିଏ ଦ୍ୱିତଳ ପ୍ରାସାଦ, ଗୋଟିଏ ଟାଟା ନେକ୍ସନ କାର, ୩ଟି ପ୍ଲଟ୍ ଏବଂ ତାସହିତ ନିଜର ଓ ପରିବାରର ସଦସ୍ୟଙ୍କ ନାମରେ ଅନେକ ପୁଞ୍ଜି ବିନିଯୋଗ କରାଯାଇଛି। ଓଡିଶା ଅବକାରୀ ସେବା ଅଧିନରେ କାମ କରୁଥିବା ଦେବଗଡର ପୂର୍ବତନ ଡେପୁଟି ଅବକାରୀ ସୁପରିଟେଣ୍ଡେଣ୍ଟ ଅଜିତ କୁମାର ମହାପାତ୍ର ୨୦୨୧ ସେପ୍ଟେମ୍ବର ୨୯ ତାରିଖ ଦିନ ଦେଢ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଧରା ଯାଇଥିଲା। ତଲାସୀ ସମୟରେ ବର୍ତ୍ତମାନ ସୁଦ୍ଧା ତାଙ୍କ ନିକଟରୁ ଧରା ଯାଇଥିବା ସଂପତି ଗୁଡିକ ହେଉଛି (୧) ବ୍ରହ୍ମପୁର ସହରରେ ୬୦ ଲକ୍ଷ ଟଙ୍କା ବିଶିଷ୍ଟ ଏକ ମହଲା ବିଶିଷ୍ଟ କୋଠାଘର, (୨) ବ୍ରହ୍ମପୁର ତହସିଲରେ ତାଙ୍କ ପତ୍ନୀଙ୍କ ନାମରେ ଦୁଇଟି ପ୍ଲଟ ଓ ଅନେକ ସୁନା ଅଳଙ୍କାର। ଭଦ୍ରକ ଜିଲ୍ଲା ତିହିଡି ବ୍ଲକ୍ରେ କ୍ୟାସିଅର ଭାବରେ କାମ କରୁଥିବା ପ୍ରଭାକର ପ୍ରଧାନ ବିଭିନ୍ନ ହିତାଧିକାରୀଙ୍କ ଠାରୁ ୨୦ ଲକ୍ଷ ଟଙ୍କା ଲାଞ୍ଚ ନେଇଥିଲେ। ସେ ସରକାରୀ ଅର୍ଥକୁ ତାଙ୍କ ପତ୍ନୀ ଓ ବନ୍ଧୁବାନ୍ଧବଙ୍କ ଆକାଉଣ୍ଟରେ ଜମା କରିଦେଇଥିଲେ। ତାଙ୍କ ନାମରେ ଦୁଇଟି ଅଭିଯୋଗ ରହିଛି। ତାଙ୍କ ଗିରଫ କରାଯାଇ ବିଚାର ବିଭାଗୀୟ ହାଜତରେ ରଖାଯାଇଛି। ଉପରୋକ୍ତ ୮ ଜଣ ଅଧିକାରୀଙ୍କ ସମେତ ଏପର୍ଯ୍ୟନ୍ତ ୧୩୦ ଜଣଙ୍କୁ ଦୁର୍ନୀତି ଓ ଅପାରଗତା ଅଭିଯୋଗରେ ରାଜ୍ୟ ସରକାର ବାଧ୍ୟତାମୂଳକ ଅବସର ଦେଇଛନ୍ତି।

# ବିଡିଓ ଜିତେନ୍ଦ୍ର କୁମାର ନାୟକଙ୍କ ଇଙ୍ଗିତରେ ଚାଲିଛି ପିସି

ଜଗତସିଂହପୁର : ରଘୁନାଥପୁର ବ୍ଲକ ବିଡିଓ ଜିତେନ୍ଦ୍ର କୁମାର ନାୟକଙ୍କ ଇଙ୍ଗିତ ବଳରେ ୧୯ଗୋଟି ଗ୍ରା.ପ.ରେ ସମସ୍ତ ପ୍ରକାର ଦୁର୍ନୀତିର ଚେର ଲମ୍ବିଲମ୍ବି ଗଲାଣି। ଏହି ବ୍ଲକର ଯେ କୌଣସି କାର୍ଯ୍ୟପାଇଁ ବି ଗଲେ ବିନା ପିସିରେ କାର୍ଯ୍ୟ ହେଉନାହିଁ। ଏପରିକି ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପୋଖରୀ ଖନନ, ଶୌଚାଳୟ ନିର୍ମାଣ ହେଉ ବା ରାସ୍ତାଘାଟ ନିର୍ମାଣ କରିବାରେ ବିଡିଓ ଶ୍ରୀ ନାୟକ ସ୍ଥାନୀୟ କିଛି ନେତାମାନଙ୍କୁ ହାତ କରି ଏକପ୍ରକାର ଅରାଜକତା ବ୍ଲକ ମଧ୍ୟରେ କରୁଥିବାର ଦେଖିବାକୁ ମିଳୁଛି। ପ୍ରାୟତଃ ସବୁଦିନ ବ୍ଲକ ମଧ୍ୟକୁ ନଆସି ଜଗତସିଂହପୁର ଠାରେ ରହୁଥିବା ଭଡାଘରକୁ ଫାଇଲସବୁ ରାତିଅଧିଆ ଯାଇ ସେଠାରେ ସମସ୍ତ ପ୍ରକାର କରାଯାଉଛି। ଏପରିକି ପ୍ରତି ପଂଚାୟତ ମାନଙ୍କରେ କଲ୍ୟାଣ ମଣ୍ଡପ ନିର୍ମାଣ, ଅଙ୍ଗନଓ୍ୱାଡି ଗୃହନିର୍ମାଣ, କେନାଲ ବନ୍ଧ ଓ ମହିଳା ସ୍ୱଂୟ ସହାୟିକା ଗୃହ ନିର୍ମାଣ କରିବା ଠାରୁ ଆରମ୍ଭ କରି ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ୧୪% ପିସି ଆଦାୟ ସିଧାସଳଖ କରାନଯାଇ ଠିକାଦାର ମାନଙ୍କ ଜରିଆରେ କରାଯାଉଛି। କିଛି ବର୍ଷ ସେ ଏହି ବ୍ଲକରେ ରହି ନିଜର କାୟାବିସ୍ତାର କରିଚାଲିଛନ୍ତି। ଏପରିକି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକଭାବେ ଦୁର୍ନୀତି କରାଯାଇ ପ୍ରକୃତ ହିତାଧିକାରୀମାନେ ପାଇପାରି ନଥିବା ବେଳେ ଯେଉଁ ମାନଙ୍କର କୋଠାଘର ଅଛି ବା ବାପା ପାଇଥିଲେ ମଧ୍ୟ ପୁଅନାମରେ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି। ଜନସାଧାରଣ ବ୍ଲକ ମଧ୍ୟକୁ ସେମାନଙ୍କର କାମପାଇଁ ଗଲେ ବିଡିଓଙ୍କୁ ଦେଖିବାକୁ ମିଳେ ନାହିଁ କି କାର୍ଯ୍ୟାଳୟର ଅନ୍ୟ କୌଣସି କର୍ମଚାରୀଙ୍କୁ ପଚାରିଲେ ଛୁଟିରେ ଅଛନ୍ତି କହିବା ଦ୍ୱାରା ଲୋକମାନଙ୍କୁ ହଇରାଣ ଶିକାର ହେବାକୁ ପଡୁଛି। ବିଡିଓ ଶ୍ରୀ ନାୟକଙ୍କ ଏପରି ଅଜବନୀତି ଓ ପିସି ଆଦାୟ କରୁଥିବା ଘଟଣାକୁ ନେଇ ସାଧାରଣରେ ଘୋର ଅସନ୍ତୋଷ ପ୍ରକାଶ ପାଉଛି। ରଘୁନାଥପୁର ବ୍ଲକଟି ବିଡିଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଓ କିଛି କର୍ମଚାରୀମାନଙ୍କ ସହଯୋଗରେ ଚାଲିଛି। ଏପରିକି ରଘୁନାଥପୁର ବ୍ଲକରେ ଦୁର୍ନୀତିର ଚେର ଲମ୍ବିଲମ୍ବି ଚାଲିଥିବାରୁ କୌଣସି ଲୋକ ସୂଚନା ଅଧିକାର ଆଇନ ବଳରେ ସୂଚନା ମାଗିଲେ ବି ତଥ୍ୟ ପ୍ରଦାନ କରାଯାଉନାହିଁ। ବିଡିଓ ଶ୍ରୀ ନାୟକ ସମସ୍ତ ପଂଚାୟତ ନିର୍ବାହୀ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ବିନା ପିସିରେ କୌଣସି ପ୍ରକାର କାର୍ଯ୍ୟ କରିବେ ନାହିଁ। କାରଣ ମୋତେ ଉପରିସ୍ଥ ଅଧିକାରୀମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ବି ଦେବାକୁ ପଡୁଛି। ବହୁ ଅଭିଯୋଗ ପାଇବାପରେ ଦୁର୍ନୀତି ନିବାରଣ ବିଭାଗର କିଛି କର୍ମଚାରୀ ସେ ସମ୍ପର୍କରେ ତଦନ୍ତ କରୁଥିଲେ ବି ଗୁମର ଫିଟାଉ ନାହାଁନ୍ତି। ଆଗାମୀ ଦିନରେ ଆୟ ବର୍ହିଭୂକ୍ତ ସମ୍ପତି ଠୁଳ ଅଭିଯୋଗରେ ବି ଛନ୍ଦି ଦିଆଯିବାର ଆଶଙ୍କା ସୃଷ୍ଟି ହେଲାଣି। ଆଗାମୀ ପଂଚାୟତ ନିର୍ବାଚନ ପୂର୍ବରୁ ଯଦି ଏପରି ଦୁର୍ନୀତି ଗ୍ରସ୍ତ ଅଧିକାରୀଙ୍କୁ ଏଠାରୁ ବଦଳି କରାନଯାଏ ତେବେ ପଂଚାୟତ ନିର୍ବାଚନରେ ବି ରାହାଜାନି ଚାଲିବ। ନୂତନ ଜିଲ୍ଲାପାଳ ଏହି ଉପରେ ଗୁରୁତ୍ୱ ଦେଇ ଅଫିସ କାର୍ଯ୍ୟାଳୟରେ ସେ କେତେ ସମୟ ରହି କି କାର୍ଯ୍ୟ ସବୁ କରୁଛନ୍ତି ତାର ଏକ ତଦନ୍ତ କରି ପିସି ଆଦାୟ କରିବାରେ ରୋକ ଲଗାଇବାକୁ ସାଧାରଣଦାବି ହେଉଛି।

# ଇଣ୍ଟରନ୍ୟାସନାଲ୍ ବୁକ୍ ଅଫ୍ ରେକର୍ଡ଼ସ୍‌ରେ ସ୍ଥାନ ପାଇଲେ ଅଙ୍କିତା




ଭୁବନେଶ୍ୱର : ରଙ୍ଗ ଦେଖିଲେ ଆନମନା ହୋଇ ଉଠେ ମନ, ହାତରେ ତୂଳୀ ଧରିଲେ ଚଳଚଞ୍ଚଳ ହୋଇଉଠେ ମନର ଆବେଗ ---ରଙ୍ଗ ଓ ତୂଳୀର ଖେଳ ମଧ୍ୟରେ ସମୟକ୍ରମେ ପଟ୍ଟଚିତ୍ର ମୋହରେ ପଡନ୍ତି ଅଙ୍କିତା। ମନ ର ଉତ୍ସାହ, ପରିଶ୍ରମର ଫଳ ,ଗୁରୁଙ୍କ ମାର୍ଗଦର୍ଶନ, ପିତାମାତାଙ୍କ ପ୍ରେରଣା ଗୁରୁଜନ ତଥା ଜଗତର ନାଥ ଜଗନ୍ନାଥଙ୍କ ଆଶୀର୍ବାଦ ହିଁ ସଫଳତାର ମୂଳମନ୍ତ୍ର ବୋଲି ପ୍ରତିପାଦିତ କରିପାରିଛନ୍ତି ଡିଏଭି ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟ (ୟୁନିଟ ୮,ଭୁବନେଶ୍ୱର )ର ବି. କମ୍ ବିଭାଗର ଛାତ୍ରୀ ଅଙ୍କିତା ଓଝା। ମାତ୍ର ୨୦ ସେମି ଦୈର୍ଘ୍ୟ ଓ ୮ସେମି ପ୍ରସ୍ଥ ବିଶିଷ୍ଟ ଏକ ଗ୍ଲାସ ଉପରେ ଶ୍ରୀ ରାମ ଅଭିଷେକ ଚିତ୍ର ସମ୍ପୁର୍ଣ୍ଣ ପାରମ୍ପରିକ ପଟ୍ଟଚିତ୍ର ଶୈଳୀରେ ଅଙ୍କନ କରି ଇଣ୍ଟରନ୍ୟାସନାଲ ବୁକ୍ ଅଫ୍ ରେକର୍ଡ଼ସ୍ ପକ୍ଷରୁ ବିଶ୍ୱ ରେକର୍ଡସ୍ ହୋଲ୍ଡର ସାର୍ଟିଫିକେଟ୍ ହାସଲ କରିବାସହ ନିଜ ବିଦ୍ୟାଳୟ, ଆମ ରାଜ୍ୟ ଓଡ଼ିଶା ତଥା ଭାରତର ସୁନାମ ବିଶ୍ୱ ଦରବାରରେ ପରିଚିତ କରିପାରିଛନ୍ତି। ପ୍ରକାଶ ଥାଉକି କାକଟପୁର ନିକଟସ୍ଥ ଯୋଗେଶ୍ୱରପୁର ଗ୍ରାମ ନିବାସୀ ୪ ପ୍ରଫୁଲ କୁମାର ଓଝା ଓ ପ୍ରଭାତି ମହାପାତ୍ର ଙ୍କ ଏକ ମାତ୍ର କନ୍ୟା ୧୦ ବର୍ଷ ବୟସରେ ଭୁବନେଶ୍ୱରସ୍ଥ ବିଜେବି ନଗରସ୍ଥିତ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢୁଥିବା ସମୟରୁ ପିତା ଓ ମାତା ଙ୍କ ପ୍ରେରଣାରେ ଆର୍ନ୍ତଜାତୀୟ ପାରମ୍ପରିକ ପଟ୍ଟଚିତ୍ର ଶିଳ୍ପୀ ତଥା ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ- ୨ ,ସତ୍ୟଭାମାପୁର ର କଳାଶିକ୍ଷକ ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ମହାରଣାଙ୍କ ମାର୍ଗଦର୍ଶନରେ ବିଭିନ୍ନ ପ୍ରକାରର କଳାତ୍ମକ ତଥା ବିଷୟ ଭିତ୍ତିକ ଚିତ୍ରକଳା ଅଙ୍କନ ପାଠ ପଢା ସହ ଜାରି ରଖିଛନ୍ତି। ନିଜ ରଙ୍ଗ ଓ ତୂଳୀର ଯାଦୁକରୀ ସ୍ପର୍ଶରେ ସୃଷ୍ଟ କଳାତ୍ମକ ପ୍ରତିଭାର ସ୍ୱିକୃତି ସ୍ୱରୂପ ଅଦ୍ୟାବଧି ଅନେକ ବିଦ୍ୟାଳୟ,ରାଜ୍ୟ ତଥା ଜାତୀୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ପାଠ ପଢା ସହ ଚିତ୍ରକଳାରେ ଅଭିରୁଚି ରଖିଥିବା ଅଙ୍କିତା ୨ୟ ଧଉଳି ଅର୍ନ୍ତଜାତୀୟ ଚିତ୍ରକଳା ପ୍ରଦର୍ଶନୀ, ବିଶ୍ୱ କଳାଦିବସ,ପଣ୍ଡିତ ଦୀନଦୟାଲ ଜନ୍ମୋତ୍ସବ ପରି ବହୁ କଳା ପ୍ରଦର୍ଶନୀରେ ଯୋଗଦାନ ପୂର୍ବକ ନିଜ କଳାତ୍ମକ ଭାବଧାରାକୁ ବିଶ୍ୱ ଦରବାରରେ ପରିଚିତ କରାଇବାର ପ୍ରଚେଷ୍ଟା ଜାରି ରଖିଛନ୍ତି। ଓଡ଼ିଶାର ଚିତ୍ର ଭାବାବେଗକୁ ଲୋକଲୋଚନକୁ ଆଣିବାର ପ୍ରୟାସ ଅତୁଟ ରହୁଏହା ହିଁ ଭଗବାନଙ୍କ ପାଖରେ ବିନମ୍ର ପ୍ରାର୍ଥନା।

# ନବରଙ୍ଗପୁର ମହାବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସ ପାଳିତ



ନବରଙ୍ଗପୁର : ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଆବୁଲ କଲାମ ଆଜାଦଙ୍କ ଜନ୍ମଦିନ ପାଳନ ଅବସରରେ ନବରଙ୍ଗପୁର ମହାବିଦ୍ୟାଳୟରେ 'ଜାତୀୟ ଶିକ୍ଷା ଦିବସ' ପାଳିତ ହୋଇଯାଇଛି। ଏହି ଭବ୍ୟ ଉତ୍ସବରେ ସଭାପତିତ୍ୱ କରି ଅଧକ୍ଷ ଡ଼ଃ. ବିନୋଦ ଚନ୍ଦ୍ର ନାୟକ ଶିକ୍ଷା ଓ ଶିକ୍ଷାର୍ଥୀଙ୍କ ସମ୍ପର୍କ ଉପରେ ଆଲୋକପାତ କରିବା ସହ ଆଗାମୀ ଦିନରେ ବଡ ଲୋକ ସହ ଭଲ ଲୋକ ସୃଷ୍ଟି ପାଇଁ ପରାମର୍ଶ ଦେଇଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡି ଆର ଡ଼ି ଏ ର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ରତ୍ନାକର ସାହୁ ଯୋଗଦେଇ ଗୁଣାତ୍ମକ ଶିକ୍ଷା ତଥା ଭିତ୍ତିଭୂମିର ବିକାଶରେ ସରକାରଙ୍କ ନିରନ୍ତର ଉଦ୍ୟମ ଜାରି ରହିଥିବା ସୂଚନା ଦେଇଥିଲେ। ଏହାସହ ଉଚ୍ଚମାନର ଶିକ୍ଷାଦାନ, ନୈତିକ ଶିକ୍ଷା ତଥା ଛାତ୍ର ଛାତ୍ରୀ ଙ୍କର ସାମଗ୍ରିକ ବିକାଶ ସହ ଆଗାମୀ ସମୟରେ ଏକ ଉଚ୍ଚ ଶିକ୍ଷିତ ସମାଜ ତିଆରି କରିବା ପାଇଁ ଶିକ୍ଷକ ମାନଙ୍କୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଡ଼ଃ ଭାସ୍କର ନାଥ ବିଶ୍ୱାଳ ଓ ଅଧ୍ୟାପକ ମହମ୍ମଦ ଜାହାଙ୍ଗିର ବୃତ୍ତଚିତ୍ର ମାଧ୍ୟମରେ ମୌଲାନା ଆବୁଲ କଲାମ ଆଜାଦଙ୍କ ଜନ୍ମ ଇତିହାସ ତଥା କୃତିତ୍ୱ ଉପସ୍ଥାପନ କରିବା ସହ ଶିକ୍ଷା କ୍ଷେତ୍ରର ହେଉଥିବା ପରିବର୍ତ୍ତନକୁ ଉଲ୍ଲେଖ କରିଥିଲେ। ପ୍ରାଧ୍ୟାପକ ଡ଼ଃ ନୀଳାଚଳ ମିଶ୍ର ସମାଜରେ ଶିକ୍ଷାର ଗୁରୁତ୍ୱ ତଥା ଶିକ୍ଷକ ମାନଙ୍କର ଦାଇତ୍ୱ ବିଷୟରେ ସଚେତନ କରିଥିଲେ। ପ୍ରାଧ୍ୟାପକ ଅନନ୍ତ ଶତପଥି ଶ୍ରୀ କଲାମଙ୍କର ଶିକ୍ଷା କ୍ଷେତ୍ରରେ ଅବଦାନକୁ ନେଇ ଏକ ତଥ୍ୟ ସମ୍ବଳିତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏନଏସଏସର ଜିଲ୍ଲା ସଂଯୋଜକ ଅଧ୍ୟାପକ ଦିଲ୍ଲୀପ କୁମାର ହୋତା, ଶିକ୍ଷା ଓ ଗବେଷଣା ଉପରେ ଗୁରୁତ୍ୱ ଦେଇ ନବରଙ୍ଗପୁର ଜିଲ୍ଲା ର ଶିକ୍ଷା, କଳା, ସଂସ୍କୃତି, ପରମ୍ପରାର ଗବେଷଣା ପାଇଁ ମହାବିଦ୍ୟାଳୟରେ ଗୋଟିଏ ଜିଲ୍ଲା ସ୍ତରୀୟ ଗବେଷଣା ହବ ପ୍ରତିଷ୍ଠା କରିବା ପାଇଁ ଅତିଥି ମାନଙ୍କୁ ଅନୁରୋଧ କରିଥିଲେ। ଅନ୍ୟତମ ବକ୍ତା ଭାବେ ଅଧ୍ୟାପିକା ମାନସୀ ମହାପାତ୍ର, ଭାନୁମତି ସାହୁକାର, ଅଧ୍ୟାପକ ସୁରେଶ ସାହୁ, ପ୍ରଦୀପ୍ତ ଦାଶ, ପ୍ରିୟବ୍ରତ ସାହୁ, ଘାସିରାମ ବେହେରା ଆଦି ଶିକ୍ଷା ଉପରେ ନିଜ ନିଜ ମତ ପ୍ରକାଶ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅଧ୍ୟାପକ ଶମ୍ଭୁ ପ୍ରସାଦ ହୋତା ଏବଂ ଅଧ୍ୟାପକ ଦିଲ୍ଲୀପ କୁମାର ହୋତା। ପ୍ରକୃତରେ ଶିକ୍ଷାହିଁ ସମାଜର ଅଭିନ୍ନ ଅଙ୍ଗ ଏବଂ ଯୁଗେ ଯୁଗେ ମାନବ ସଭ୍ୟତାକୁ ଆଗକୁ ନେବାରେ ଶିକ୍ଷା ଅଗ୍ରଣୀ ଭୂମିକା ନେଇଛି ବୋଲି ସାମୂହିକ ମତପ୍ରକାଶ ପାଇଥିଲା।

# ସ୍ମୃତି ଓ ବିସ୍ମୃତିର ଅନ୍ତରାଳେ ନୌବାଣିଜ୍ୟ



ଡକ୍ଟର ମନୋରଞ୍ଜନ ବିଷୋୟୀ



ମହାଭାରତୀୟ ପରମ୍ପରାରେ ଓଡ଼ିଆମାନେ ଥିଲେ ଏକ ପ୍ରାଚୀନ ସଭ୍ୟଜାତି। ଏହି ଜାତିର ବୌଦ୍ଧିକ ଓ ବୈଷୟିକ ଐଶ୍ୱର୍ଯ୍ୟ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ଏକଦା ଏହି ଓଡ଼ିଆଭାଷୀ ରାଜ୍ୟର ଭୌଗୋଳିକ ସୀମା ସାଧାରଣ ଭାବରେ ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ସୁବିସ୍ତୃତ ଥିଲା। ଦିଗ୍‌ବିଜୟୀ ସମ୍ରାଟମାନଙ୍କ ଶାସନ କାଳରେ ପ୍ରାଚୀନ କଳିଙ୍ଗ, ଉତ୍କଳ କିମ୍ବା କୋଶଳର ସୀମା ସାମୟିକ ପରିବର୍ତ୍ତିତ ହୋଇଥିଲା। ତଥାପି ଏହି ତିନିଗୋଟି ରାଜନୈତିକ ବିଭାଗ ବା ତ୍ରିକଳିଙ୍ଗର ଜନସାଧାରଣ ଯେ ଯଶସ୍ୱୀ ଓଡ଼ିଆ ଜାତିଥିଲେ, ଏହା ନିଃସନ୍ଦେହରେ କୁହାଯାଇପାରେ। ଏହି ଜାତି ପାଇଁ ସମୁଦ୍ର ଥିଲା ଏକ ଆହ୍ୱାନ। ସମୁଦ୍ରଯାତ୍ରା ଓ ନୌ-ବାଣିଜ୍ୟ କ୍ଷେତ୍ରରେ ପ୍ରାଚୀନ ଓଡ଼ିଶା ବା କଳିଙ୍ଗର ଭୂମିକା ଭାରତ ଇତିହାସରେ ଏକ ଗୌରବମୟ ଅଧ୍ୟାୟ । ଅତୀତରେ ଏହି କଳିଙ୍ଗ ରାଜ୍ୟର ସୁଦୀର୍ଘ ସମୁଦ୍ର ଉପକୂଳରେ ବହୁ ବନ୍ଦର ଥିଲା। ଏସବୁ ବନ୍ଦରମାନଙ୍କରୁ ସାଧବ ପୁଅମାନେ ସୁଦୂରରୁ ଅନେକ ଦୂର ଦରିଆପାରି ଦେଶମାନଙ୍କରେ ନୌ-ବାଣିଜ୍ୟ କରି ଏ ଦେଶକୁ ଧନଶାଳୀ କରିବା ସଙ୍ଗେ ସଙ୍ଗେ ଭାରତୀୟ ସଂସ୍କୃତି, ସାହିତ୍ୟ ଓ ଶିଳ୍ପ ଭାସ୍କର୍ଯ୍ୟର ପ୍ରଚାର କରିଥିଲେ।

ତେଣୁ ଆଜି ମଧ୍ୟ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ଓଡ଼ିଆ କାର୍ତ୍ତିକ ପୂର୍ଣ୍ଣିମା ଅବକାଶରେ ନୌକା ଭସାଇ "ଆ କା ମା ବୈ, ପାନ ଗୁଆ ଥୋଇ / ପାନ ଗୁଆ ତୋର, ମାସକ ଧର୍ମ ମୋର" ଉଚ୍ଚାରଣ ପୂର୍ବକ ନିଜର ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ସ୍ମରଣ କରିଥାଏ। ଏହା କେଉଁ କାଳରୁ ଆମ ସାମାଜିକ ଜୀବନର ଚଳଣି ହୋଇ ରହିଆସିଛି, ତାହା ଅବଧାରଣା କରିବା ଅତ୍ୟନ୍ତ କଷ୍ଟକର। ତଥାପି ଏହାକୁ ଅତୀତ ଓଡ଼ିଆ ସାଧବପୁଅର ନୌ-ଯାତ୍ରାର ବାର୍ତ୍ତାବହ କହିଲେ ଅତ୍ୟୁକ୍ତି ହେବ ନାହିଁ। କୁହାଯାଏ କଳିଙ୍ଗ ବଣିକ କାର୍ତ୍ତିକପୂର୍ଣ୍ଣିମା ଦିନ ପ୍ରତ୍ୟୁଷରୁ ସ୍ନାନ କରି କଳିଙ୍ଗଜାତ ପାନର ବିନିମୟରେ ଜାଭା ପ୍ରଭୃତି ଅଞ୍ଚଳରୁ ଯେଉଁ ଗୁଆ ଆମଦାନି କରେ, ସେହି ପାନ ଓ ଗୁଆ ଶୁଦ୍ଧ ମନରେ ଗଙ୍ଗାମାତାଙ୍କୁ ସମର୍ପଣ କରି ଧର୍ମର ଦ୍ୱାହି ଦେଇ ବାଣିଜ୍ୟ ନୌକା ମେଲି ଦେଉଥିଲା ଏବଂ ନୌକାପୃଷ୍ଠରେ ଭାସି ଭାସି ତୀର ଦେଶରୁ କ୍ରମେ ଅନ୍ତର ହେବାବେଳେ ସମବେତ ଆତ୍ମୀୟସ୍ୱଜନଙ୍କୁ ବିଦାୟକାଳୀନ ଇଙ୍ଗିତବାଣୀ ଶୁଣାଉଥିଲା -ଆ କା ମା ବୈ ଅର୍ଥାତ୍ ଆଷାଢ଼ ଠାରୁ କାର୍ତ୍ତିକ ମଧ୍ୟରୁ ଫେରିବି, ଭୟ କରନା । ଏହାର ସ୍ମାରକୀ ସଦୃଶ୍ୟ କାର୍ତ୍ତିକପୂର୍ଣ୍ଣିମା ଦିନ ଓଡ଼ିଶାର ଲୋକାୟତରେ ବୋଇତ ବା ନୌକା ଭସା ଅନୁଷ୍ଠିତ ହୋଇଆସୁଛି । ସମ୍ଭବତଃ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠି ଆବାଳବୃଦ୍ଧବନିତା ଧର୍ମ ପାଳନ କଲାଭଳି ନଦୀ ଓ ସମୁଦ୍ରଗୁଡ଼ିକୁ ବର୍ତ୍ତିକା ସମନ୍ୱିତ ବୋଇତ ଭସେଇ ଆଲୋକିତ କରିଥାନ୍ତି । କଦଳୀ ପାଟୁଆରେ ବୋଇତ, ପାନ ଗୁଆ, ବତୀ ଓ ଦୁର୍ବାକ୍ଷତ ଏହାର ଉପକରଣ । ବସ୍ତୁତଃ ଏହି ବୋଇତ ଭସା ନିଶ୍ଚିତଭାବେ ବନ୍ଦାପନାର ଏକ ପ୍ରତୀକ । ଘରକୁ ଧନରତ୍ନ ଧରି ଫେରୁଥିବା ସାଧବମାନଙ୍କ ସମ୍ମାନରେ ଏହା ଅନୁଷ୍ଠିତ ହୋଇଆସୁଛି । ଯାହାଫଳରେ ଆଜିବି ସାଗରପାରି ବାଣିଜ୍ୟର



ମହତ୍ତ୍ୱକୁ ଓଡ଼ିଶାବାସୀ ଉପଲବ୍ଧ କରି ଆସୁଛନ୍ତି ଏବଂ ବୋଇତ ଭସାଇ ସେ ସ୍ମୃତିକୁ ଆଲୋକିତ କରି ରଖିଛନ୍ତି । ପ୍ରକୃତ ପକ୍ଷେ କହିବାକୁ ଗଲେ କଳିଙ୍ଗ ଅଧିବାସୀ ମାନଙ୍କର ନୌ-ଚାଳନା ଓ ନୌ-ବାଣିଜ୍ୟ ପରମ୍ପରା ଭାରତର ଗୌରବାବହ ଇତିହାସର ଏକ ସମୃଦ୍ଧ ଅଧ୍ୟାୟ। ଭାରତୀୟ ସଂସ୍କୃତିର ପରିପ୍ରସାର ସଙ୍ଗେ ସଙ୍ଗେ ଭାରତ ଓ ଦକ୍ଷିଣ ପୂର୍ବ ଏସିଆ ମଧ୍ୟରେ ବାଣିଜ୍ୟିକ ସୁସମ୍ପର୍କ ବୃଦ୍ଧି କରିବା ଥିଲା କଳିଙ୍ଗ ନାବିକ ଓ ସାଧବମାନଙ୍କର ବିଶିଷ୍ଟ ଅବଦାନ।

ବସ୍ତୁତଃ କହିବାକୁ ଗଲେ ଓଡ଼ିଶାରେ ନୌ-ବାଣିଜ୍ୟର ପ୍ରସାର ପ୍ରାଗୈତିହାସିକ ଯୁଗରୁ ଆରମ୍ଭ କରି ଶୈଳୋଦ୍ଭବ ରାଜତ୍ୱ ପର୍ଯ୍ୟନ୍ତ ବିଶେଷ ଭାବରେ ରହିଆସିଥିଲା। ଏପରିକି ଭୌମକର ବଂଶର ରାଜାମାନେ ମଧ୍ୟ ଏଥିରେ ପୃଷ୍ଠପୋଷକତା କରିଥିଲେ। ଏହା ସହ ସୋମବଂଶୀ ରାଜାମାନେ ଏ ଦିଗରେ ବିଶେଷ ଯତ୍ନବାନ ହୋଇନଥିଲେ ହେଁ ଏହି ପରମ୍ପରା ଅକ୍ଷୁଣ୍ଣ ରହିଥିଲା। ପରନ୍ତୁ ଗଙ୍ଗରାଜାମାନେ ଭୂଭାଗରେ ନିଜ ସାମ୍ରାଜ୍ୟର ସୀମାବିସ୍ତାର କରିବାକୁ ଯତ୍ନବାନ ହୋଇଥିବାରୁ ଓଡ଼ିଶାର ନୌ-ବାଣିଜ୍ୟ ପ୍ରତି ଆଦୌ ଦୃଷ୍ଟି ଦେଇନଥିଲେ। ତେଣୁ ଆମର ନୌ-ବାଣିଜ୍ୟ ଚୋଳ ରାଜାମାନଙ୍କର ଅଧିକାରକୁ ଆସି ଯାଇଥିଲା। କିନ୍ତୁ ଏ ପରିପ୍ରେକ୍ଷୀରେ କହିରଖେ, ଖ୍ରୀଷ୍ଟପୂର୍ବ ୨୬୧ରେ ଇତିହାସ ପ୍ରସିଦ୍ଧ ମଗଧ ସମ୍ରାଟ ଅଶୋକଙ୍କର କଳିଙ୍ଗଯୁଦ୍ଧ ହୋଇଥିଲା। ତଥାପି ଏହି ଘଟଣାର ବହୁପୂର୍ବରୁ ବହିର୍ବାଣିଜ୍ୟ ତଥା ଅନ୍ତର୍ବାଣିଜ୍ୟରେ କଳିଙ୍ଗବାସୀ ଭାରତବର୍ଷରେ ବେଶ୍ ପ୍ରତିଷ୍ଠିତ ହୋଇ ସାରିଥିଲେ। କଳିଙ୍ଗର ସୁଦୀର୍ଘ ସମୁଦ୍ର ଉପକୂଳ ଓ ସୁଗଭୀର ନଦୀଗୁଡ଼ିକ ଏ କ୍ଷେତ୍ରରେ ବିଶେଷ ସହାୟକ ହୋଇଥିବା ବୋଲି ସ୍ୱୀକାର୍ଯ୍ୟ। ତେଣୁ ବୋଧହୁଏ ନୌ-ବାଣିଜ୍ୟର ସୁବିଧା ହାସଲ ପାଇଁ ମଗଧସମ୍ରାଟ କଳିଙ୍ଗ ଆକ୍ରମଣ କରିଥାଇପାରନ୍ତି। ଏପରିକି ଅଶୋକଙ୍କ ବହୁପୂର୍ବରୁ କଳିଙ୍ଗର ଅଧିବାସୀ ବ୍ରହ୍ମଦେଶର ପେରୁ ଅଞ୍ଚଳରେ ଉପନିବେଶ ସ୍ଥାପନ କରିସାରିଥିଲେ। ଏହା ସହ ଚୀନ ପରିବ୍ରାଜକ ମେଘାସ୍ଥିନିସ୍ କହନ୍ତି- ଚୀନ ଦେଶ ସହିତ ବହୁ ପ୍ରାଚୀନ କାଳରୁ କଳିଙ୍ଗର ବାଣିଜ୍ୟ ବ୍ୟବସାୟ ଚାଲି ଆସିଥିଲା। ଚୀନ ଲୋକମାନେ ବାଣିଜ୍ୟ କରୁଥିବା ଭାରତୀୟମାନଙ୍କୁ କୁନ୍-ଲୋକ ବୋଲି କହୁଥିଲେ। ଯାହା କଳିଙ୍ଗ ଶବ୍ଦର ନାମାନ୍ତର ମାତ୍ର। ସେ କହିବା ପ୍ରକାରେ ସିଂହଳ ଓ କଳିଙ୍ଗ ମଧ୍ୟରେ ହାତୀର ବାଣିଜ୍ୟ ପ୍ରଚଳନ ଥିଲା। ଗ୍ରୀକ୍ ଐତିହାସିକମାନଙ୍କ ମତରେ - ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀରେ ଭାରତର ପୂର୍ବଉପକୂଳରେ ବହୁ ଉନ୍ନତ ଧରଣର ବନ୍ଦର ବିକାଶ ଲାଭ କରିଥିଲା। ସେଗୁଡ଼ିକ ହେଲା- କାଲିଚି (କୋରକେଇ), କାମରା (କାବେରୀ ପର୍ତ୍ତନମ୍), ପୋଡୁଚୁ (ପଣ୍ଡିଚେରୀ), ସପତମା (ମସୁଲିପଟ୍ଟମ୍), କଣ୍ଟକ ଶିଲାଇ (ଘଣ୍ଟଶିଳା), ପିଟୁଣ୍ଡ(ପିଥୁଣ୍ଡ), ପଲୌର (ପାଲୁର-ଦନ୍ତପୁର), ଗଙ୍ଗେ (ଗୋପାଳପୁର) ଓ ତାମଲିପି (ତାମ୍ରଲିପି)। ପ୍ରଥମ ତିନୋଟିକୁ ବାଦ୍‌ଦେଲେ ଅନ୍ୟ ସମସ୍ତ ବନ୍ଦର କଳିଙ୍ଗ ଉପକୂଳରେ ଅବସ୍ଥିତ ଥିଲା ଓ ସେଗୁଡ଼ିକ ମଧ୍ୟରେ ପାଲୁର ଥିଲା ସର୍ବବୃହତ୍। ଏପରିକି ଭୌଗୋଳିକ ଟୋଲେମୀ ପାଲୁର ବନ୍ଦରକୁ ସେକାଳର ସମୁଦ୍ରଗାମୀ ନୌକାଗୁଡ଼ିକର ଏକ ବିଶିଷ୍ଟ କେନ୍ଦ୍ର ରୂପେ ବର୍ଣ୍ଣନା କରିଛନ୍ତି। ଏହି ବିବରଣୀରୁ ସ୍ପଷ୍ଟ ଅନୁମେୟ ଯେ, ସେ କାଳରେ ପାଲୁର ଠାରୁ ସମୁଦ୍ର ଭିତରକୁ ପ୍ରବେଶ କରିବା ସମ୍ଭବପର ହେଉଥିଲା ଓ ସମୁଦ୍ର ମଧ୍ୟ ଦେଇ ବ୍ରହ୍ମଦେଶ, ଶ୍ୟାମ (ଥାଇଲାଣ୍ଡ), ତାମ୍ରପର୍ଣ୍ଣୀ (ସିଂହଳ), ସୁବର୍ଣ୍ଣଦ୍ୱୀପ (ଜାଭା), କମ୍ବୋଜ, ଚମ୍ପା (ଆଧୁନିକ ଭିଏତ୍‌ନାମର ଅଞ୍ଚଳ) ଦେଶମାନଙ୍କ ସହ ସମ୍ପର୍କ ପ୍ରତିଷ୍ଠା କରିବାରେ କଳିଙ୍ଗର ନାବିକ ଓ ବଣିକମାନେ କୃତିତ୍ୱ ଅର୍ଜନ କରିଥିଲେ। ଯାହା ଫଳରେ କଳିଙ୍ଗର ଅର୍ଥନୈତିକ ବିକାଶ ସଙ୍ଗେ ସଙ୍ଗେ ଧର୍ମ ଓ ସଂସ୍କୃତିର ପ୍ରସାର ମଧ୍ୟ ହୋଇପାରିଥିଲା।

ଏପରିକି ବୌଦ୍ଧଧର୍ମର ଅଭ୍ୟୁଦୟ କାଳରେ ତାମ୍ରଲିପ୍ତି, ଚେଲିତାଲୋ ପ୍ରଭୃତି ପ୍ରସିଦ୍ଧ ବନ୍ଦର ଥିବାର ଜଣାଯାଏ। ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀରେ କଳିଙ୍ଗ ରାଜ ଗୁହଶିବଙ୍କ ଦୁହିତା ହେମମାଳା ଓ ଜାମାତା ଦନ୍ତକୁମାର କଳିଙ୍ଗରେ ପୂଜିତ ବୁଦ୍ଧଦେବଙ୍କ ଦନ୍ତକୁ ନେଇ ସିଂହଳରେ ପହଞ୍ଚିଥିଲେ। ଚୀନ ଦେଶ ସହ କଳିଙ୍ଗର ନୌ-ସମ୍ପର୍କ ଅତିଶୟ ପ୍ରାଚୀନ। ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀରେ ଚୀନ ପରିବ୍ରାଜକ ଫାହିୟାନ କଳିଙ୍ଗର ତାମ୍ରଲିପ୍ତି ବନ୍ଦରରୁ ସିଂହଳ ଯାଇ ସେଠାରୁ କଳିଙ୍ଗ ଜାହାଜରେ ଜାଭା ବାଟ ଦେଇ ସ୍ୱଦେଶକୁ ଫେରିଥିଲେ। ସେହିପରି ସପ୍ତମ ଶତାବ୍ଦୀରେ ହୁଏନ୍‌ସାଂ ଓଡ଼ିଶା ଭ୍ରମଣରେ ଆସିଥିବା ସମୟରେ ପ୍ରତ୍ୟକ୍ଷଦର୍ଶୀ ଭାବରେ ଚେଲିତାଲୋ ବିଷୟ ବର୍ଣ୍ଣନା କରିଅଛନ୍ତି। ଏହା ସହ ନବମ ଓ ଦଶମ ଶତାବ୍ଦୀ ବେଳକୁ ବଙ୍ଗୋପସାଗରରେ ଆରବ ନାବିକ ଓ ବଣିକମାନଙ୍କର ଆବିର୍ଭାବ ହେଲା। ସେମାନେ ଓଡ଼ିଶାକୁ ଉରସିନ ବା ରସଫିନ୍ ନାମରେ ଉଲ୍ଲେଖ କରିବା ସହିତ ସମୁଦ୍ର ସଙ୍ଗେ ସମ୍ପୃକ୍ତ କରିଅଛନ୍ତି।


ପ୍ରକୃତପକ୍ଷେ କହିବାକୁ ଗଲେ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ଅତି ପୁରାତନ। ଏହାର ଉପକୂଳ ସୁଦୀର୍ଘ ଅଟେ। ଏହା ସହ ଏଠାରେ ଅବସ୍ଥିତ ବହୁତ ଗୁଡ଼ିଏ ବନ୍ଦର ଆନ୍ତର୍ବାଣିଜ୍ୟ ଓ ବହିର୍ବାଣିଜ୍ୟ ପାଇଁ ସୁପ୍ରସିଦ୍ଧ। ସମୁଦ୍ର ପଥରେ ଦୂରଦେଶକୁ ଯାଇ ବଣିକମାନେ ବହୁତ ଧନ ସମ୍ପତ୍ତିରେ ଏ ଦେଶକୁ ଧନୀ ଓ ସମୃଦ୍ଧିଶାଳୀ କରିଥିଲେ। ପଞ୍ଚଦଶ ଶତାବ୍ଦୀ ବେଳକୁ ଓଡ଼ିଶାର ବନ୍ଦର ମାନଙ୍କରୁ ମାଲକ୍‌କାକୁ ବସ୍ତ୍ରାଦି ଦ୍ରବ୍ୟମାନ ରପ୍ତାନୀ ହେଉଥିଲା। ଷୋଡ଼ଶ ଶତାବ୍ଦୀ ବେଳକୁ ବାଣିଜ୍ୟ କାରବାର ମଧ୍ୟ ପ୍ରାଚ୍ୟ ଦେଶର ଲୋହିତସାଗର ଉପକୂଳସ୍ଥ ଆଚେନ ଓ ଜେଡ଼୍ଡାବନ୍ଦର ବ୍ୟତୀତ ବନ୍ତାମ୍, ପେଗୁ, ଟେନାସରିମ ଓ ଆଚିନ ଆଦି ବନ୍ଦର ସହିତ ସମ୍ପର୍କ ସ୍ଥାପନ କରିପାରିଥିଲା। ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ଇଉରୋପୀୟ ବଣିକମାନେ ଓଡ଼ିଶା ଉପକୂଳ ସହିତ ପରିଚିତ ହେଲେ ଏବଂ ପରେ ପରେ ବାଣିଜ୍ୟ କାରବାରରେ ଲିପ୍ତ ରହିଲେ। ପର୍ତ୍ତୁଗୀଜ, ଓଲନ୍ଦାଜ, ଦୀନାମାର ଓ ଫରାସୀ ବଣିକ କମ୍ପାନୀଙ୍କର ବାଣିଜ୍ୟିକ ସଂସ୍ଥାମାନ ଓଡ଼ିଶା ଉପକୂଳରେ ଗଢ଼ି ଉଠିଥିଲା। କିନ୍ତୁ ସପ୍ତଦଶ ଶତାବ୍ଦୀରେ ଭାରତୀୟ ବଣିକମାନେ ଇଂରେଜ କମ୍ପାନୀର ସୁରକ୍ଷା ବଳୟ ମଧ୍ୟରେ ରହିଥିଲେ।

ମୋଟ ଉପରେ କହିବାକୁ ଗଲେ ବାଣିଜ୍ୟ ସୂତ୍ରରେ କଳିଙ୍ଗ ଭୂମି ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭୂଖଣ୍ଡ ସହିତ ବହୁକାଳ ପର୍ଯ୍ୟନ୍ତ ନିବିଡ଼ ଭାବରେ ସମ୍ପୃକ୍ତ ରହିଥିଲା। କିନ୍ତୁ ଏହି ନୌବାଣିଜ୍ୟର ଐତିହ୍ୟ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ କୌଣସି ପ୍ରକାରେ ତିଷ୍ଠି ରହିଥିଲା। ଇଂରେଜମାନେ ଓଡ଼ିଶା ଅଧିକାର କଲା ପରେ ବହୁବନ୍ଦର ଲୁପ୍ତପ୍ରାୟ ହୋଇଯାଇଥିଲା। ଯେଉଁ କେତେକ ନାମକୁ ମାତ୍ର ଥିଲା, ସେଗୁଡ଼ିକ ଇଂରେଜ ସରକାରଙ୍କର ସମ୍ପୂର୍ଣ୍ଣ ଅକ୍ତିଆରରେ ରହି କେବଳ ସରକାରୀ କାର୍ଯ୍ୟରେ ନିୟୋଜିତ ହେଉଥିଲା। ଫଳତଃ ପ୍ରାଚୀନ ପ୍ରଧାନ ବନ୍ଦର ଗୁଡ଼ିକ ବିସ୍ମୃତି ଗର୍ଭରେ ଲୀନ ହୋଇଗଲା।

ପରିଶେଷରେ ଏତିକି କହିଲେ ଯଥେଷ୍ଟ ହେବ ଓଡ଼ିଶାର ସାମୁଦ୍ରିକ ବାଣିଜ୍ୟ କାରବାର ଅତି ପୁରାତନ। ଏହାର ଉପକୂଳ ସୁଦୀର୍ଘ ଅଟେ ଏବଂ ଏଠାରେ ଅବସ୍ଥିତ ବହୁତ ବନ୍ଦର ଆନ୍ତର୍ବାଣିଜ୍ୟ ତଥା ବହିର୍ବାଣିଜ୍ୟ ପାଇଁ ସୁପ୍ରସିଦ୍ଧ। ଏସବୁ ସତ୍ତ୍ୱେ ନୌ-ବାଣିଜ୍ୟର ସେ ପୁରାତନ ପରମ୍ପରା ଆଉ ନାହିଁ। ତଥାପି ଓଡ଼ିଶାର ଜନସାଧାରଣ 'ଆ-କା-ମା-ବୈ' ଉଚ୍ଚାରଣ ସହ କାର୍ତ୍ତିକପୂର୍ଣ୍ଣିମା ଉତ୍ସବଟିକୁ ସେହି ପରମ୍ପରାର ଏକ ଚିରନ୍ତନ ସ୍ମୃତି ରୂପେ ଅଦ୍ୟାପି ବହନ କରି ଆସୁଛନ୍ତି।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ*
*ଦୂରଭାଷ : ୮୮୯୫୧୪୧୭୨୭*





## ମମିତାଙ୍କୁ ନ୍ୟାୟ ଦାବିରେ କଂଗ୍ରେସର ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ



**ନବରଙ୍ଗପୁର :** ସାରା ରାଜ୍ୟରେ ମମିତା ମେହେରଙ୍କୁ ନ୍ୟାୟ ଦେବା ଓ ଗୃହ ରାଷ୍ଟ୍ର ମନ୍ତ୍ରୀଙ୍କ ଇସ୍ତଫା ଦାବି, ପେଟ୍ରୋଲ, ଡିଜେଲ ସହ ନିତ୍ୟ ବ୍ୟବହୃତ ଖାଦ୍ୟ ସାମଗ୍ରୀ ଦର ଦାମ ଅହେତୁକ ବୃଦ୍ଧି ପ୍ରତିବାଦରେ ଛ ଘଣ୍ଟିଆ ଆନ୍ଦୋଳନ ଜାତୀୟ କଂଗ୍ରେସ ଦଳ ରାଜ୍ୟ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଚାଲିଛି। ଏହାର ପ୍ରଭାବ ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ,ଡାବୁଗାଁ , ମଇଦଲପୁର ଓ ସମସ୍ତ ବ୍ଲକ କଂଗ୍ରେସ ସଭାପତିଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ ହୋଇଯାଇଛି। ଜିଲ୍ଲା ସଭାପତି ମନୋରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ନବରଙ୍ଗପୁରରେ, ପାପଡାହାଣ୍ଡି ବ୍ଲକ କଂଗ୍ରେସ ସଭାପତି ଶ୍ରୀକାନ୍ତ ମିଶ୍ରଙ୍କ ନେତୃତ୍ୱରେ, ଡାବୁଗାଁ ବ୍ଲକ କଂଗ୍ରେସ ସଭାପତି ଜି ସାଇ ରାଜୁ ଓ ବ୍ଲକ ଅଧକ୍ଷ ବଇଁଶୀ ଧର ମାଝୀ, ପ୍ରକାଶ ପଣ୍ଡା, ବାବି ଜେନା, କେଶବ ରାଲି, ଜଗନ୍ନାଥ ବେହେରା, ବିନୋଦ ସଉରା, ମଣ୍ଟୁ ଜେନା, ଚନ୍ଦ୍ରୁ ପନକା, ଈଶ୍ୱର ମାଝୀ ଓ ଅନ୍ୟାନ୍ୟ କର୍ମୀ ମାନଙ୍କ ଦ୍ୱାରା ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ ହୋଇଛି। ହାଇକୋର୍ଟଙ୍କ ଆଦେଶ ପ୍ରକାରେ ଶାନ୍ତିର ସହିତ ବନ୍ଦ ପାଳନ ହୋଇଛି। ସମସ୍ତ ବ୍ଲକ ସଦର ମହକୁମା ଠାରୁ ଚନ୍ଦାହାଣ୍ଡି ବ୍ଲକର କର୍ମୀ ବୃନ୍ଦ ଲଣ୍ଡା ହୋଇ ଛ ଘଣ୍ଟିଆ ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରି ଥିଲେ। ମମିତା ହତ୍ୟା ମାମଲାରେ ସମ୍ପୃକ୍ତ ଥିବା ନେଇ ଗୃହ ମନ୍ତ୍ରୀଙ୍କ ବହିଷ୍କାର ଓ ମମତାଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି କଂଗ୍ରେସ ଦଳ ଦାବି କରିଛି। ସମସ୍ତ ବ୍ଲକ ସଭାପତି ମାନେ ସରକାରଙ୍କ ଉପରେ ବର୍ଷି ଥିଲେ, କହିଥିଲେ ଯେ ବିଜେଡି ସରକାରଙ୍କ ଶାସନ ସମୟରେ ଓଡିଶା ଦୁର୍ନୀତିରେ ଲିପ୍ତ, ଗୃହ ମନ୍ତ୍ରୀଙ୍କୁ ନବୀନ ସରକାର ସମର୍ଥନ କରୁଥିବା ନେଇ ଅଭିଯୋଗ କରିଥିଲେ। ଯଦି ଗୃହ ମନ୍ତ୍ରୀଙ୍କୁ ଇସ୍ତଫା ଓ ଗିରଫ କରା ନ ଯାଏ ତେବେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସମସ୍ତ ବ୍ଲକର ବ୍ଲକ ସଭାପତିଙ୍କ ସହ ଜିଲ୍ଲା ସଭାପତି ସୂଚନା ଦେଇଛନ୍ତି।

## ୭୦ତମ ଜିଲ୍ଲାସ୍ତରୀୟ ଗୋ-ସମ୍ବର୍ଦ୍ଧନା ସଭା ଉତ୍ସବକୁ ନେଇ କନ୍ଦଳ

**ଜଗତ୍‌ସିଂହପୁର:** ଗୋମାତା ଆମ ଭାରତୀୟ ସଂସ୍କୃତିର ସର୍ବୋତ୍କୃଷ୍ଟ, ପବିତ୍ର ଓ ପୂଜନୀୟ। ଘରେଘରେ ଗାଈ ରଖିବା ଆମର ଧର୍ମ ଓ ମୋକ୍ଷର ଆଧାର ଏବଂ ଆମ ଆର୍ଥିକ ସମୃଦ୍ଧିର ମୁଖ୍ୟଉତ୍ସ। ସେ ନେଇ ଆଳିପିଙ୍ଗଳ ଠାରେ ୭୦ତମ ଜିଲ୍ଲାସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ କହିଥିଲେ ଯେ, ପୂର୍ବରୁ ଲୋକମାନେ ଘରେଘରେ ଗାଈ ଓ ବଳଦ ରଖି କ୍ଷୀର ଉତ୍ପାଦନ କରିବା ସହିତ କୃଷି କାର୍ଯ୍ୟରେ ବଳଦ ଲଗାଇ ହଳ କରୁଥିଲେ। ସେଥିପାଇଁ ଲୋକମାନେ କୌଣସି ରୋଗରେ ପଡୁନଥିଲେ କି ବିଲବାଡି ନଷ୍ଟ ହେଉନଥିଲା। ବର୍ତ୍ତମାନ ଜଗତସିଂହପୁର ଜିଲ୍ଲାରେ ଗୋପାଳନ ବୃଦ୍ଧି ହେଉଥିବା ବେଳେ ବଳଦମାନଙ୍କ ସଂଖ୍ୟା କମିଗଲାଣି। ଏପରିକି ଧାନଚାଷ ସମୟ ଆସିଲେ ଚାଷୀମାନେ ଅଖିମୁଠି ଅନୁକୂଳ ବଳଦମାନଙ୍କ ଦ୍ୱାରା ନକରି ଟ୍ରାକ୍ଟର ଜରିଆରେ କରାଯିବା ଦ୍ୱାରା ଚାଷୀମାନେ ଆଜି ବିଭିନ୍ନ ରୋଗରେ ପଡି ମୃତ୍ୟୁବରଣ କରୁଛନ୍ତି। ତେଣୁ ସଫଳଚାଷୀ ହେବାପାଇଁ ଘରେଘରେ ବଳଦରଖି ଲଙ୍ଗଳ ଧରିବାକୁ ଉପସ୍ଥିତ ଥିବା ସମସ୍ତ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଗୋ-ସମ୍ବର୍ଦ୍ଧନା



ଉତ୍ସବରେ ସମ୍ମାନନୀୟ ଅତିଥିଭାବେ ଜିଲ୍ଲାପାଳ ପାରୁଲ ପଟୱାରୀ ଯୋଗଦେଇ ଗୋପାଳନ ଉପରେ ଗୁରୁତ୍ୱ ଦେବା ସହିତ ଉପସ୍ଥିତ ଥିବା ଶ୍ରେଷ୍ଠ ଗୋପାଳନମାନଙ୍କୁ ପୁରସ୍କୃତ କରିବା ସହିତ ବ୍ରଏଲର ଫାର୍ମ ପାଇଁ ଚାଷୀମାନଙ୍କୁ କାର୍ଯ୍ୟାଦେଶ ପତ୍ର ବଂଟନ କରିଥିଲେ। ଆଜିର ଏହି ସମ୍ବର୍ଦ୍ଧନା ଉତ୍ସବରେ ସମ୍ମାନନୀୟ ଅତିଥିଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ ଯୋଗଦେଇଥିବା ବେଳେ ଜିଲ୍ଲାର ମନ୍ତ୍ରୀ, ସାଂସଦ ଓ ୨ ବିଧାୟକଙ୍କୁ ସଭା ସ୍ଥଳରେ ଦେଖିବାକୁ ମିଳିନଥିଲା। ଏ ସମ୍ପର୍କରେ ଆମ ପ୍ରତିନିଧୀ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ବିରକିଶୋର ପରିଡାଙ୍କ ସହିତ ଯୋଗାଯୋଗ କରିଥିଲେ ବି ତାର ସେ ଉତର ଦେଇନଥିଲେ। କିନ୍ତୁ ଜିଲ୍ଲାବାସୀ ୭୦ତମ ଗୋ-ସମ୍ବର୍ଦ୍ଧନା ଉତ୍ସବ ପାଳନ କରୁଥିବା ବେଳେ କେଉଁ କାରଣ ବଶତଃ ମନ୍ତ୍ରୀ, ସାଂସଦ ଓ ବିଧାୟକମାନଙ୍କୁ ଦେଖିବାକୁ ମିଳିନଥିବା କଥା ପଚାରିବାରେ ସେଠାରେ ଉପସ୍ଥିତ ଥିବା କେତେକ ଚାଷୀ ନାମ ଉଲ୍ଲେଖ ନକରି କହିଥିଲେ ଯେ, ଏଥିରେ ବି ରାଜନୀତି ପଶିଯାଇଛି। ଏପରିକି ଆମ ବିଧାୟକମାନେ ଏଠାରେ ଉପସ୍ଥିତ ନଥିବାରୁ ଆମ୍ଭେ ବି ଉପସ୍ଥିତ ରହିବୁ ନାହିଁ କହି ଫେରିଯାଉଥିବାର ଦେଖିବାକୁ ମିଳିଥିଲା। ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ଜିଲ୍ଲା ମୁଖ୍ୟଚିକିତ୍ସା ଅଧିକାରୀ ଶ୍ରୀ ପରିଡା ଓ ଧନ୍ୟବାଦ ଅର୍ପଣ କରିଥିଲେ ଚାନ୍ଦପୁର ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ଅନ୍ନଦା ଦାସ। ଏହି ଉପଲକ୍ଷେ ଏକ ପ୍ରାଣୀ ଚିକିତ୍ସା ଶିବିର କୃଷକ, ବୈଜ୍ଞାନିକ ଆଲୋଚନା ଚକ୍ର ଏବଂ ଏକ ଗୋ-ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆଳିପିଙ୍ଗଳ ପ୍ରାଣୀ ଚିକିତ୍ସା ଅଧିକାରୀ ଡାଃ ଉତ୍କଳିକା ପ୍ରିୟଦର୍ଶିନୀ ପରିଚାଳନା କରିଥିବା ବେଳେ ଉପନିର୍ଦ୍ଦେଶକ ଡାଃ ବିକ୍ରମ କିଶୋର ଆଚାର୍ଯ୍ୟ ଓ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡାଃ ଲୋପାମୁଦ୍ରା ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

ଏକମାତ୍ର
ଅନୁସନ୍ଧାନ ପରେ ଖବର
ଭୁବନେଶ୍ୱର, ୧୫ - ୨୧ ନଭେମ୍ବର, ୨୦୨୧




# ସଡକ ସୁରକ୍ଷା ପାଇଁ 'ରକ୍ଷକ'



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଲୋକସେବା ଭବନର କନଭେନ୍ସନ ସେଣ୍ଟର ଠାରେ ସଡକ ସୁରକ୍ଷା ପାଇଁ ଏକ ଅଭିନବ ତାଲିମ କାର୍ଯ୍ୟକ୍ରମ 'ରକ୍ଷକ'ର ଶୁଭାରମ୍ଭ କରିଛନ୍ତି। ରାଜ୍ୟ ପରିବହନ ବିଭାଗ ଦ୍ୱାରା ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ୩୦ ହଜାର ପ୍ରଥମ ଜୀବନ ରକ୍ଷାକାରୀ ତାଲିମ ପାଇବେ। ୩୦୦ ପ୍ରଶିକ୍ଷକ ରାଜ୍ୟର ୩୦ଟି ଜିଲ୍ଲାରେ ୩୦ ସପ୍ତାହ ପାଇଁ ତାଲିମ ପ୍ରଦାନ କରିବେ। ଏହାଦ୍ୱାରା ସଡକ ଦୁର୍ଘଟଣାର ଶିକାର ହେଉଥିବା ବ୍ୟକ୍ତି ମାନଙ୍କୁ ତୁରନ୍ତ ସହାୟତା ଓ ଚିକିତ୍ସା ମିଳିପାରିବ ଓ ଅନେକ ଜୀବନ ବଞ୍ଚାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆଶାପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ନିଜର ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସଡକ ଦୁର୍ଘଟଣା କେବଳ ଜଣେ ବ୍ୟକ୍ତି ବା ଗୋଟିଏ ପରିବାରର କ୍ଷତି ନୁହେଁ। ଏହା ସମାଜର କ୍ଷତି । ଅର୍ଥନୀତିର ମଧ୍ୟ ବଡ କ୍ଷତି। ତେଣୁ ଏହାକୁ ରୋକିବା ପାଇଁ ଆମେ ସମସ୍ତେ ଏକାଠି ହୋଇ କାମ କରିବା ଦରକାର ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ଏ କ୍ଷେତ୍ରରେ ଡ୍ରାଇଭର ମାନଙ୍କର ଯେତିକି ଦାୟିତ୍ୱ, ସଡକ ବ୍ୟବହାର କରୁଥିବା ବ୍ୟକ୍ତିର ମଧ୍ୟ ସେତିକି ଦାୟିତ୍ୱ । ତା ସହିତ ଦୁର୍ଘଟଣା ସ୍ଥଳରେ ଥିବା ଅନ୍ୟ ଲୋକମାନଙ୍କର ମଧ୍ୟ ବିଶେଷ ଦାୟିତ୍ୱ ରହିଛି। ତେଣୁ ସେମାନେ ସାମାନ୍ୟ ସହଯୋଗ କଲେ, ଅନେକ ଜୀବନ ରକ୍ଷା ହୋଇପାରିବ ଓ ଅନେକ ପରିବାର ଦୁର୍ଦ୍ଦିନରୁ ରକ୍ଷା ପାଇପାରିବେ ବୋଲି ସେ କହିଥିଲେ। ତାଲିମ ବ୍ୟବସ୍ଥା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଆପଣମାନେ ହେଉଛନ୍ତି ଜଣେ ଜଣେ ଉତ୍ତମ ନାଗରିକ। ଦୁର୍ଘଟଣାର ପ୍ରଥମ ଏକ ଘଣ୍ଟା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ଆମେ ଯଦି ତୁରନ୍ତ ଚିକିତ୍ସା କରିବା, ତେବେ ଆମେ ଅନେକ ଜୀବନ ରକ୍ଷା କରିପାରିବା ବୋଲି ସେ କହିଥିଲେ। ବିପଦରେ ଥିବା ଲୋକର ଜୀବନ ବଞ୍ଚାଇବା ଠାରୁ ବଡ ପୁଣ୍ୟ କିଛି ନାହିଁ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସଡକ ଦୁର୍ଘଟଣାର ଶିକାର ହେଉଥିବା ଲୋକ ମାନଙ୍କୁ ସାହାଯ୍ୟ ପାଇଁ ଆଗେଇ ଆସୁଥିବା ଲୋକଙ୍କୁ ୨୦୦୦ ଟଙ୍କା ସହାୟତା ଦେବାର ବ୍ୟବସ୍ଥା କରାଯାଇଛି। ଏହାସହିତ ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତି ମାନଙ୍କର ଚିକିତ୍ସା ପାଇଁ ରାଜ୍ୟ ସରକାର ୧୪୭ କୋଟି ଟଙ୍କାର ଏକ ପାଣ୍ଠି ଗଠନ କରିଛନ୍ତି। ସଡକ ଦୁର୍ଘଟଣା ରୋକିବା ପାଇଁ ସରକାରଙ୍କ ଏ ଉଦ୍ୟମରେ ସହଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ। ବିଭିନ୍ନ ଅଣ-ସରକାରୀ ସଂଗଠନ (ଏନ୍‌ଜିଓ) ମାନେ ସଡକ ଦୁର୍ଘଟଣା ସମୟରେ ତୁରନ୍ତ ସହାୟତା ଯୋଗାଇଦେବା ଓ ସଚେତନତା ସୃଷ୍ଟି କ୍ଷେତ୍ରରେ ଯେଉଁ ଉଦ୍ୟମ କରୁଛନ୍ତି, ମୁଖ୍ୟମନ୍ତ୍ରୀ ତାର ଉଚ୍ଚ ପ୍ରଶଂସା କରିଥିଲେ। ସେମାନଙ୍କର ଏହି ଉଦ୍ୟମ ସଫଳ ହେବ ଓ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା କମିପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମ ପାଇଁ ପରିବହନ ବିଭାଗକୁ ଧନ୍ୟବାଦ ଦେବା ସହିତ ରାଜ୍ୟସ୍ତରରେ ଏଭଳି କାର୍ଯ୍ୟକ୍ରମ ପ୍ରଥମ ବୋଲି କହିଥିଲେ। ତାଲିମ କାର୍ଯ୍ୟକ୍ରମ ଶେଷ ହେବା ପରେ ସଡକ ସୁରକ୍ଷା କ୍ଷେତ୍ରରେ ବହୁତ ଉନ୍ନତି ଆସିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବିଭିନ୍ନ ସ୍ୱେଚ୍ଛାସେବୀ, ରେଡକ୍ରସ ଓ ଅନ୍ୟାନ୍ୟ ସଂସ୍ଥା ମାନଙ୍କୁ ମୁଖ୍ୟମନ୍ତ୍ର ଧନ୍ୟବାଦ ଦେଇ ଜୀବନ ରକ୍ଷା କ୍ଷେତ୍ରରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ରକ୍ଷକ ତାଲିମ କାର୍ଯ୍ୟକ୍ରମର ଲୋଗୋ ଉନ୍ମୋଚନ କରିବା ସହିତ ଏହାର ୱେବସାଇଟ ଓପିଟିଆଇସିଏସ୍ ଉଦ୍ଘାଟନ କରିଥିଲେ। ତାଲିମରେ ଯୋଗ ଦେଇଥିବା ଫାଷ୍ଟ ରେସପଣ୍ଡରମାନଙ୍କୁ କିଟ୍ ଓ ଟି-ସାର୍ଟ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ସଡକ ଦୁର୍ଘଟଣା ରୋକିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ। ବିଭାଗୀୟ ପ୍ରମୁଖ ସଚିବ ମଧୁସୂଦନ ପାଢୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପରିବହନ କମିଶନର ଅରୁଣ ବୋଥ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

# ୱାନ୍‌ଖେଡେ ତୁମେ ଭୁଲ କଲ !

**ଭୁବନେଶ୍ୱର, (ଦୀପକ କୁମାର କର):** ଭାରତୀୟଙ୍କର ହୃଦୟ ସମ୍ରାଟ ଥିବା ଲୋକ ପଛେ ସେମାନଙ୍କର କୌଣସି ପ୍ରକାର ସାମାଜିକ ଦାୟିତ୍ୱ ନଥାଉ, କି ସେମାନଙ୍କର ପ୍ରରୋଚନାରୁ ସମାଜ ବିପଥଗାମୀ ହୋଇ ରସାତଳକୁ ଚାଲିଯାଉ, ଭାରତର ଶତ୍ରୁ ରାଷ୍ଟ୍ର ପାକିସ୍ତାନ ଓ ତୁର୍କୀକୁ ଅହେତୁକ ଅନୁକମ୍ପା ଦେଖାଇ ଆତଙ୍କବାଦୀଙ୍କ ପରିବାରକୁ ଆର୍ଥିକ ସାହାଯ୍ୟ କରୁଥାନ୍ତୁ, ଭାରତର ବିଭାଜନକାରୀଙ୍କୁ ସମର୍ଥନ କରୁଥାନ୍ତୁ, ଡ୍ରଗ୍ସ କାରବାରରୁ ମିଳୁଥିବା ଅର୍ଥକୁ ଫିଲ୍ମରୁ ମିଳୁଥିବା ଅର୍ଥ କହି ବୈଧ କରୁଥାନ୍ତୁ ଅବା ନିଜ ପ୍ରତିଷ୍ଠାରେ ଆକର୍ଷିତ ହୋଇଥିବା ନବଯୁବତୀ ମାନଙ୍କର ପର୍ଯ୍ୟାପ୍ତି ଶୋଷଣ କରିବାକୁ ପଛଉନଥାନ୍ତୁ ତଥାପି ସେମାନେ ଜାତୀୟ ଗଣମାଧ୍ୟମର ଶ୍ରେଷ୍ଠ ଆକର୍ଷଣ। ଜାମିନ୍ ନମିଳିବା ଧାରାରେ ଅଭିଯୁକ୍ତକୁ ବିଭିନ୍ନ ପେଞ୍ଚ କରି କୋର୍ଟ ଗୁଡିକୁ ନିଜର ମର୍ଯ୍ୟାଦାକୁ ଆଡ କରି ଶହେ କୋଟି ଜନତାଙ୍କ ମତାମତକୁ ନଶୁଣି ଜାମିନ୍ ମିଳିଲା ବୋଲି ପ୍ରାୟ ସମସ୍ତ ଗଣମାଧ୍ୟମରେ ସତେ ଅବା ଭଗବାନ ଅତ୍ୟାଚାରୀ ଶାସକ କବଳରୁ ଜେଲ୍‌ରୁ ମୁକ୍ତି ମିଳିବାରେ ଦୀପାବଳି ପୂର୍ବରୁ ଦେଶ ଅନ୍ୟ ଏକ ଦୀପାବଳି ଦେଖିଲା। ରାଜରାସ୍ତା ଓ ଗଣମାଧ୍ୟମରେ ଉତ୍ସବର ଆନନ୍ଦ ସହିତ ଭାଟ ମାନଙ୍କର ପ୍ରଶସ୍ତିଗାନ ଦେଖି ୱାନ୍‌ଖେଡେ ତୁମେ କ'ଣ ନିଜ କଲା କର୍ମ ପାଇଁ ନିଜକୁ ଧିକାର କରିନାହଁ? ଆମ ରାଜ୍ୟର ପ୍ରତିଷ୍ଠିତ ଆଇପିଏସ୍ ଅରୁଣ ବୋଥ୍ରା, ସଞ୍ଜୀବ ପଣ୍ଡାଙ୍କ ଠାରୁ ତୁମକୁ ଅନେକ ଶିଖିବାର ଅଛି। ଆମ ରାଜ୍ୟର ହୃଦୟ ସମ୍ରାଟ ରାଜ୍ୟ ପାଇଁ ମଦ ପିଇ ପିଇ ମୁହଁ ଫୁଲି ଗଲାପରେ ମଧ୍ୟ ପିଇବା ବନ୍ଦ ନକରି ଗଳି କନ୍ଦିରେ ମଦର ବନ୍ୟା କରାଇ ପାରିଥିବା ସଫଳ ଓ ନିଶାଡି ସରକାରର ଜଙ୍ଗଲ ମନ୍ତ୍ରୀ, ଆଇନ ମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ, କଲେଜ ମାଲିକ ମାନଙ୍କ ନାମକୁ ବଦନାମ କରାଇ ନଦେବାର ଯେଉଁ ସଫଳ ପ୍ରଚେଷ୍ଟା କରାଗଲା ସେଥିରୁ ତୁମକୁ ଶିଖିବାର ଉଚିତ ଥିଲା। ରାଜ୍ୟ ସରକାର ମାନଙ୍କୁ ସର୍ବସାଧାରଣରେ ସତ ହେଉ ବା ମିଛ ଘଟଣାରେ ଅଭିଯୁକ୍ତ କରାଇବା କ'ଣ ପୋଲିସ ଓ ପ୍ରଶାସନର ଉଚିତ କାର୍ଯ୍ୟ? ପଦୋନ୍ନତିର କିଛି ପ୍ରତିବାଦ କରିବା ଉଚିତ୍। ମମିତା, ପରି, ଏସିଏଫ୍ ସୌମ୍ୟରଞ୍ଜନଙ୍କ ଠାରୁ ସରକାରଙ୍କ ଭାବମୂର୍ତ୍ତୀ ଅଧିକ ମହତ୍ୱପୂର୍ଣ୍ଣ ନୁହେଁ କି? ଏଣୁ ୱାନ୍‌ଖଡେ ତୁମେ ଠିକ୍ କଲନି !

# ଆବାସ ଓ ଭତ୍ତା ଅପେକ୍ଷାରେ ଶାନ୍ତିଲତା ଓ ଶୁକୁରି





**ଉଦଳା,(ନିରୁପମା ରଣା):** ସରକାରଙ୍କ ଯୋଜନା ଅନେକ ହେଲେ ବାସ୍ତବରେ ଅନେକ ଯୋଜନା ଫଳପ୍ରଦ ହେଉ ନଥିବା ଦେଖିବାକୁ ମିଳୁଛି। ସରକାରୀ ଯୋଜନା ଯୋଜନା ସତେ ଯେମିତି ସାତସପନ ହୋଇଛି ଏ ମାନଙ୍କ ପାଇଁ। ନିର୍ବାଚିତ ପ୍ରତିନିଧି ଓ ପ୍ରଶାସନଙ୍କୁ ଜଣାଇ ଆସୁଥିଲେ ମଧ୍ୟ କେହି ଶୁଣୁ ନଥିବା କହିଛନ୍ତି ହିତାଧିକାରୀ। ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ୍ କୁଟଲିଂ ଗ୍ରାମର ଏ ହେଉଛନ୍ତି ଶୁକୁରି ଦେହୁରୀ। ବୟସ ଶହେ ଟପିଲାଣି। ଚାଲିବାକୁ ଜୁ ନାହିଁ, କହିବାକୁ ଶକ୍ତି ନାହିଁ ଏହି ପରିକି କାନକୁ ମଧ ଆଉ ଶୁଭୁ ନାହିଁ। ଶୁକୁରୀଙ୍କ ସ୍ୱାମୀ ସୁକୁରା ଆଜକୁ ୨୦ ବର୍ଷ ହେବ ମୃତ୍ୟୁ ହୋଇ ଯାଇଛି। ସେଇ ଦିନ ଠାରୁ ଶୁକୁରି ନିଜ ପୁଅ ବୋହୁ ପାଖରେ ରହୁଥିଲେ। ହେଲେ ଭାଗ୍ୟର ବିଡମ୍ବନା ଦୁଇ ବର୍ଷ ପୂର୍ବରୁ ଶୁକୁରିଙ୍କ ପୁଅ ଆରପାରିକୁ ଚାଲିଗଲେ। ତେବେ ଶୁକୁରି ଆଜି ପର୍ଯ୍ୟନ୍ତ ଆବାସ ଯୋଜନାରେ ଘର ଟିଏ ପାଉନଥିବାବେଳେ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିଛନ୍ତି। କେବଳ ଶୁକୁରି ନୁହଁନ୍ତି ଶାନ୍ତିଲତାଙ୍କ ଅବସ୍ଥା ସମାନ। ଶାନ୍ତିଲତାଙ୍କ ସ୍ୱାମୀ ଦୁଇବର୍ଷ ହେବ ଆରପାରିରେ। ସତେ ଯେମିତି ଶାନ୍ତିଲତାଙ୍କ ପାଇଁ ମଧ୍ୟ ସରକାରୀ ଯୋଜନା ସାତସପନ। ମୁଣ୍ଡ ଗୁଞ୍ଜିବାକୁ ଘର ଟିଏ ନାହିଁ। ଭଙ୍ଗା ଚାଳିରେ ବିତୁଛି ଜୀବନ। ଏହି ପରିକି ବିଧବା ଭତ୍ତା ପାଇଁ ସରପଞ୍ଚଙ୍କୁ କହି ଅଫିସ ଯାଇ ଥକି ଗଲେଣି। କେବଳ ସରକାରୀ ଚାଉଳ ତାଙ୍କ ପାଇଁ ଭରସା। ସରକାରଙ୍କ ମାଳ ମାଳ ଯୋଜନା ସତେ ଯେମିତି ଏହି ଦୁଇ ହିତାଧିକାରୀଙ୍କ ପାଇଁ ଉପହାସ ପାଲଟିଛି। ଶୁକୁରି ମୃତ୍ୟୁ ଅପେକ୍ଷାରେ ଥିବା ବେଳେ ତାଙ୍କ ପାଇଁ ସରକାରୀ ଯୋଜନା ସତେ ଯେମିତି ଉପେକ୍ଷିତ ହୋଇ ରହିଯାଇଛି। ତେବେ ଏ ସମ୍ପର୍କରେ ଉଦଳା ବିଧାୟକ ଭାସ୍କର ମୋଢେଇଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଉଦଳା ବିଡ଼ିଓଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରିବା ସହ ଖୁବ୍‌ଶୀଘ୍ର ଦୁଇ ହିତାଧିକାରୀଙ୍କୁ ସହାୟତା ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଆସନ୍ତା ଶିକ୍ଷାବର୍ଷରୁ କ୍ୟାପିଟାଲ ହସ୍ପିଟାଲ ହେବ ପିଜି ଇନଷ୍ଟିଚ୍ୟୁଟ୍

**ଭୁବନେଶ୍ୱର :** ରାଜ୍ୟର ପ୍ରମୁଖ ହସ୍ପିଟାଲ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲ ଆସନ୍ତା ଶିକ୍ଷାବର୍ଷରୁ ମେଡିକାଲ ଶିକ୍ଷାର ପୋଷ୍ଟ ଗ୍ରାଜୁଏଟ ଇନଷ୍ଟିଚ୍ୟୁଟ୍ ଭାବେ କାର୍ଯ୍ୟ କରିବ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ନୋଟିସ ଜାରି ହୋଇଥିବାବେଳେ ରାଜ୍ୟ ସରକାର ମଧ୍ୟ ୩୭୬କୋଟି ଟଙ୍କାର ବଜେଟ୍ ଏନେଇ ଆବଣ୍ଟନ କରିସାରିଛନ୍ତି।ମିଳିଥିବା ସୂଚନା ଅନୁସାରେ, କ୍ୟାପିଟାଲ ହସ୍ପିଟାଲକୁ ଚଣ୍ଡିଗଡ଼ସ୍ଥିତ ପିଜିଆଇ ଶୈଳୀରେ ମେଡିକାଲ ଶିକ୍ଷାର ପୋଷ୍ଟ ଗ୍ରାଜୁଏଟ୍ ଇନଷ୍ଟିଚ୍ୟୁଟ୍ ଭାବେ ବିକଶିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। କ୍ୟାପିଟାଲ ହସ୍ପିଟାଲର ପିଜିଆଇ (ମେଡିକାଲ କଲେଜ)ରେ ୧୫ଟି ବିଷୟରେ ମୋଟ ୬୦ଟି ପିଜି ସିଟ୍ ରହିବ। ଯେଉଁଥିରେ ୪ଟି ସିଟ୍ ଅଣକ୍ଲିନିକାଲ ଓ ୧୧ଟି ସିଟ୍ କ୍ଲିନିକାଲ ବିଷୟ ନିମନ୍ତେ ଉଦ୍ଦିଷ୍ଟ ହେବ। ଏହି ନୂଆ ପିଜିଆଇ ନିମନ୍ତେ ୪ଏକର ଜମିରେ ୨୯୨କୋଟି ଟଙ୍କା ବ୍ୟୟରେ ଭିତ୍ତିଭୂମି ନିର୍ମାଣ ହେବ। ଏଥିପାଇଁ କ୍ୟାପିଟାଲ ହସ୍ପିଟାଲର ପଛ ପଟରେ ଥିବା ୬୦ଟି ଷ୍ଟାଫ କ୍ୱାଟର୍ସକୁ ଭଙ୍ଗାଯିବା ସହ ଆସନ୍ତା ୨ବର୍ଷ ମଧ୍ୟରେ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଶେଷ ପାଇଁ ଲକ୍ଷ୍ୟ ରଖାଯାଇଛି।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286

# DECLARATION

FORM 1
FORM OF DECLARATION
*(see rule 3)*

I, **Lingaraj Dash** declare that I am the *printer or * publisher or #printer and publisher of the newspaper entitled "EKAMAATRA" to be printed at **Bhubaneswar** published at **Bhubaneswar** or to be * printed and published at **Bhubaneswar** and that particulars in respect of the said newspaper given hereunder are true to the best of my knowledge and belief.

1. Title of the newspaper : EKAMAATRA
2. Language(s) in which it is (to be), published : ODIA
3. Periodicity of its publication
   - (a) Whether a daily, tri-weekly, bi-weekly, weekly fortnightly, or otherwise : WEEKLY
   - (b) In the case of a daily, please state whether it: Morning or evening newspaper? : No
   - (c) In the case of a newspaper other than a daily, please state the days(s)/ date (s) on which it is (to be) published : MONDAY
4. Retail selling price of the newspaper per copy : Rs.5/-
   - (a) If the newspaper is for free distribution, please state that it is "for free distribution". : Yes
   - (b) If it has only an annual subscription and no retail price, please state the annual subscription : No
5. Publisher's name : Lingaraj Dash
   - Nationality : Indian
   - (a) Whether a citizen of India? : Yes
   - (b) If a foreigner, please state the country of origin : No
   - Address : C/o. Arttatrana Dash, Plot No.4233, Sulochana Bhawan, Behind Badagada High School, Badagada, Bhubaneswaar-751018, Dist-Khordha, Odisha, Email-lingaraj@gmail.com

Place of Publication (Please give the complete postal address) : Plot No-4233 , Sulochana Bhawan, Behind Badagada High School, Badagada, Bhubaneswar- 751018, Dist Khordha, Odisha, Email - lingaraj@gmail.com

7. Printer's Name : Lingaraj Dash
   - Nationality : Indian
   - (a) Whether a citizen of India? : Yes
   - (b) If a foreigner, please state the country of origin : No
   - Address. : Plot No-4233 , Sulochana Bhawan, Behind Badagada High School, Badagada, Bhubaneswar- 751018, Dist Khordha, Odisha, Email - lingaraj@gmail.com
8. Name(s) of the printing press (es) where the The newspaper is actually printed and the true and precise description of the premises on which the press(es) is / are installed : Radhakrushna Publication Pvt. Ltd, Plot No- H/18, Mancheswar Ind. Estate, Bhubaneswar- 10
9. Editor's Name : Tarak Mohanty
   - Nationality : Indian
   - (a) Whether a citizen of India? : Yes
   - (b) If a foreigner, please sate the country of origin : No
   - Address : Sector-2/288, 289, Niladri Vihar Chandrasekharpur, Bhubaneswar 751021, Khordha, Odisha
10. Owner's Name : Lingaraj Dash
    - (a) Please state the particulars of individuals (s) or of the firm, Joint Stock Company, trust, individuals co-operative society or association which owns the newspaper : Individuals
    - (b) Please state whether the owner owns any other newspaper, and, if so, its name, periodicity, language and place of publication : No
11. Please state whether the declaration is in respect of
    - (a) a new newspaper, or : No
    - (b) an existing newspaper, : Yes
    - (c) in case the declaration falls under item (b), the reason for filing the fresh declaration : Change of ownership, Publisher, Printer & Place of Publication

Date

Signature: Lingaraj Dash.
Name (in Block letters): LINGARAJ DASH
Designation: PUBLISHER & PRINTER

Addl. District Magistrate Bhubaneswar

Authenticated on this day 4th of month October year 2021 under my seal and signature.

(Signature and seal of the Magistrate authenticating the declaration)
Collector & District Magistrate
Khordha

# ଜୁଲାଇ ୩୧ରେ ଭାରତ-ପାକିସ୍ତାନ ମ୍ୟାଚ



**ବର୍ମିଂହାମ୍ :** ପୁଣିଥରେ କ୍ରିକେଟ୍ ମଇଦାନରେ ମୁହାଁମୁହିଁ ହେବେ ଭାରତ ଓ ପାକିସ୍ତାନ। ଆଇସିସି ଟି-୨୦ ବିଶ୍ୱକପ୍ ପରେ ଆସନ୍ତା ବର୍ଷ ଇଂଲଣ୍ଡର ବର୍ମିଂହାମରେ ଆୟୋଜିତ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ଓ ପାକିସ୍ତାନ ମଧ୍ୟରେ ଟି-୨୦ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ମ୍ୟାଚ୍ ଆସନ୍ତାବର୍ଷ ଜୁଲାଇ ୩୧ ତାରିଖରେ ଅନୁଷ୍ଠିତ ହେବ। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କ୍ରିକେଟକୁ ପୁଣିଥରେ ସାମିଲ୍ କରାଯିବା ପରେ ଏହି ମ୍ୟାଚକୁ ନେଇ ଏବେଠାରୁ ଉତ୍ସାହ ଦେଖିବାକୁ ମିଳିଛି। ତେବେ ପ୍ରଥମଥର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କ୍ରିକେଟକୁ ଏଣ୍ଟ୍ରୀ ମିଳିଛି। ଏହା ପୂର୍ବରୁ ୧୯୯୮ରେ କୁଆଲା ଲୁମ୍ପୁର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କ୍ରିକେଟ୍ ସାମିଲ୍ ହୋଇଥିଲା। ରାଜ୍ୟଗୋଷ୍ଠୀ କ୍ରୀଡ଼ାର କ୍ରିକେଟ୍ ଇଭେଣ୍ଟରେ ମୋଟ ୮ଟି ମହିଳା କ୍ରିକେଟ୍ ଟିମ୍ ଭାଗ ନେବେ। ସେଥିମଧ୍ୟରୁ ଗ୍ରୁପ୍-ଏ'ରେ ଭାରତ, ଅଷ୍ଟ୍ରେଲିଆ, ପାକିସ୍ତାନ ଓ ବାର୍ବାଡୋସ୍ ସ୍ଥାନ ପାଇଛନ୍ତି। ସେହିପରି ଗ୍ରୁପ୍-ବି'ରେ ଇଂଲଣ୍ଡ, ନ୍ୟୁଜିଲ୍ୟାଣ୍ଡ, ଦକ୍ଷିଣ ଆଫ୍ରିକା ଓ କ୍ୱାଲିଫାୟର ଟିମ୍ ରହିଛନ୍ତି। ମହିଳା କ୍ରିକେଟ୍ ପ୍ରତିଯୋଗିତା ଜୁଲାଇ ୨୯ ତାରିଖରୁ ଏଜବାଷ୍ଟନରେ ଆରମ୍ଭ ହେବ ବୋଲି ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ସୂଚନା ଦେଇଛି। ପ୍ରଥମ ମ୍ୟାଚ୍ ଜୁଲାଇ ୨୯ ତାରିଖରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ହେବ। ଯାହା ପରେ ଭାରତ ଜୁଲାଇ ୩୧ ତାରିଖରେ ପାକିସ୍ତାନକୁ ଭେଟିବ। ସେହିପରି ଅଗଷ୍ଟ ୩ ତାରିଖରେ ଭାରତ ତା'ର ତୃତୀୟ ମ୍ୟାଚରେ ବାର୍ବାଡୋସକୁ ଭେଟିବ। ଆୟୋଜକ ଇଂଲଣ୍ଡ ଜୁଲାଇ ୩୦ ତାରିଖରେ ତା'ର ପ୍ରଥମ ମ୍ୟାଚରେ କ୍ୱାଲିଫାୟର ଟିମକୁ ଭେଟିବ। କ୍ୱାଲିଫାୟର ୨୦୨୨ ଆରମ୍ଭରୁ ଖେଳାଯିବ। ଇଂଲଣ୍ଡ ତା'ର ଦ୍ୱିତୀୟ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ଅଗଷ୍ଟ ୨ରେ ଏବଂ ତୃତୀୟ ମ୍ୟାଚରେ ନ୍ୟୁଜିଲ୍ୟାଣ୍ଡକୁ ଅଗଷ୍ଟ ୪ ତାରିଖରେ ଭେଟିବ।

PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି